

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୪ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 MAY 2021
Vol.No. 32 ■ No. 132 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ
ରଥ ସଂଖ୍ୟା .....
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପାରାଦୀପ ଓ ସାଗର ଦ୍ୱୀପ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ ୟାସ୍

## ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ଘଂଟା ପ୍ରତି ୧୫୫ରୁ ୧୬୫ କିମି ଆଶଙ୍କା

ଭୁବନେଶ୍ୱର,୨୩/୦୫ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି। ଆସନ୍ତାକାଲି ଏହା ବାତ୍ୟାର ରୂପ ନେଇ ଉପକୂଳ ଆଡକୁ ଗତି କରିବ। ୨୬ ତାରିଖ ସଂଧ୍ୟା ସୁଦ୍ଧା ସମ୍ଭାବ୍ୟ ବାତ୍ୟା 'ୟାସ୍' ପାରାଦୀପ ଓ ସାଗର ଦ୍ୱୀପ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ ବୋଲି ଆଜି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ବାତ୍ୟା ପ୍ରଭାବରେ ଉତର ଓଡିଶା ଜିଲ୍ଲାଗୁଡିକରେ ପ୍ରବଳ ବର୍ଷା ସହ ପ୍ରବଳ ବେଗରେ ପବନ ବହିପାରେ। ସର୍ବାଧିକ ପ୍ରଭାବିତ ହେବେ ବାଲେଶ୍ୱର,



ଜଗତସିଂହପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା। ଏସବୁ ଜିଲ୍ଲାରେ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହୋଇପାରେ। ଏହା ବ୍ୟତୀତ ଯାଜପୁର ମୟୂରଭଞ୍ଜ, ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରମଧ୍ୟକୁ ନଯବାକୁ ପରାମର୍ଶ ଦିଆଯାଇଛି। ଏହାସହ ଓଡ଼ିଶାର ସମସ୍ତ ବନ୍ଦର ଗୁଡିକ ପାଇଁ ବିପଦ ସଂକେତ-୧ ଜାରି କରାଯାଇଛି। ଅପରପକ୍ଷରେ ଓଡ଼ିଶାକୁ ଆଉ ୧୦ ଏନଡିଆରଏଫ୍ ଟିମ୍ ବୋଲି ଏନଡିଆରଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ପୂର୍ବରୁ ଓଡ଼ିଶାକୁ ୨୨ଟି ଟିମ୍ ଯାଇଥିବା ବେଳେ ଏସଆରସି ଆଉ ୧୦ ଟିମ୍ ମାଗିଛନ୍ତି। ଆଜି ସନ୍ଧ୍ୟା କିମ୍ବା ରାତି ସୁଦ୍ଧା ଏୟାର ଲିଫ୍ଟ କରି ଟିମ୍ ପହଂଚାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଆଜି ଲଘୁଚାପ କ୍ଷେତ୍ରଟି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ବାଲେଶ୍ୱର ପାଖରୁ ପାଖାପାଖି ୭୦୦ କିଲୋମିଟର ଦୂରରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ଅଛି। ଆସନ୍ତାକାଲି ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବ ବୋଲି ଆମେ ପୂର୍ବାନୁମାନ କରିଛୁ। ତା'ପରେ ଏହା ଉତର ଏବଂ ଉତର-ପଶ୍ଚିମ ଦିଗରେ ଗତି କରିବ। ୨୫ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଅତି ପ୍ରବଳ ବାତ୍ୟାରେ ପରିଣତ ହେବ। ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଉତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳକୁ ପାରାଦୀପ ଓ ସାଗର ଦ୍ୱୀପ ମଧ୍ୟରେ ଅତିକ୍ରମ କରିବ। ▶▶ପୃଷ୍ଠା ୭

# ବାତ୍ୟା 'ୟାସ୍' ମୁକାବିଲା ପ୍ରସ୍ତୁତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

## ସ୍ଥାନାନ୍ତରଣ, ବିଜୁଳି ଓ ଯୋଗାଯୋଗ ଯେପରି ବିଚ୍ଛିନ୍ନ ନହୁଏ ତା ଉପରେ ଫୋକସ୍

ନୂଆଦିଲ୍ଲୀ,୨୩/୦୫ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟାସ୍' ମୁକାବିଲା ପାଇଁ ସମୀକ୍ଷା ବୈଠକ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହାପରେ ସେ ପ୍ରଭାବିତ ଅଞ୍ଚଳ ଗୁଡିକରେ ଲୋକଙ୍କୁ ସହାୟତା ଯୋଗାଇ ଦେବାପାଇଁ ବିଭିନ୍ନ ଉଦ୍ୟମ ସମ୍ପର୍କରେ ଅବଗତ ହେଲି ଏବଂ ସ୍ଥାନାନ୍ତରଣ, ବିଜୁଳି ଓ ଯୋଗାଯୋଗ ବ୍ୟବସ୍ଥା ଯେପରି ବିଚ୍ଛିନ୍ନ ନହୁଏ ସେଥିପାଇଁ ଗୁରୁତ୍ୱାରୋପ କଲି ବୋଲି ଟୁଇଟ୍ କରି ସୂଚନା ଦେଇଛନ୍ତି । ଏହି ଭର୍ଚ୍ୟୁଆଲ୍ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ଉପସ୍ଥିତ ଥିଲେ। ସାମୁଦ୍ରିକ ବାତ୍ୟା



'ୟାସ୍' ପଶ୍ଚିମବଙ୍ଗର ସୁନ୍ଦରବନ ଓ ଉତ୍ତର ଓଡ଼ିଶା ମଧ୍ୟରେ ସ୍ଥଳଭାଗକୁ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ଥିବା କଥା ଭାରତୀୟ ପାଣିପାଗ ବିଭାଗ କହିଛି। ମେ ୨୨ ତାରିଖ ଦିନ କ୍ୟାବିନେଟ୍ ସେକ୍ରେଟେରି କମିଟି 'ନ୍ୟାସ୍‌ନାଲ୍ କ୍ରାଇସିସ୍ ମ୍ୟାନେଜ୍‌ମେଣ୍ଟ୍ କମିଟି', ସବୁ ଉପକୂଳବର୍ତ୍ତୀ ରାଜ୍ୟ ଓ ▶▶ପୃଷ୍ଠା ୭

## ବାତ୍ୟାପାଇଁ ଜଳ ସମ୍ପଦ ବିଭାଗ ଅଧିକାରୀମାନଙ୍କ ଛୁଟି ବାତିଲ୍

ଭୁବନେଶ୍ୱର,୨୩/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ୟାସ୍ ପାଇଁ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ କରି ଦିଆଯାଇଛି। କେହି ହେଡ୍ କ୍ୱାର୍ଟର୍ସ ଛାଡ଼ି ଯାଇପାରିବେ ନାହିଁ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଭାବିତ ହେବାକୁ ଥିବା ୧୦ ଜିଲ୍ଲାକୁ ସଜାଗ ରହିବା ପାଇଁ କୁହାଯାଇଛି। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଜିଲ୍ଲା ପ୍ରଶାସନ ସହ ମିଶି କାମ କରାଯିବ। ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୋଲାଯାଇଛି । ସମସ୍ତେ ଯୋଗାଯୋଗରେ ଅଛନ୍ତି।

## ବାତ୍ୟା ପାଇଁ ୨୫ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୨୩/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ୟାସ୍‌କୁ ଦୃଷ୍ଟିରେ ରଖି ପୂର୍ବ ରେଳପଥ ପକ୍ଷରୁ ଆସନ୍ତା ୨୪ରୁ ୨୬ ତାରିଖ ମଧ୍ୟରେ ଓଡ଼ିଶା ବାଟଦେଇ କିମ୍ବା ଓଡ଼ିଶାକୁ ଚାଲିବାକୁ ଥିବା ୨୫ଟି ଟ୍ରେନକୁ ବାତିଲ କରିଛି। ସେଗୁଡ଼ିକ ମଧ୍ୟରେ ରହିଛି ଗୁଆହାଟୀ-ବାଙ୍ଗାଲୋର କାଂଟ, ମୁଜାଫରପୁର-ୟଶବନ୍ତପୁର, ଏର୍ଣ୍ଣାକୁଲମ-ପାଟନା, ନ୍ୟୁ ତିନସୁକିଆ-ତମବରମ,ଭାଗବଲପୁର-ୟଶବନ୍ତପୁର, ପାଟନା-ପୁରୀ, ପୁରୀ-ଜୟନଗର, ବାଙ୍ଗାଲୋର କାଂଟ-ଗୁଆହାଟି ପାଟନା-ଏର୍ଣ୍ଣାକୁଲମ,ଅଗରତାଲା-ବାଙ୍ଗାଲୋର କାଣ୍ଟଂଟ, ଅଗରତାଲା-ବାଙ୍ଗାଲୋର କାଂଟ, ନ୍ୟୁ ଜଲପାଇଗୁଡ଼ି-ଚେନ୍ନାଇ ସେଂଟ୍ରାଲ।

## ଗୋଟିଏ ଦିନରେ ୧୨୮୫୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୮୫୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୯୨୩୮୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୭୭୯୮୩ ରୋଗୀ ସୁସ୍ଥ ହୋଇ ସାରିଥିବା ▶▶ପୃଷ୍ଠା ୭

# ପିଏମ୍ କେୟାର୍ସ ଫଣ୍ଡରୁ ୮ଟି ଜିଲ୍ଲାରେ ପ୍ରତିଷ୍ଠା ହେବ ଅକ୍ସିଜେନ୍ ପ୍ଲାଂଟ୍ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩/୦୫ (ନି.ପ୍ର): ପିଏମ କେୟାର୍ସ ଫଣ୍ଡରୁ ପୁଣି ଓଡ଼ିଶାର ୮ଟି ଜିଲ୍ଲାରେ ପ୍ରେସର ସ୍ୱିଙ୍ଗ ଆଡ୍‌ଜର୍ପସନ (ପିଏସଏ) ମେଡ଼ିକାଲ ଅକ୍ସିଜେନ୍ ପ୍ଲାଂଟ୍ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ା. ହର୍ଷବର୍ଦ୍ଧନଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ସମୟୋପଯୋଗୀ ପଦକ୍ଷେପ ଦ୍ୱାରା ଅନେକ ଲୋକଙ୍କ ଅମୂଲ୍ୟ ଜୀବନକୁ ରକ୍ଷା କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟର ବାଲେଶ୍ୱର, ଭଦ୍ରକ, ବଲାଙ୍ଗିର,



ଦେବଗଡ଼, ଝାରସୁଗୁଡ଼ା, କୋରାପୁଟ, ନୟାଗଡ଼ ଏବଂ ସୋନପୁର ଜିଲ୍ଲାରେ ଡ଼ିଆରଡ଼ିଓ ଦ୍ୱାରା ପିଏସଏ ଅକ୍ସିଜେନ୍ ପ୍ଲାଂଟ୍ ପ୍ରତିଷ୍ଠା କରାଯିବ। ଓଡ଼ିଶାର ବୌଦ୍ଧ ଏବଂ କଟକ ଜିଲ୍ଲାରେ ଡ଼ିଆରଡ଼ିଓ ପିଏସଏ ଅକ୍ସିଜେନ ପ୍ଲାଂଟ୍ ସ୍ଥାପନ କରୁଛି। ଅପରପକ୍ଷରେ ଓଡ଼ିଶାର ପ୍ରତ୍ୟେକଟି ଜିଲ୍ଲାରେ ପିଏସଏ ଅକ୍ସିଜେନ ପ୍ଲାଂଟ୍ ସ୍ଥାପନା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ହସ୍ତକ୍ଷେପ ଲୋଡ଼ିଥିବା ପରିପ୍ରେକ୍ଷୀରେ ଢ଼େଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ରାୟଗଡ଼ା ଜିଲ୍ଲାରେ ପିଏସଏ ପ୍ଲାଂଟ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ପ୍ରତିଶୃତି ଦେଇଛନ୍ତି । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କ୍ୟାପଟିଭ୍ ମେଡ଼ିକାଲ ଅକ୍ସିଜେନ୍ ଜେନେରେସନ ପ୍ଲାଂଟ୍ ପ୍ରତିଷ୍ଠା ହେଲେ ରାଜ୍ୟର କୋଭିଡ୍-୧୯ ବିରୋଧୀ ଲଢ଼େଇକୁ ସଶକ୍ତ କରିବା ସହ ସ୍ୱାସ୍ଥ୍ୟ ଆହ୍ୱାନ ଗୁଡ଼ିକୁ ମୁକାବିଲା କରିବା ପାଇଁ ରାଜ୍ୟକୁ ପ୍ରସ୍ତୁତ ରଖିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ପୂର୍ବରୁ ରାଜ୍ୟରେ ପିଏମ କେୟାର୍ସ, ପେଟ୍ରୋଲିୟମ ▶▶ପୃଷ୍ଠା ୭

# ପୁଣି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି

## ପେଟ୍ରୋଲ ୧୭ ପଇସା, ଡିଜେଲ ୨୯ ପ୍ରତି ଲିଟର ପିଛା ବୃଦ୍ଧି

ନୂଆଦିଲ୍ଲୀ,୨୩/୦୫ (ନି.ପ୍ର): ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ସ୍ଥିରତା ସତ୍ତ୍ୱେ ଘରୋଇ ବଜାରରେ ଉଭୟ ଇନ୍ଧନ ମୂଲ୍ୟରେ ପରିବର୍ତନ ଆସିଛି । ସାର୍ବଜନିକ କ୍ଷେତ୍ରରେ ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ଗୋଟିଏ ଦିନ ପରେ ପୁଣି ପେଟ୍ରେଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି । ଏହି ବୃଦ୍ଧି ସହିତ ରବିବାର ଦିନ ପେଟ୍ରୋଲ ଲିଟରପିଛା ୧୫ ରୁ ୧୭ ପଇସା ଏବଂ ଡିଜେଲ ଲିଟର ପିଛା ୨୫ ରୁ ୨୯ ପଇସା ମହଙ୍ଗା ହୋଇଛି । ଇଣ୍ଡିଆନ ଅଏଲ ୱେବ୍‌ସାଇଟ୍ ଅନୁଯାୟୀ, ଦେଶରେ ଚାରି ମହାନଗରୀ ଯଥା ଦିଲ୍ଲୀ,



ମୁମ୍ବାଇ, ଚେନ୍ନାଇ ଏବଂ କଲିକତାରେ ପେଟ୍ରୋଲର ମୂଲ୍ୟ ଯଥାକ୍ରମେ ୯୩.୨୧, ୯୯.୪୯, ୯୪.୮୬ ଏବଂ ୯୩.୨୭ ଟଙ୍କାକୁ ବୃଦ୍ଧି ପାଇଛି । ଏଥି ସହିତ ଏହି ମେଟ୍ରୋ ଗୁଡ଼ିକରେ ଡିଜେଲ ଯଥାକ୍ରମେ ଲିଟର ପିଛା ୮୪.୦୭, ୯୧.୩୦, ▶▶ପୃଷ୍ଠା ୭

# ଦ୍ୱାଦଶ ପରୀକ୍ଷାକୁ ନେଇ ବୈଠକ

## ସ୍ଥିତି ସ୍ୱାଭାବିକ ହେଲେ ପରୀକ୍ଷା ବା ସଂକ୍ଷିପ୍ତ ପରୀକ୍ଷା ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଦ୍ୱାଦଶ ପରୀକ୍ଷା ନେଇ ଦୁଇଟି ପ୍ରସ୍ତାବ ଦିଆଯାଇଛି। ପ୍ରଥମ ପ୍ରସ୍ତାବରେ ସ୍ଥିତି ସ୍ୱାଭାବିକ ହେଲେ ସାଧାରଣ ଭାବେ ଯେଭଳି ପରୀକ୍ଷା ହୁଏ ସେଭଳି ପରୀକ୍ଷା କରାଯିବାକୁ କୁହାଯାଇଛି । ଦ୍ୱିତୀୟ ପ୍ରସ୍ତାବରେ ସଂକ୍ଷିପ୍ତ ଭାବେ ପରୀକ୍ଷା କରିବା ଲାଗି ବ୍ଲୁପ୍ରିଂଟ ତିଆରି ହୋଇଛି ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଛନ୍ତି । ରବିବାର ଦିନ ସିବିଏସଇ ଯୁକ୍ତ ପରୀକ୍ଷାକୁ ନେଇ କେନ୍ଦ୍ର ପ୍ରତିରକ୍ଷା



ମନ୍ତ୍ରୀ ରାଜନାଥ ସଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ପରେ ମନ୍ତ୍ରୀ ପ୍ରତିକ୍ରିୟା ଦେଇ ଏହା କହିଛନ୍ତି । ସେ କହିଛନ୍ତି ଯେହ ମହାରାଷ୍ଟ୍ର ଓ ଦିଲ୍ଲୀକୁ ଛାଡି ସମସ୍ତ ରାଜ୍ୟ ଓ ▶▶ପୃଷ୍ଠା ୭

# ତଳକୁ ଖସୁଛି କରୋନା ମିଟର

## ୨୪ ଘଂଟାରେ ଦେଶରେ ୨୪୦୮୪୨ ଆକ୍ରାନ୍ତ ଚିହ୍ନଟ, ୩୭୪୧ ମୃତ

ନୂଆଦିଲ୍ଲୀ,୨୩/୦୫ (ନି.ପ୍ର): ଗତ ୨୪ ଘଂଟାରେ ଦେଶରେ ୨ ଲକ୍ଷ ୪୦ ହଜାର ୮୪୨ ନୂଆ ଆକ୍ରାନ୍ତ ଚିହ୍ନଟ । ୩ ହଜାର ୭୪୧ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି । ସେହିପରି ଗୋଟିଏ ଦିନରେ ୩ଲକ୍ଷ ୫୫ ହଜାର ୧୦୨ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ଦେଶରେ ଦୈନିକ ସଂକ୍ରମଣକୁ ମିଶାଇ ମୋଟ ସଂକ୍ରମଣ ସଂଖ୍ୟା ୨ କୋଟି ୬୫ ଲକ୍ଷ ୩୦ ହଜାର ୧୩୨ରେ ପହଂଚିଛି । ସେହିପରି ମୋଟ



ମୃତ୍ୟୁ ସଂଖ୍ୟା ୨ଲକ୍ଷ ୯୯ ହଜାର ୨୬୬ ରହିଛି । ଦେଶରେ ସକ୍ରିୟ ସଂକ୍ରମିତ ସଂଖ୍ୟା ରହିଛି ୨୮ ଲକ୍ଷ ୫ ହଜାର ୩୯୯ । ସେହିପରି ମୋଟ ସୁସ୍ଥ ସଂଖ୍ୟା ରହିଛି ୨କୋଟି ୩୪ ଲକ୍ଷ ୨୫ ହଜାର ୪୬୭ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତଥ୍ୟ ଅନୁସାରେ, ଗତକାଲି ସନ୍ଧ୍ୟା ୬ଟା ସୁଦ୍ଧା ସମୁଦାୟ ୧୯,୫୦,୦୪,୧୮୪ଜଣ ହିତାଧିକାରୀଙ୍କୁ ଟିକା ଦିଆଯାଇଛି । 'ଆଇସିଏମ୍‌ଆର୍' କହିବା ଅନୁସାରେ, ଏହି ଭୂତାଣୁଜନିତ ରୋଗ ଚିହ୍ନଟ ପାଇଁ ମେ ୨୨ ତାରିଖ ସୁଦ୍ଧା ସମୁଦାୟ ୩୨,୮୬,୦୭,୯୩୭ ନମୁନା ପରୀକ୍ଷା ସରିଛି। ଗତକାଲି ପରୀକ୍ଷା ହୋଇଛି ୨୧,୨୩,୭୮୨ଟି ନମୁନା ।

# ବାଲେଶ୍ୱରରେ ଏସଆରସିଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା

ବାଲେଶ୍ୱର,୨୩/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ୟସ'ର ମୁକାବିଲା ନେଇ ବାଲେଶ୍ୱର ଜିଲା ପ୍ରଶାସନର ପ୍ରସ୍ତୁତି ଓ ଆଗୁଆ ପଦକ୍ଷେପ ସମ୍ବନ୍ଧରେ ରବିବାର ସମୀକ୍ଷା କରିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା। ସ୍ଥାନୀୟ ଓସ୍ୱାନ ହଲରେ ଭର୍ଚୁଆଲ ମୋଡରେ ଆୟୋଜିତ ବୈଠକରେ ଯୋଗ ଦେଇ ମୁକାବିଲା ପ୍ରସ୍ତୁତିର ବିଭିନ୍ନ ଦିକ ସମ୍ପର୍କରେ ସେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା କରିଥିବା ଆୟୋଜିତ ସାମ୍ବାଦିକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ବାତ୍ୟାର ଗତିପଥ କି ଛୁଇଁବାକୁ ଥିବା ସ୍ଥଳଭାଗ ସମ୍ବନ୍ଧରେ ପାଣିପାଗ ବିଭାଗର ଆକଳନ ସ୍ପଷ୍ଟ ହୋଇ ନ



ଥିଲେ ବି ବାତ୍ୟାର ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସଜାଗ ରଖାଯାଇଛି । ସାମୁଦ୍ରିକ ଜୁଆର ପଶିବା, ବର୍ଷା ଜଳରେ ବୁଡି ରହିବା ସମ୍ଭାବନା ଥିବା ଗାଁ, କଚ୍ଚା ଓ ଆଜବେଷ୍ଟସ ଘରର ଲୋକମାନଙ୍କୁ ସ୍ଥାନାନ୍ତର ପାଇଁ ବହୁମୁଖୀ ବାତ୍ୟାଶ୍ରୟ ଓ ଚିହ୍ନଟ ଅତିରିକ୍ତ ଅସ୍ଥାୟୀ ଅଶ୍ରାୟସ୍ଥଳୀ ସବୁ ବିଶୋଧନ କରାଯିବା ସହ ଶୁଖିଲା ଖାଦ୍ୟ, ଜେନରେଟର ଆଦି ପ୍ରଶାସନ ତର'ରୁ ପ୍ରସ୍ତୁତ କରାଯାଇଛି । ବିଡିଓ, ତହସିଲଦାର, ସିଡିପିଓ,ସ୍ୱାସ୍ଥ୍ୟକର୍ମୀ ଭଲକାମ କରୁଛନ୍ତି ଏବଂ ପ୍ରସ୍ତୁତି ଭଲ ଅଛି ବୋଲି ସେ ପ୍ରକାଶ କରିଥିଲେ। ୧୨୦ରୁ ୧୬୫ କିମି ବେଗର ପବନ ଓ ପ୍ରବଳ ବର୍ଷାକୁ ଆଖି ଆଗରେ ରଖି ପ୍ରସ୍ତୁତି କରାଯାଇଛି । ବାତ୍ୟା ସମୟରେ ଜନଜୀବନ ଉଦ୍ଧାର ପାଇଁ ୪ଟି ଓଡ୍ରାଫ, ୭ଟି ଏନଡିଆରଏଫ, ୯ଟି ଅଗ୍ନିଶମ ଦଳ ପ୍ରସ୍ତୁତ ରଖାଯାଇଛି । ବାତ୍ୟାର ସଠିକ ଆକଳନ ପରେ ଆବଶ୍ୟକ ହେଲେ ଅଧିକ ଦଳ ପାଇଁ ଚେଷ୍ଟା କରାଯିବ । ବାତ୍ୟା ହେଲେ ପାନୀୟ ଜଳ, ▶▶ପୃଷ୍ଠା ୭

## ବୁଲା ଗାଈ ଗୋରୁ ଓ କୁକୁରଙ୍କ ଖାଦ୍ୟ ପାଇଁ ୫୫ ଲକ୍ଷ ଟଙ୍କା ମଂଜୁର

ଭୁବନେଶ୍ୱର,୨୩/୦୫ (ନି.ପ୍ର): କୋଭିଡ଼ ମହାମାରୀ ନିୟନ୍ତ୍ରଣ ପାଇଁ ବତମାନ ସାରା ରାଜ୍ୟରେ ଲକ୍ ଡାଉନ୍ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଲା ଗାଈ ଗୋରୁ କୁକୁର ଆଦି ପ୍ରାଣମାନେ ଖାଦ୍ୟ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତାଙ୍କ ରିଲିଫ ପାଣ୍ଠିରୁ ୫ ମହାନଗର ନିଗମ ୪୮ ଟି ମ୍ୟୁନିସପାଲଟି ଓ ୬୧ ଟିଏନ୍ଏ ସି ମାନଙ୍କୁ ୫୫ ଲକ୍ଷ ଟଙ୍କା ସହାୟତା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ ସେମାନେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ଜରିଆରେ ବୁଲା ପ୍ରାଣୀ ମାନଙ୍କୁ ଖାଦ୍ୟ ଯୋଗାଇ ଦେବେ । ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ଏଥିପାଇଁ ଦୈନିକ କୋଡ଼ିଏ ହଜାର ଟଙ୍କା, କଟକ, ସମ୍ବଲପୁର, ରାଉରକେଲା, ଓ ବ୍ରହ୍ମପୁର ମହାନଗର ନିଗମ ଦୈନିକ ଦଶହଜାର ଟଙ୍କା, ମ୍ୟୁନିସପାଲଟି ମାନେ ଦୈନିକ ୫ ହଜାର ଟଙ୍କା ଓ ଏନ ଏ ସି ମାନେ ଦୈନିକ ଦୁଇ ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ସୂଚନାଯୋଗ୍ୟ ଯେ ଗତ ୯ ତାରିଖ ଦିନ ଏହି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ୬୦ ଲକ୍ଷ ଟଙ୍କା ମଂଜୁର କରାଯାଇଥିଲା ।

# ମହାମାରୀ କରୋନା, ପ୍ରତି ମୁହୂର୍ତ୍ତରେ ସଂଜ୍ଞା ହରାଉଛି ମାନବୀୟ ମୂଲ୍ୟବୋଧ

ରାଉରକେଲା, ୨୩/୫ (ନି.ପ୍ର): ମହାମାରୀ କରୋନା ଆଜି ତାର ସର୍ବନାଶୀ ରୂପରେ ଏ ମାନବ ଜାତିକୁ ତାର କରାଳ ରୂପ ଦେଖେଇ ଚାଲିଛି । ଧନୀ ନିର୍ଦ୍ଧନ ନିର୍ବିଶେଷରେ ସମସ୍ତଙ୍କୁ ତାର ସଇତାନୀ ଓ ନିରବ ବିକଟାଳ ଫାଶରେ ବାନ୍ଧି କନ୍ଦାଇ ମାରୁଛି । ଭୟାତୁର ମଣିଷ ନିରୁପାୟ । ଆଧୁନିକ ଜ୍ଞାନ ବିଜ୍ଞାନ କୋଭିଡ ପଛରେ ଧାଉଁଛି ଅଣ ନିଶ୍ୱାସୀ ହୋଇ । ଯେତେ ଟିକା, ଔଷଧ ଆଦି ଉପଚାର ଗତି ରୋଧ କରିପାରୁନି ଏହି କ୍ଷୁଦ୍ର ଭୂତାଣୁର । ପରିସ୍ଥିତି ଏବେ ମଣିଷ ଦେହରୁ ନେଇ ମାଟି, ପାଣି ଓ ପବନ ଯାଏ ଅବିଶ୍ୱାସର ବିଷ ମଂଜି ବୁଣି ସାରିଲାଣି । ବ୍ଲାକ ଫଙ୍ଗସ ଯୋଗୁ ଲୋକେ ମାଟି ଛୁଇଁବାକୁ ଡରୁଛନ୍ତି । ଗଙ୍ଗା ଭଳି ପବିତ୍ର ନଦୀରେ ଶହ ଶହ ଭାସମାନ ଶବ ପାଣି ଛୁଇଁବାକୁ ଡରାଇଲାଣି । ଏଣେ ନିଜ ନିଶ୍ୱାସକୁ ବିଶ୍ୱାସ ପାଉନି ମଣିଷର । ମୁହଁରେ ତୁଣ୍ଡି ବାନ୍ଧି ଘର ଭିତରେ ଆବଦ୍ଧ କରିବାକୁ ପଡୁଛି ନିଜକୁ । ବିଶ୍ୱାସ ଅବିଶ୍ୱାସ ଭିତରେ ପର ପାଲଟି ଯାଇଛନ୍ତି ଆପଣାର ମଣିଷମାନେ । ବଜାର ଘାଟରେ ଚିହ୍ନାମୁହଁ ଦେଖିଲେ ବାଟ ଭାଙ୍ଗି ଫେରି ଆସିବାକୁ ପଡୁଛି । ସମ୍ବୋଧନ କରିବାକୁ ସଂକୋଚ ଲାଗୁଛି । ମନରେ ଶଙ୍କା ଆସୁଛି, ଇଏ କରୋନା ଆକ୍ରାନ୍ତ ନୁହଁନ୍ତି ତ । ପଛରୁ କେହି ଡାକିଲେ ଶୁଣି ନଶୁଲା ପରି ଚାଲି ଆସୁଛୁ ଆମେ । ପରସ୍ପରଠୁ ମୁକ୍ତିକାମି ପାଲଟି ଯାଇଛୁ ଆମେ । ସାମାଜିକ ଦାୟୀତ୍ୱ ଦିଗହରା । ମାସ ମାସ ଧରି ନିଜ ଘର ଫାଟକରେ ତାଲା ଠୁଙ୍କି ରହିବାକୁ ପରିସ୍ଥିତି ବାଧ୍ୟ କରିଛି । ନିଜ ସାହି କିମ୍ବା ପଡିଶା ଘରେ ଶୁଭୁନି ପୂର୍ବ ପରି କୋଳାହଳ । କେହି କାହା ଦୁଆର ମାଟି ମାଡୁନି । ସକାଳୁ ଅନ୍ୟ ବାଡିରେ ପଶି ଫୁଲ ତୋଳା ବନ୍ଦ ହୋଇଯାଇଛି । କ୍ଷୀରବାଲା, ଖଗଜ କାଗଜ ବାଲାଙ୍କ ମୁହଁରେ ହସ ନାହିଁ । ଘର ଆଗରେ ପିଲାଙ୍କ ପାଟିତୁଣ୍ଡ ଶୁଣା ଯାଉନି । ସାଙ୍ଗସାଥିଙ୍କ ସହ ସମ୍ପର୍କ ଆଉ ପୂର୍ବପରି ନାହିଁ । କୁନି ପିଲାଙ୍କ ଅର୍ଦ୍ଦଳି ଘର ଚୌହଦି ଡେଇଁ ପାରୁନି । କେତେବେଳେ ଘରେ ଥାଇ ବି ବାପା ପୁଅ ନିସଙ୍ଗ ହୋଇ ପଡୁଛନ୍ତି । ମା ହାତ ରନ୍ଧା ଖାଦ୍ୟ, ସ୍ନେହବୋଳା ସମ୍ବୋଧନ ପରିସ୍ଥିତି ଚାପରେ ବାଟ ଭାଙ୍ଗିଛି । ଆଉ ଯଦି ପାଖଆଖରେ କାହା ଶବ ଉଠୁଛି ତାହେଲେ କଥା ସରିଗଲା । ସମୁଦାୟ ବସ୍ତି କଲୋନୀ ଅଛୁଆଁ ପାଲଟି ଯାଉଛି । ଚିହ୍ନା ପରିଚିତଙ୍କୁ ଦେଖି ନ ଦେଖିଲା ପରି ବାଟ ଭାଙ୍ଗି ଚାଲିଯାଉଛି ମଣିଷ । ରୋଗ ବଦଳରେ ମୃତ ରୋଗୀ ଦାଉ ସାଜୁଛି ପରିବାର ଉପରେ । ସାହି ଭାଇ ମୃତକକୁ କାନ୍ଧ ଦେବାକୁ ଆସୁନି । ଆଉ କାହା ଭାଗ୍ୟରେ ନିଆଁ ଦେବାକୁ ଲୋକ ମିଳୁନି । ସଭ୍ୟ ସଂଭ୍ରାନ୍ତ ସମାଜରେ ମାନବୀୟ ମୂଲ୍ୟବୋଧ ଯେମିତି ତାର ସଂଜ୍ଞା ହରାଇବାକୁ ବସିଛି । ଶୈକ୍ଷିକ ପରିବେଷ୍ଟନୀର ମୂଳଦୁଆ ଦୋହଲି ଯାଇଛି । ଯୁବ ପିଢି ନିଜ ଭବିଷ୍ୟତକୁ ନେଇ ଆଜି ଜୀବନର ଦୋଛକିରେ ଅନିଶ୍ଚିତ ଭବିଷ୍ୟତ ଆଶଙ୍କାରେ ମ୍ରିୟମାଣ । ମୂଲ ମଜୁରି ଦୁର୍ଲଭ । ଜୀବନ ବଂଚାଇବାକୁ ଯେତେବେଳେ ସମସ୍ତେ ଏକମୁଖ ସେତେବେଳେ ଦୁଃଖ, ସୁଖର ମୂଲ୍ୟାୟନ କରିବାକୁ କାହା ପାଖରେ ବା ବେଳେ ଅଛି । ଆପଣା ଜନକୁ ପଥି ପଡି ଦେଇ ସୁସ୍ଥ କରିବାକୁ ଘର ପରିବାର ଓ ସାହି ଭାଇରେ ଧାଁ ଦଉଡ ଲାଗି ରହିଛି । ନିୟତିର ଡାକରେ କିଏ ହାତ ଛାଡି ପର ପାରିକୁ ଚାଲି ଯାଉଛି ତ ଆଉ କିଏ ଭାଗ୍ୟ ବଳରେ କରୋନା ପଞ୍ଝାରୁ ମୁକୁଳି ଆସୁଛି । ଆଉ କାହାର ଆଶା ଆଶଙ୍କାରେ ଦିନ କଟୁଛି । ଦୀର୍ଘ ଅନୁଭୂତିର ଇତିହାସକୁ ତର୍ଜମା କରିବାକୁ ଅବସର ଦେଇଛି ଏହି ଅକାଳ ମହାମାରୀ । ସଂକୀର୍ଣ୍ଣତା ତ୍ୟାଗ କରି ଦୁର୍ଗତଙ୍କ ପ୍ରତି ସହାନୁଭୂତୀଶୀଳ ହେବାକୁ ସମୟ ଡାକୁଛି । ଜନ୍ମ ମୃତ୍ୟୁ କାଳର ଆୟତ । ତଥାପି ଜାଣିଶୁଣି କେହି କାହାକୁ ମରଣ ମୁହଁକୁ ଠେଲି ଦେବା ଭଳି ଅକ୍ଷମଣୀୟ ଭୂଲ୍ ନ ହେବା କଥା । ଆକ୍ରାନ୍ତ ଓ ସେମାନଙ୍କ ପରିବାର ପ୍ରତି ଯଥାସମ୍ଭବ ସହାନଭୂତିଶୀଳ ହୁଅନ୍ତୁ ସମସ୍ତେ । ଭୟାବହତାର ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ନିଜ ସ୍ତରରେ ସମର୍ପିତ ଭାବେ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ବୋଝ ହାଲୁକା ହେବ । ସମଷ୍ଟିଗତ ଦାଇତ୍ୱ ନିର୍ବାହ କରନ୍ତୁ । ଏହା ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ପଥ ପ୍ରଶସ୍ତ କରିବ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

## ଚାଷୀଙ୍କୁ ବିହନ ଯୋଗାଇବାକୁ କୃଷକ ମହାସଂଘର ଦାବି

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): ଜିଲ୍ଲାର କୃଷକ ମାନଙ୍କୁ ଉନ୍ନତ ବିହନ ଯୋଗାଇବାକୁ କେନ୍ଦ୍ରାପଡା ଜିଲ୍ଲା କୃଷକ ମହାସଂଘ ପକ୍ଷରୁ ଦାବି କରାଯାଇଛି । ସଂଗଠନର କର୍ମକର୍ତ୍ତା ମାନେ ଏନେଇ ଏକ ଲିଖିତ ଦାବିପତ୍ର ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିବା ସହ ଚାଷୀଙ୍କୁ ବିହନ ଯୋଗାଇବାକୁ ଦାବି କରିଛନ୍ତି । ସ୍ୱାଧିନତାର ଦୀର୍ଘଦିନ ପରେ ମଧ୍ୟ କୃଷି ଓ କୃଷକର ବିକାଶ ଗୁରୁତର ପ୍ରଭାବିତ ହୋଇଥିବା ବେଳେ ଚାଷି ପାଖରେ ବିହନ ନାହିଁ କି ବିହନ ପାଇବା ପାଇଁ ବ୍ଲକ, ସୋସାଇଟି ଆଦି ସଂସ୍ଥାମାନେ ବିହନ ଯୋଗାଇବାକୁ ବ୍ୟବସ୍ଥା କରି ନାହାଁନ୍ତି । ଅନ୍ୟ ପକ୍ଷରେ କରୋନା ମହାମାରୀ ସମୟରେ ଲକଡାଉନ ଓ ସଟ୍ ଡାଉନ ଲାଗୁ କରାଯାଇ ଥିବାରୁ ବିହନ କିଣିବାକୁ ଚାଷୀମାନେ ବଜାରକୁ ଆସି ପାରିବେ ନାହିଁ । ୯ଟି ବ୍ଲକ ଓ ୩ଟି କୃଷି ଜିଲ୍ଲାରେ ବିହନ କିଷମ ଶାରଳା, ପତିକ୍ଷା, ପୂଜା, ହଜାରେ ଅଠର ଓ ହଜାରେ ଏକ ଆଦି ବିହନ ଆବଶ୍ୟକ ଥିବାବେଳେ ଏହା ତୁରନ୍ତ ଯୋଗାଇବାକୁ ସଭାପତି ରମଣୀ ରଞ୍ଜନ ରାଉତରାୟ, ସଂପାଦକ ସତ୍ୟ ନାରାୟଣ ଜେନା, କୁବେର ସାହୁ, ବିକାଶ ବେହୁରା, ଭାବଗ୍ରାହୀ ପତି ପ୍ରମୁଖ ଦାବି କରାଯାଇଛି ।

## ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): ମହାମାରୀ କରୋନାର ଭୟବହତା ସତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରକ୍ତ ସଙ୍କଟକୁ ଦୂର କରିବା ଉଦେଶ୍ୟରେ କେନ୍ଦ୍ରାପଡା ଓଡିଶା ମୋ ପରିବାର ପକ୍ଷରୁ ଶନିବାର କେନ୍ଦ୍ରାପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୮ଦିନ ବ୍ୟାପି ହେବାକୁ ଥିବା ରକ୍ତଦାନ ଶିବିରର ଦ୍ୱିତୀୟ ଦିବସ ଶିବିରକୁ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷା ତଥା ଗାଙ୍ଗପଡା ପଂଚାୟତର ସମିତି ସଭ୍ୟା ମମତାରାଣୀ ଧଳ ଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚଳଚିତ୍ର ପ୍ରଯୋଜକ ତଥା ସମାଜସେବୀ ମାନସ କୁମାର ସାହୁ, ଓଡିଶା ମୋ ପରିବାର ସଂଯୋଜକ କାଳି ପ୍ରସାଦ ମିଶ୍ର, ସହ ସଂଯୋଜକ ହିରଣ୍ୟ କୁମାର ପଣ୍ଡା ନଗର ବିଜେଡି ସଭାପତି ଯଯାତି କେଶରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ରକ୍ତଦାନ ଶିବିରରେ ୨୭ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ଓଡିଶା ମୋ ପରିବାର ପକ୍ଷରୁ କୃତଜ୍ଞତା ଅର୍ପଣ କରାଯାଇଛି ।

## ପୁନର୍ବାସ ସଂଗଠନ ପକ୍ଷରୁ ଅସହାୟ ଓ ଭିନ୍ନକ୍ଷମଙ୍କୁ ରାସନ ବଣ୍ଟନ

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): କୋଭୀଡ-୧୯ କରୋନା ମହାମାରୀ ଯୋଗୁଁ ଦ୍ୱିତୀୟ ପର୍ଯ୍ୟାୟରେ ଲକଡାଉନ ଚାଲି ଥିବାରୁ ଦୁର୍ଦିନରେ ରହୁଥିବା ଅସହାୟ ଓ ଭିନ୍ନକ୍ଷମ ମାନଙ୍କୁ ଘର ଘର ବୁଲି ଜିଲ୍ଲାରେ କାର୍ଯ୍ୟରତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ୧୫ଦିନ ପାଇଁ ରାସନ ସାମଗ୍ରୀ ଯଥା ଅଟା, ଡାଲି, ସୁଜି, ତେଲ , ବିସ୍କୁଟ ଇତ୍ୟାଦି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରଦାନ କରାଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସହିତ ପୁନର୍ବାସ ତରଫରୁ ବରିଷ୍ଠ ସଦସ୍ୟ ମହମ୍ମଦ ଜାହିଦ ଖାନ, ଆଇନଜୀବି ଲଳିତେନ୍ଦୁ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ମାର୍ଶାଘାଇ ବ୍ଲକର ଶିଳିପୁର, ପେଣ୍ଠ , ବାଲିକୁଦା ଓ ଗରଦପୁର ବ୍ଲକରେ ପହଁଚି ଅସହାୟ ଦୃଷ୍ଟି ବାଧିତ ଚଳନ ଶକ୍ତି ବାଧିତ ଭିନ୍ନକ୍ଷମ ମାନଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଛି ।

## ରାଉରକେଲା ସହରରେ ମହିଳା ଅସୁରକ୍ଷିତ: ମିନାକ୍ଷୀଙ୍କ ମୃତ୍ୟୁ ଏକ ଉଦାହରଣ

ରାଉରକେଲା, ୨୩/୫ (ନି.ପ୍ର): ରାଉରକେଲା ସହରରେ ଏବେ ସତେ ଯେମିତି ମହିଳା ମାନେ ଅସୁରକ୍ଷିତ, ପୁଲିସ ସେବା ନାମକୁ ମାତ୍ର, କଥା ଅଧିକ କାମ ଶୁନ ସ୍ଥିତିରେ ଆସି ପହଁଚିଛି ।ରାଜ୍ୟ ସରକାର କହୁଛନ୍ତି ମହିଳା ଶିଶୁ ମାନଙ୍କର ସୁରକ୍ଷାର ଦାୟିତ୍ୱ ନେଇଛି ପୁଲିସ, ଡିଜି କହୁଛନ୍ତି କରୋନା ସମୟରେ ପୁଲିସ ଘରକୁଯାଇ ଆଣିବ ଏତଲା, ହେଲେ ସବୁ କିଛି କେବଳ ଫମ୍ପା ଆବାଜରେ ପରିଣତ ହୋଇଛି ଭଳି ଲାଗୁଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତକାଲି ଦିର୍ଘ ୧୦ ଦିନ କାଳ ଚିକିତ୍ସା ହେବା ପରେ ଆଖି ବୁଜିଥିବା ଘଟଣା । ମିନାକ୍ଷୀ ଧର, ଜଣେ ସୁପରିଚିତ ମହିଳା, ସେ ୧୨ ତାରିଖ ଦିନ କୋଏଲ ନଗର ନିକଟରୁ ନିକଟସ୍ଥ ଏକ ରାସ୍ତା ଦେଇ ନିଜ ସ୍କୁଟୀରେ ଯାଉଥିବା ବେଳେ ତାଙ୍କ ଦୁଇ ଜଣ ଯୁବକ ଏକାକି ପାଇ ଲୁଟିବାକୁ ଉଦ୍ୟମ କରିଥିଲେ । ମିନାକ୍ଷୀ ସେମାନଙ୍କୁ ବିରୋଧ କରି ଗାଡିରୁ ପଡିଯାଇ ମୁଣ୍ଡରେ ଶକ୍ତ ଆଘାତ ପାଇଥିଲେ । ପରେ ତାଙ୍କୁ ଆଇଜିଏଚରେ ଚିକିତ୍ସା କରାଗଲା, ଅନେକ ଡାକ୍ତରଙ୍କର ପରାମର୍ଶ ନିଆଗଲା, ହେଲେ ଶେଷରେ ସେ ଆଖି ବୁଜିଲେ । ଏଠାରେ ପ୍ରଶ୍ନ ଉଠୁଛି ଜଣେ ମହିଳା ନିଜ ଗାଡିତରେ ଯିବା ବେଳେ କଣ ଏ ସହରରେ ଏତେ ଅସୁରକ୍ଷିତ ? ଖାଲି ମିନାକ୍ଷୀ ନୁହଁନ୍ତି କ୍ଷୀର ଲାଗି ଯାଉଥିବା ମହିଳା ଙ୍କଠାରୁ ଆରମ୍ଭ କରି ସକାଳେ ସଂଧ୍ୟାରେ ଚାଲୁଥିବା ମହିଳା ମାନେ ଏ ସହରରେ ଏହି ଭଳି ଲୁଟେରା ମାନଙ୍କର ଶୀକାର ହେଉଛନ୍ତି । ମିନାକ୍ଷୀଙ୍କ ମାମଲାରେ ଏଯାଏ ପୁଲିସ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ ମଧ୍ୟ କରି ପାରି ନାହିଁ । ସେହି ଭଳି ଜଣେ ଶ୍ରମିକ ନେତାଙ୍କ ମୃତ୍ୟୁ ପରେ ତାଙ୍କ ଘରେ ଥିବା ତାଙ୍କର ପତ୍ନୀର ମାନସିକ ସମସ୍ୟା ଦେଖି ସେ ରହୁଥିବା ତାଙ୍କ ଭଡାଘରୁ କିଛି ଲୋକ ତାଙ୍କ କାର,ସ୍କୁଟୀ ନେଇଯିବା ମହିଳାଙ୍କ ସୁରକ୍ଷା ନେଇ ଆଶଙ୍କା ଉଠିବା ମାମଲାରେ ମହିଳା ଜଣଙ୍କ ଭାଇ ଛେଣ୍ଡ ଥାନାରେ ଜଣାଇଲେ । ସେହି ମାମାଲରେ ସଂପୃକ୍ତ ଜଣେ ଯୁବକ ଥାନାରେ ଥିବାକୌଣସି ଲିଜା ମାଡାମ ନାମକ କହି ମହିଳା ଜଣଙ୍କ ପରିବାରକୁ ନାଲି ଆଖି ଦେଖାଇବା କଥା ମଧ୍ୟ ଥାନାରେ କୁହାଗଲା, ହେଲେ ପୁଲିସ ସେହି ଘଟଣାରେ ଆଜିଯାଏ ଥରେ ହେଲେ ସେହି ଘରକୁ ଯିବା କିମ୍ବା ସପୃକ୍ତ ବିଷୟରେ ବୁଝିବା ଲାଗି ଚେଷ୍ଟା କଲା ନାହିଁ ଓ ସଂପୃକ୍ତ ସାମଗ୍ରୀ ଗୁଡିକ କିଭଳି ଫେରିବ ତାକୁ ଦେଖିଲା ନାହିଁ। ବରଂ ଓଲଟା କହିଲା କରୋନା ସମୟ ଆମେ ବ୍ୟସ୍ତ ଅଛୁ ପିଟା ପିଟି ହେଲେ ଆମେ ବାନ୍ଧିକି ପଠେଇ ପାରିବୁ । ଏହା ହେଉଛି ରାଉରକେଲା ସହରର ମହିଳା ମାନଙ୍କୁ ପୁଲିସର ସୁରକ୍ଷାର ଉଦାହରଣ ।ଛେଣ୍ଡ କଲୋନୀ ବିଦେଶୀ ମଦ ଦୋକାନ ପାଖରେ ମାଳ ମାଳ ଚାଖଣା ଦୋକାନ, ସେଠାରେ ଅହରହ ଲୋକେ ମଦ ପିଇ ସେହି ଅଂଚଳ ଲୋକଙ୍କୁ ନାନା ପ୍ରକାର ସମସ୍ୟାରେ ପକାଉଥିବାର ଅଭିଯୋଗ ହୋଇଚାଲଛି, ପେଟ୍ରୋଲିଂ ଗାଡି ସେହି ଯାଗା ଦେଇ ଯାଉଛି ଆସୁଛି ହେଲେ କାରବାର ତା ରାସ୍ତାରେ ପୁଲିସ ତା ରାସ୍ତାରେ ।ସହରରେ ନାନା ପ୍ରକାର ପେଟ୍ରୋଲିଂର ଶୁଭାରମ୍ଭ ହୋଇଛି ଲମ୍ୱା ଗାଡି କିଛିଟା ସହରରେ ବୁଲୁଛି, ହେଲେ ଲକଡାଉନ ସମୟରେ ଏଭଳି ଘଟଣାରେ ପୁଲିସ ମହିଳା ମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି । ମିନାକ୍ଷୀଙ୍କ ମାମଲାରେ ସୋସିଆଲ ମିଡିଆରେ ପୁଲିସର ବିଫଳତାକୁ ନେଇ ନାନା ପ୍ରଶ୍ନ ଉଠାଯିବା ସହ ସହରର ଆଇନ ଶୃଖଳାକୁ ନେଇ ମଧ୍ୟ କଥା ଉଠିଛି

## ବାତ୍ୟା ୟସ୍‌ର ମୁକାବିଲା ପାଇଁ ଜିଲ୍ଲା ବିଜେପିର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ୟସ୍ ର ମୁକାବିଲା ପାଇଁ ଜିଲ୍ଲା ବିଜେପି ସଂଗଠନ ପକ୍ଷରୁ ଏକ ବୈଠକ ଭରର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ୩୪ଟି ମଣ୍ଡଳର ସଭାପତି, ଜିଲ୍ଲା ସ୍ତରୀୟ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ସଭାପତି ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇ ସମ୍ଭାବ୍ୟ ବାତ୍ୟା ମୁକାବିଲା ଉଦ୍ଦେଶ୍ୟରେ ସରକାରଙ୍କ ସହ ସହଯୋଗ ମନବୃତିରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଆଲୋଚନା କରାଯାଇଥିଲା । ବାତ୍ୟା ସମୟରେ ତଟବର୍ତ୍ତୀ ଅଂଚଳର ଲୋକ ମାନଙ୍କୁ ସଚେତନ କରାଇବା, ବାତ୍ୟା ଆଶ୍ରୟ ସ୍ଥଳୀ ଓ ଥଇଥାନ କେନ୍ଦ୍ରରେ ରହୁଥିବା ଲୋକମାନଙ୍କ ସୁବିଧା ଅସୁବିଧା ତଦାରଖ କରିବା, ଗୃହପାଳିତ ପଶୁ, ଗର୍ଭବତୀ ମହିଳା, ଭିନ୍ନକ୍ଷମ ମାନଙ୍କୁ ସୁରକ୍ଷିତ ଥଇଥାନ କରାଇବା କାର୍ଯ୍ୟରେ ସହ ଯୋଗ କରିବା ସହ ସଜାଗ ରହିବା ପାଇଁ ଆଲୋଚନା କରାଯାଇଥିଲା । ଏହି ବୈଠକରେ ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ସୁନାକର ବେହେରା, ଅଲେଖ ଜେନା, ଜିଲ୍ଲା ଉପ ସଭାପତି ସଂଜୟ ସାହୁ, କୃଷ୍ଣ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ ।

## ହେଲପିଂ ହ୍ୟାଣ୍ଡ ଯୁବ ସଂଗଠନ ପକ୍ଷରୁ ଭିନ୍ନକ୍ଷମଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): କଲେଜ ପଢୁଆ ଶିକ୍ଷିତ ଯୁବକ ମାନେ(ହେଲପିଂ ହ୍ୟାଣ୍ଡ) ସଂଗଠନ ମାଧ୍ୟମରେ ନିଜର ସଂଚୟ କରି ରଖିଥିବା ଅର୍ଥ ବିନିଯୋଗରେ କୋଭିଡ ମହାମାରୀ କରୋନା ସମୟରେ ଦୁର୍ଦ୍ଦିନରେ ରହୁଥିବା ଅସହାୟ ଭିନ୍ନକ୍ଷମ ମାନଙ୍କୁ ସହାୟତାର ହାତ ବଢାଇଛନ୍ତି । ସହରର ଦୁହୁରିଆ ଠାରୁ ଆରମ୍ଭ କରି ଇଚ୍ଛାପୁର ପର୍ଯ୍ୟନ୍ତ ବିଭିନ୍ନ ଅଂଚଳରେ ରହୁଥିବା ଏହି ଅସହାୟ ଭିନ୍ନକ୍ଷମ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୌତମ ସାହୁ, ସତ୍ୟଜିତ ମହାରଣା, ସତ୍ୟଜିତ ଦାସ, ଖଗେଶ୍ୱର ବଳ, ପିୟୁସ ରାଉତ, ରାହୁଲ ମଲିକ, ବିକାଶ ମଲିକ, ନିଳକଣ୍ଠ ବେହେରା, ଦେବୀପ୍ରସାଦ ଜେନା, ଶୁବାଶିଷ ସାମଲ, ସୁମନ ସିନା, କୁମାର ରାଉତ ପ୍ରମୁଖ ସହେଯାଗ କରିଥିଲେ ।

## ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ କରୋନା ସମ୍ପର୍କିତ ସବିଶେଷ ସୂଚନା ଦେବାରେ ବିଫଳ

ବାରିପଦା, ୨୩/୫ (ନି.ପ୍ର): ଉଚ୍ଚତମ ନ୍ୟାୟାଳୟ କରୋନା ସମ୍ପର୍କିତ ତଥ୍ୟ ଚପାଇ ପାରିବେ ନାହିଁ ସରକାର ବୋଲି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ କରୋନା ସମ୍ପର୍କିତ ସବିଶେଷ ସୂଚନା ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଓଡ଼ିଶାର ଗଞ୍ଜାମ, ବାଲେଶ୍ୱର ଆଦି ବିଭିନ୍ନ ଜିଲ୍ଲାର ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କୁ ପ୍ରତ୍ୟେକ ଦିନ କେଉଁ ଅଂଚଳରୁ କେତେ କରୋନା ପଜିଟିଭ ଚିହ୍ନଟ ହେଲେ, କେତେ ଜଣଙ୍କର କୋଭିଡ୍-୧୯ ପରୀକ୍ଷା କରାଗଲା ଆଦି ବିଷୟରେ ତଥ୍ୟ ପ୍ରଦାନ କରୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଏଦିଗରେ ବ୍ୟତୀକ୍ରମ ଦେଖା ଦେଇଛି । ଜିଲ୍ଲାବାସୀ କେବଳ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାର ମୋଟ କରୋନା ପଜିଟିଭ, ସୁସ୍ଥ ଓ ମୃତ୍ୟୁକୁ ନେଇ ଜାରି କରାଯାଉଥିବା ତଥ୍ୟରୁ ଯାହା ସମ୍ୟକ ଭାବେ ଜାଣିବାକୁ ପାଉଛନ୍ତି । ଏହି ସମୟରେ କରୋନାର ଦ୍ୱିତୀୟ ଲହର ଫେରିବା ପରେ ଜିଲ୍ଲାରୁ ଚଳିତ ମାସ ଗତ ୧୯ ତାରିଖରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାର ସରକାରୀ ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି । ତେବେ କରୋନାରେ ଆକ୍ରାନ୍ତ ଥାଇ କୋଭିଡ୍ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବିଭିନ୍ନ ସମୟରେ ଲୋକଙ୍କ ମୃତ୍ୟୁ ହେଉଥିବା ଖବର ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡ଼ିଆରେ ପ୍ରକାଶ ପାଉଥିବାର ପରିଲକ୍ଷିତ ହେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଏହି କେଶ ଫାଟାଲିଟି ରେଟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ଏହି ସମୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ କୋଭିଡ୍-୧୯ ପରିଚାଳନାରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ମିଶ୍ରଣରେ ବନ୍ଦ କରାଯାଇଥିବା ପ୍ରାଥମିକ ବିଦ୍ୟାଳୟଗୁଡିକୁ ପୁନଃ ପ୍ରଚଳନ ଦାବି

ପଟ୍ଟାମୁଣ୍ଡାଇ, ୨୩/୫ (ନି.ପ୍ର): ସାରା ରାଜ୍ୟରେ ୨୦ରୁ କମ ପିଲା ଥିବା ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ବନ୍ଦ କରି ସରକାର ଏହାକୁ ନିକଟରେ ଥିବା ବିଦ୍ୟାଳୟ ଗୁଡିକରେ ମିଶ୍ରଣ କରିବା ଦ୍ୱାରା ବହୁ ପ୍ରାଥମିକ ବିଦ୍ୟାଳୟ ଗୁଡିକ ବନ୍ଦ ହୋଇଯାଇଛି । ଗତ ୨୦୨୦ ମାର୍ଚ୍ଚ ୧୧ ତାରିଖରେ ସରକାରଙ୍କ ଗଣଶିକ୍ଷା ବିଭାଗ ଏଥି ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲା । ତେବେ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରି ବହୁ ମାମଲା ଓଡିଶା ଉଚ୍ଚନ୍ୟାୟାଳୟରେ ବିଭିନ୍ନ ବ୍ୟକ୍ତିବିଶେଷ ଅନୁଷ୍ଠାନ ପକ୍ଷରୁ ଦାଏର କରାଯାଇଥିଲା । ମାମଲାର ବାସ୍ତବତାକୁ ଉପଲବ୍ଧ କରି ଉଚ୍ଚନ୍ୟାୟାଳୟ ଗତ ୨୦୨୦ ମଇ ମାସ ୪ ତାରିଖରେ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଜାରି କରିଥିବା ବିଜ୍ଞପ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି । ମିଶ୍ରଣ ପ୍ରକ୍ରିୟାରେ ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଚଂଳରେ ଥିବା କେତେକ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ପାଖ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିବାରୁ ମୂଳ ଶିକ୍ଷାନୁଷ୍ଠାନ ଗୁଡ୍ତିକରେ ତାଲା ପଡିଛି । ଧୋୟାଚଂଳର ବଲୁରିଆ ପଚାଂୟତ ମହଲକଣ ବିଦ୍ୟାଳୟ , ଅମୃତମଣୋହି ପଚାଂୟତର ଶାନ୍ତିପଡା , ତରଡିପାଳ ପଚାଂୟତର ଛତା ଓ ରାମନାୟକଡିଆ, ଅଳପୁଆ ପଚାଂୟତର ସୁବଳପୁର, ସିଂହଗାଁ ପଚାଂୟତର ରାଉଳିଆ ପ୍ରଭୃତି ବିଦ୍ୟାଳୟ ଗୁଡିକ ମିଶ୍ରଣ ଫଳରେ ତାଲା ପଡିଛି । ଗଣଶିକ୍ଷା ବିଭାଗଙ୍କ ବିଜ୍ଞପ୍ତି ଉପରେ ଉଚ୍ଚନ୍ୟାୟାଳୟ ଅଙ୍କୁଶ ଲଗାଇଥିବାରୁ ପୂର୍ବ ବିଦ୍ୟାଳୟ ଗୁଡିକୁ ପୁିନଃ ପ୍ରଚଳନ କରାଯିବା ନେଇ କକେନ୍ଦ୍ରାପଡା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି ପଟ୍ଟାମୁଣ୍ଡାଇ ୧୫ ନଂ. ଜୋନ ଜିଲ୍ଲାପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ । ଶ୍ରୀବିଶ୍ୱାଳ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏଥି ନେଇ ଚିଠି ଲେଖିବା ସହିତ ବନ୍ଦ ଥିବା ବିଦ୍ୟାଳୟ ଗୁଡିକୁ ଶିଘ୍ର ପୁନଃପ୍ରଚଳନ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କୁ ନିବେଦନ କରିଛନ୍ତି ।

## ବ୍ୟବସାୟୀ ଓ ଅମାନିଆଙ୍କଠାରୁ ଜରିମାନା ଆଦାୟ

ଧର୍ମଶାଳା, ୨୩/୫ (ନି.ପ୍ର): କରୋନା ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ସପ୍ତାହନ୍ତ ସଟ୍ ଡାଉନ କରିଛନ୍ତି । ଏନେଇ କୋଭିଡ ନିୟମକୁ ମାନିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଅନେକ ସ୍ଥାନରେ କେହି କୋଭିଡ ନିୟମକୁ ପାଳନ କରୁ ନଥିବା ଅଭିଯୋଗ ହୋଇଛି । ଏନେଇ ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ କିଛି ଅମାନିଆମାନେ ବିନା କାରଣରେ ବାଇକ ଧରି ଛକ ବଜାରରେ ବୁଲିବା ଓ କେତେକ ବ୍ୟବସାୟୀ ସେମାନଙ୍କ ଦୋକାନ ଖୋଲା ରଖିବା ନେଇ ବ୍ରହ୍ମବରଦା ପୋଲିସ ପାଟ୍ରୋଲିଂ ସମୟରେ ଦେଖିବାକୁ ପାଇଥିଲା । ବାଇକ ଚାଳକ ଓ ବ୍ୟବସାୟୀଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ସେମାନଙ୍କୁ କଡା ତାଗିଦ କରାଯିବା ସହ ଏହାର ବ୍ୟତିକ୍ରମ ହେଲେ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର ସେମାନଙ୍କୁ ଚେତାବନୀ ଦେଇ ଛାଡ଼ି ଦେଇଥିବା କରାଯାଇଛି ।

## ଅଫ୍ ଲାଇନରେ ମଦ ବିକ୍ରୀ: ୨ ମଦ ଦୋକାନ ସିଲ୍

ଗଞ୍ଜାମ, ୨୩/୫ (ନି.ପ୍ର): ମଦ ଉପରୁ ସରକାର ସିଂହଭାଗ ରାଜସ୍ୱ ଆଦାୟ କରୁଛନ୍ତି । ଏଣୁ ମଦ ବିକ୍ରୀ ବନ୍ଦ ହେଲେ ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଛି । କରୋନା ମହାମାରୀ ସମୟରେ ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମଦୁଆଙ୍କ ସୁବିଧା ପାଇଁ ଅନ୍ ଲାଇନ୍ ରେ ମଦ ହୋମ୍ ଡେଲିଭରି ବ୍ୟବସ୍ଥା କରାଯାଇଛି । ବ୍ରହ୍ମପୁର ସହରରେ ଏହାର ଖୋଲା ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳିଛି । ସହରର କେତେକ ଦୋକାନୀ ଅନ୍ ଲାଇନ୍ ଯୋଗେ ନିର୍ଦ୍ଦେଶକୁ ଫୁ କରି ଅଫ୍ ଲାଇନ୍ ରେ ଦୋକାନରେ ମଦ ବିକ୍ରୀ କରୁଛନ୍ତି । ଯାହା ଫଳରେ ପ୍ରଶାସନ ତରଫରୁ ଦୁଇଟି ମଦ ଦୋକାନକୁ ସିଲ୍ କରାଯାଇଛି । ଦୋକାନରେ ମଦ ବିକ୍ରୀ କରିବା ଅଭିଯୋଗରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଏକ ମଦ ଦୋକାନ ଓ ଆସିକା ରୋଡ୍‌ରେ ଥିବା ଏକ ମଦ ଦୋକାନକୁ ସିଲ୍ କରାଯାଇଛି । ଏହି ସୂଚନା ଦେଇଛନ୍ତି ଆସିଷ୍ଟାଂଟ କଲେକ୍ଟର ଡି. ମାଲେଶୁ ପାତ୍ର । କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଗତ ୫ ତାରିଖରୁ ରାଜ୍ୟ ସରକାର ଲକ୍ ଡାଉନ୍ ଘୋଷଣା କରିଥିଲେ । ଏଥିପାଇଁ ମଦ ଦୋକାନ ମଧ୍ୟ ବନ୍ଦ ରହିଥିଲା । କିନ୍ତୁ, ରାଜ୍ୟ ସରକାର ପରବର୍ତ୍ତି ପର୍ଯ୍ୟାୟରେ ତାଙ୍କ ନିଷ୍ପତି ପରିବର୍ତନ କରି ଗତବର୍ଷ ଭଳି ହୋମ୍ ଡେଲିଭରି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଗତ ୧୭ ତାରିଖରୁ ବ୍ରହ୍ମପୁରରେ ମଦ ଦୋକାନ ଖୋଲିଛି । କିନ୍ତୁ, କେତେକ ଦୋକାନୀ ଅନ୍ ଲାଇନ୍ ପରିବର୍ତ୍ତେ ଅଫ୍ ଲାଇନ୍ ରେ ମଦ ବିକ୍ରୀ କରୁଛନ୍ତି । ଏଣୁ ପ୍ରଶାସନିକ ଟିମ୍ ଚଢ଼ଉ କରି ଦୁଇଟି ମଦ ଦୋକାନ ସିଲ୍ କରିଛି । ଦୋକାନରେ ଗହଳି କରି କୋଭିଡ୍ କଟକଣା ଉଲ୍ଲଙ୍ଘନ କରୁଥିବା ଯୋଗୁଁ ଦୋକାନ ସିଲ୍ କରାଯାଇଥିବା ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଲକ୍ ଡାଉନ୍ ସମୟରେ ମଦ ବିକ୍ରୀ କରୁଥିବା ଅଭିଯୋଗରେ ରେଳ ଷ୍ଟେସନ ରୋଡ଼୍‌ରେ ଥିବା ଏକ ମଦ ଦୋକାନକୁ ପ୍ରଶାସନ ପକ୍ଷରୁ ପୂର୍ବରୁ ସିଲ୍ କରାଯାଇଥିଲା । ଏହିପରି ସହରରେ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଲୁଚାଛପା ମଦ ବିକ୍ରୀ କାରବାର ଚାଲିଥିବା ଅଭିଯୋଗ ହେଉଛି । କିଛି ମଦ ମାଫିଆ ଖୋଲାଖୋଲି ଏଭଳି ବେଆଇନ କାରବାର ଜାରୀ ରଖିଛନ୍ତି । ଏହା ଉପରେ ଜିଲ୍ଲା ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ନିରାଡମ୍ବରରେ ହେଲା ଶନିଶ୍ଚର ମହାଯଜ୍ଞ

ଧର୍ମଶାଳା, ୨୩/୫ (ନି.ପ୍ର): ଆଜି ହେଉଛି ଗ୍ରହରାଜ ଶନିଶ୍ଚର ମହାଯଜ୍ଞ । ଯାଜପୁର ଜିଲାରେ ଦିନକୁ ଦିନ ବଢିବାରେ ଲାଗିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଏହି ଅବସରରେ ଧର୍ମଶାଳା ଥାନା ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ନିରାଡମ୍ବରେ ପାଳିତ ପୂଜାର୍ଚ୍ଚନା ହୋଇଛି । ଦେଓଦା ପଂଚାୟତସ୍ଥ ନିରଙ୍ଗହାଟ, ବ୍ରହ୍ମବରଦା ପଂଚାୟତ ସାପ୍ତାହିକ ହାଟ ଓ ବନ୍ଧଡିହ ପଂଚାୟତ ବନ୍ଧଡିହଠାରେ ବିନା ଭକ୍ତଙ୍କ ଉପସ୍ଥିତିରେ ଗ୍ରହରାଜଙ୍କୁ ପୂଜାର୍ଚ୍ଚନା କରାଯାଇଛି । କେବଳ ପୂଜକ ଆଜି ପାହାନ୍ତାରେ ଶନି ଦେବଙ୍କୁ ପୂଜା କରିଥିଲେ । କେବଳ କର୍ତ୍ତା ଶନିଙ୍କ ଉପରେ ଜଳାଭିଷେକ କରିଥିଲେ । କିପରି ଭକ୍ତମାନେ ଏହି ମହାଯଜ୍ଞକୁ ନ ଆସି ଏନେଇ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା । ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର ଏହି ସମସ୍ତ ସ୍ଥାନ ଉପରେ ନଜର ରଖିଥିଲା । ଚଳିତ ବର୍ଷ ଭକ୍ତମାନେ ଗ୍ରହରାଜଙ୍କ ଉପରେ ଜଳାଭିଷେକ କରିବାରୁ ବଂଚିତ ହୋଇଥିବାରୁ ଘରେ ଘରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିବା ଜଣାପଡିଛି ।

## କରୋନା ମହାମାରୀ ସଙ୍କଟରେ ଗର୍ଭବତୀଙ୍କ ସହାୟ ହେଉଛି ମା' ଗୃହ

କନ୍ଧମାଳ, ୨୩/୫ (ନି.ପ୍ର): ସଂପ୍ରତି କନ୍ଧମାଳ ଜିଲ୍ଲାରେ କରୋନା ସଂକ୍ରମଣ ଦୃତଗତିରେ ବଢି ଚାଲିଥିବା ବେଳେ ଆନୁଷ୍ଠାନିକ ପ୍ରସବକୁ ନେଇ ଚିନ୍ତାରେ ଗର୍ଭବତୀ ମହିଳା । କିନ୍ତୁ ଜିଲ୍ଲା ପ୍ରଶାସନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନଙ୍କ ମିଳିତ ଉଦ୍ୟମରେ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ପରିଚାଳନାରେ ଜିଲ୍ଲାର ଟିକାବାଲି, ବାଲନ୍ଦାପଡା ଓ କଟ୍ରିଙ୍ଗିଆଠାରେ ଉପସ୍ଥାପିତ ହୋଇଥିବା ମା' ଗୃହ ବେଶ୍ ସହାୟକ ହେଉଛି । କରୋନା କାଳରେ ମା' ଗୃହରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ ସେବିକା ଓ ଏ.ଏନ୍.ଏମ୍. କୋଡିନେଟର ସଂକ୍ରମଣ ପ୍ରତି ସଜାଗ ରହି କି ଭଳି ଦୁର୍ଗମ ଅଂଚଳରେ ଥିବା ଗର୍ଭବତୀ ମହିଳା ମାନଙ୍କୁ ସୁରକ୍ଷିତ ପ୍ରସବ କରାଇବେ ସେଥିପ୍ରତି ବେଶ୍ ଜତ୍ନବାନ ଥିବା ଦେଖିବାକୁ ମିଳୁଛି । ସଂକ୍ରମଣର ଦ୍ୱିତୀୟ ଲହର ସମୟରେ ନିଜର ଜୀବନକୁ କରୋନାରୁ ରକ୍ଷା କରିବା ସହ ୨୦୨ ଜଣ ଗର୍ଭବତୀଙ୍କୁ ମା' ଗୃହରେ ଅବସ୍ଥାପିତ କରିଛନ୍ତି ଓ ୧୭୭ ଜଣ ଡାକ୍ତରଖାନାରେ ପ୍ରସବ ହୋଇ ସୁରକ୍ଷିତ ମାତୃତ୍ୱ ଲାଭ କରିପାରିଛନ୍ତି । ମହାମାରୀ ସମୟରେ ମା' ଗୃହର ନିୟମିତ କାର୍ଯ୍ୟକ୍ରମ ସହ କିପରି ମା' ଗୃହକୁ ଆସୁଥିବା ଗର୍ଭବତୀ ଓ ତାଙ୍କ ସହିତ ଆସୁଥିବା ଅଭିଭାବକ ମାନେ ସଂକ୍ରମଣରୁ ରକ୍ଷା ପାଇବେ ସେଥିପାଇଁ ଆବଶ୍ୟକ ମୁତାବକ ସାନିଟାଇଜର, ମାସ୍କ, ସାବୁନ, ହେଣ୍ଡଓ୍ୱାସ ଇତ୍ୟାଦି ମହଜୁଦ ରଖିବା ସହ ସେମାନଙ୍କ ପରିବାର ସଦସ୍ୟ ମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ହାତଧୂଆ ପ୍ରକ୍ରିୟା, ସାମାଜିକ ଦୂରତା ରକ୍ଷା ଓ ମାସ୍କର ସଠିକ୍ ବ୍ୟବହାର ଇତ୍ୟାଦି ବିଷୟରେ ମଧ୍ୟ ସଚେତନତା କରାଯାଉଛି । ଏପରି କାର୍ଯ୍ୟକ୍ରମକୁ ଅଂଚଳବାସୀ ସ୍ୱାଗତ କରିବା ସହ ମା' ଗୃହ ପରିଚାଳନା ଯୋଗୁଁ ଗର୍ଭବତୀ ମାନଙ୍କର ସୁରକ୍ଷିତ ପ୍ରସବ ଏବଂ କରୋନା ମହାମାରୀକୁ ନିୟନ୍ତ୍ରଣ କରିହେବ ବୋଲି ମତ ପ୍ରକାଶ କରିଛନ୍ତି ।

# ଅଜବ ହେଲେ ବି ଉପକାରୀ

କେବଳ ଔଷଧ ଅସୁସ୍ଥତାରୁ ଆରୋଗ୍ୟ କରେ ନାହିଁ, ଅନେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଥେରାପିର ବ୍ୟବହାର କରାଯାଏ । ଚିକିତ୍ସକୀୟ ଥେରାପି ବାଦ୍ ଏପରି ଏକାଧିକ ଥେରାପି ରହିଛି ଯାହା ମଣିଷର ମାନସିକ ଅସୁସ୍ଥତା ଉପଶମ କରିବାରେ ଖୁବ୍ ଉପକାରୀ । ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହାର ଚମତ୍କାରୀ ପ୍ରଭାବ ରହିଛି ଏପରି ୫ଟି ଥେରାପି ସମ୍ପର୍କରେ ....

## ମ୍ୟୁଜିୟମ ଥେରାପି:



କାନାଡାରେ ରୋଗୀମାନଙ୍କୁ ଆରୋଗ୍ୟ କରିବା ଲାଗି ମ୍ୟୁଜିୟମ ଥେରାପି ଖୁବ ଉପକାରୀ ହେଉଥିବା ଦେଖାଯାଉଛି । ଏଠାରେ ଡାକ୍ତରମାନେ ରୋଗୀଙ୍କୁ ମ୍ୟୁଜିୟମ ଦେଖିବା ଲାଗି ମାଗଣା ଭାଉଚର ଦେଉଛଥାନ୍ତି । ୯ମାସ ମଧ୍ୟରେ ୧୮୫ଟି ଭାଉଚରରେ ୭୪୦ ଜଣ ରୋଗୀ ମ୍ୟୁଜିୟମ ବୁଲିଆସିଲେଣି । ସେମାନଙ୍କ ସ୍ୱାସ୍ଥ୍ୟରେ ବେଶ ସୁଧାର ଆସିଥିବା ଡାକ୍ତର କହୁଛନ୍ତି। ଗତବର୍ଷ ନଭେମ୍ବର ମାସରେ ମଣ୍ଟ୍ରିଲ ମ୍ୟୁଜିୟମ ଅଫ୍ ଫାଇନ ଆର୍ଟସ୍‌ର ସଦସ୍ୟମାନେ ମେଡିସିନସ ଫ୍ରାନସୋଫାନସ ଡୁକାନାଡ଼ା ସହିତ ମିଶି ଏହି ଯୋଜନା କରିଥିଲେ । ଏଥିରେ ଡାକ୍ତର ରୋଗୀଙ୍କୁ ମ୍ୟୁଜିୟମ ବୁଲିବା ଲାଗି ମାଗଣା ଭାଉଚର ଦେଇଥାନ୍ତି । ମଣ୍ଟ୍ରିଲ ମ୍ୟୁଜିୟମ ବୁଲିବା ଲାଗି ଜଣକ ୩୧ଡଲାର ପଡୁଥିବା ବେଳେ ଡାକ୍ତର ଦେଇଥିବା ଗୋଟିଏ ଭାଉଚରରେ ଚାରିଜଣ ଯାଇପାରିବେ । ଏହାଦ୍ୱାରା ରୋଗୀମାନଙ୍କ ମନରେ ଜିଇବାର ଉତ୍ସାହ ବଢ଼ିଥାଏ ଏବଂ ସେମାନେ ଖୁବଶୀଘ୍ର ଆରୋଗ୍ୟ ଲାଭ କରିଥାନ୍ତି । ସାଧାରଣତଃ ଚିନ୍ତା, ଅବସାଦ, ଆଲଜାଇମର ସହିତ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗରେ ଆକ୍ରାନ୍ତ ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ଏହି ଭାଉଚର ଦିଆଯାଏ । ଏହା ବିଶ୍ୱରେ ସବୁଠାରୁ ଆଶ୍ଚର୍ଯ୍ୟକର ଚିକିତ୍ସା ଥେରାପି ଏବଂ ଏକବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବେଶ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଲାଗି ସହାୟକ ହେବ ବୋଲି ଡାକ୍ତରମାନେ ମତ ଦିଅନ୍ତି ।




## ଆର୍ଟଥେରାପି

ପାଠପଢ଼ା ଚାପରେ ଛାତ୍ରଛାତ୍ରୀମାନେ ସାଧାରଣତଃ ବ୍ୟସ୍ତ ହୋଇପଡ଼ନ୍ତି ଏବଂ ମୁଣ୍ଡବ୍ୟଥାରେ ଆକ୍ରାନ୍ତ ହୁଅନ୍ତି ବୟସ୍କଙ୍କଠାରେ ଏହି ସମସ୍ୟା ଦେଖାଗଲେ ବି ସେମାନଙ୍କ ତୁଳନାରେ କିଶୋରମାନେ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । ତେଣୁ ଗବେଷକମାନେ ସେମାନଙ୍କୁ ଏହି ସମସ୍ୟାରୁ ମୁକାବିଲା ଲାଗି ଏକ ଥେରାପି ଆବିଷ୍କାର କରିଛନ୍ତି । କଳା ଆଧାରିତ ଏହି ଥେରାପିର ନାଁ ଆର୍ଟ ଥେରାପି' । ୱାଶିଂଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସିଆଟଲର ଏକ ହାଇସ୍କୁଲରେ ୧୪ରୁ ୧୭ବର୍ଷ ବୟସର ଛାତ୍ରୀମାନଙ୍କ ଉପରେ ଏହି ଥେରାପି ପ୍ରୟୋଗ କରିଥିଲେ । ଏଥିରେ ଜଣେ ଚିତ୍ର ଆଙ୍କିବା, ରଙ୍ଗ ଦେବା, ମୂର୍ତ୍ତି ଗଢ଼ିବା ଆଦି କାମ କରିପାରିବେ କିମ୍ବା ଏପରି ସୁନ୍ଦର କଳାକୃତିକୁ ଦେଖିପାରିବେ । ଏହା ମାନସିକ ଶାନ୍ତି ଦେବା ସହିତ ବିଭିନ୍ନ ମନସ୍ତାତ୍ତ୍ୱିକ ସମସ୍ୟାର ସମାଧାନ କରିଥାଏ । କିଶୋରମାନଙ୍କ କ୍ଷେତ୍ରରେ ଏହି ଥେରାପି ଖୁବ୍ ସହାୟକ ହୋଇପାରିବ ବୋଲି ଏହି ରିପୋର୍ଟର ଲେଖକ ତଥା ୱାଶିଂଟନ ବିଶ୍ୱବିଦ୍ୟାଳୟର ମାନବକୈନ୍ଦ୍ରିକ ଡିଜାଇନ ଏବଂ ଇଞ୍ଜିନିୟରିଂ ବିଭାଗର ବୈଜ୍ଞାନିକ ଏଲିନ ଜୋରଲିଙ୍ଗ କହିଛନ୍ତି ।

## କ୍ଲାଉନ ଥେରାପି:



ଜୋକର ଦେଖିବାକୁ ପିଲାଙ୍କଠାରୁ ବଡ଼ଯାଏ ସମସ୍ତେ ପସନ୍ଦ କରନ୍ତି । ସାଧାରଣ ମଣିଷଟିଏ ଜୋକର ପରି ପୋଷାକ, ଟୋପି ପିନ୍ଧି ନାକରେ ବଲ ଲଗାଇ ଅସାଧାରଣ ଚରିତ୍ର ପାଲଟିଯାଏ । ଯେତେ ମନଦୁଃଖରେ ଥିଲେ ସୁଦ୍ଧା ଜୋକର ଦେଖିବା ମାତ୍ରେ ଆପେ ହସ ବାହାରିଆସେ । ଏବେ ଏହି ଜୋକର ବେଶଭୂଷା ଚିକିତ୍ସା ବିଜ୍ଞାନରେ ଏକ ଥେରାପି ଭାବେ ବ୍ୟବହୃତ ହେଉଛି । ମାନସିକ ରୋଗ ଚିକିତ୍ସକ ଚେରିଲ କାର୍ପ ନିଜ ଅନୁଭୂତିକୁ ନେଇ ୧୯୯୮ ମସିହାରେ କ୍ଲାଉନ୍ ଥେରାପି ଉପରେ ଏକ ଆଲେଖ୍ୟ ପ୍ରସ୍ତୁତ କରିଥିଲେ । ଏହାପରେ ଏହି ଥେରାପି ଦୃଷ୍ଟି ଆକର୍ଷଣ କରିଥିଲା ବିଶେଷକରି ଡ୍ରଗସ କବଳରେ ପଡ଼ିଥିବା ଲୋକମାନଙ୍କୁ ଆରୋଗ୍ୟ କରିବା ଲାଗି ଏହା ସହାୟକ ହେଉଛି । ନେପାଳ ଭୂମିକମ୍ପ ବେଳେ ଆତଙ୍କିତ ଲୋକ ଏବଂ ଶିଶୁମାନଙ୍କୁ ଭୟମୁକ୍ତ କରିବା ଲାଗି ଏଭଳି କ୍ଲାଉନ ଥେରାପିର ଆଶ୍ରୟ ନିଆଯାଇଥିଲା । ମୁଖ୍ୟତଃ ଇସ୍ରାଏଲ ଏହି ଥେରାପି ବିଶେଷଜ୍ଞମାନଙ୍କୁ ନେପାଳ ପଠାଇଥିଲା ।

## ତ୍ୱଚାର ନୂତନ ଚର୍ଚ୍ଚା : 'କ୍ୟାଣ୍ଡେଲ୍ ସ୍ପା'

ମହାନଗରୀ ଦିଲ୍ଲୀ, ମୁମ୍ବାଇରେ ଏବେ ଅଧିକାଂଶ ଯୁବତୀ ଓ ମହିଳା 'କ୍ୟାଣ୍ଡେଲ୍ ସ୍ପା' ଚର୍ଚ୍ଚା କରାଇବାକୁ ପସନ୍ଦ କରୁଛନ୍ତି । ଭିନ୍ନ ଅନୁଭୂତି ବ୍ୟବହୃତ ହୋଇଥାଏ । ସୌନ୍ଦର୍ଯ୍ୟ ବିଶେଷଜ୍ଞ ମାହିରାଙ୍କ ମତରେ ଦିନକୁଦିନ ଏହି ସ୍ପାର ଲୋକପ୍ରିୟତା ବଢିବାରେ ଲାଗିଛି । ଗତ ବର୍ଷ ଜାପାନ ଗସ୍ତ ଅବସରରେ ସେ ଏହି ନୂତନ ସ୍ପାର ତାଲିମ ନେଇଆସିଛନ୍ତି । ଭାରତୀୟ ଜଳବାୟୁ ପାଇଁ କ୍ୟାଣ୍ଡେଲ୍ ସ୍ପା ଉତ୍ତମ ପ୍ରଭାବ



ପକାଉଥିବାର ଗ୍ରାହକଙ୍କ ମତ । ଫେସିଆଲ୍‌ରେ ମଧ୍ୟ ଏହି ମହମବତିକୁ ଉପଯୋଗ କରାଯାଉଥିବାବେଳେ ଅନ୍ୟ ସ୍ପା ନିମନ୍ତେ ଗ୍ରାହକ ଅଧିକ ପସନ୍ଦ କରୁଛନ୍ତି । କ୍ୟାଣ୍ଡେଲ୍ ସ୍ପାର ସୁଗନ୍ଧରେ ମାନସିକ ଶାନ୍ତି ମିଳିବା ସହ ଜଣେ ଅବସାଦମୁକ୍ତ ମଧ ହୋଇପାରିଥାଏ । କର୍ମଜୀବୀ ମହିଳା ଏହି ସ୍ପା କରାଇବାକୁ ଆଗ୍ରହ ପ୍ରକାଶ କରୁଥିବାର ଦେଖାଯାଉଛି । କ୍ୟାଣ୍ଡେଲ୍ ସ୍ପାର ମୂଲ୍ୟ ୧,୫୦୦-୯,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।

## ଅଁଳାରସର ବିଭିନ୍ନ ଉପକାରିତା ଜାଣନ୍ତୁ

ଆମେ ପ୍ରତିଦିନ ଖାଉଥିବା ଖାଦ୍ୟରେ ପନିପରିବା ଓ ଫଳ ସାମିଲ କରିବାକୁ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି । ତେବେ ପ୍ରତ୍ୟେକ ପନିପରିବା ଓ ଫଳରେ ଭିଟାମିନ ରହିଥାଏ । ତେବେ ଆସନ୍ତୁ ଜାଣିବା ଆମ ଶରୀର ପାଇଁ ଅଁଳାରସର କ'ଣ ଉପକାରିତା ରହିଛି ।

- ପ୍ରତିଦିନ ଅଁଳାରସ ପିଇଲେ ଏହା ଶରୀରରେ ରକ୍ତ ସଞ୍ଚାଳନକୁ ବୃଦ୍ଧି କରିବା ସହିତ କଲୋଷ୍ଟରସ୍ତର ହ୍ରାସ କରିଥାଏ ।
- ଅଁଳାରସକୁ ଉଷୁମ ପାଣିରେ ପିଇବା ଦ୍ୱାରା ଏହା ବଦହଜମି, ଅମ୍ଳ, ହାକୁଟି, ପେଟଫମ୍ପା ଆଦି ସମସ୍ୟାରୁ ଦୂରେଇ ରଖିଥାଏ । କେବଳ ଏତିକି ନୁହେଁ ପ୍ରତିଦିନ ଅଁଳାରସକୁ ପିଇବା ଦ୍ୱାରା ଥଣ୍ଡା ସମସ୍ୟା ବି ଭଲ ହୋଇଯାଇଥାଏ ।
- କେବଳ ଏତିକି ନୁହେଁ ଅଁଳାରସ ପାଚନ କ୍ରିୟାକୁ ସ୍ୱାଭାବିକ ବି କରିଥାଏ । ଅଁଳାରସରେ ମହୁ ମିଶାଇ ପିଇଲେ ହୃଦରୋଗ ଭଲ ହୋଇଥାଏ ।
- କେବଳ ଏତିକି ନୁହେଁ ଚିକିତ୍ସକଙ୍କ କହିବାନୁସାରେ, ସକାଳେ ଓ ସନ୍ଧ୍ୟାରେ ଅଁଳାରସ ପିଇଲେ ଶରୀରରେ ଚର୍ମ ସମସ୍ୟା ରୁହେ ନାହିଁ । ଏଥିସହିତ ଯଦି କାହାର କେଶ ଝଡୁଛି ଏଥିରୁ ବି ମୁକ୍ତି ମିଳିଥାଏ ।



## ପସନ୍ଦ କରିପାରନ୍ତି ସର୍ଟ ଜ୍ୟାକେଟ

ଶୀତ ଓ ଗରମର ମଝି ସମୟରେ ଫେଶନ ଉପଯୋଗୀ ପୋଷାକ ବାଛିବା କଷ୍ଟକର ହୋଇଯାଏ । ଏପରି କ୍ଷେତ୍ରରେ ୱେଷ୍ଟ କୋଟ ବା ସର୍ଟ ଜ୍ୟାକେଟ୍ ଭଲ ବିକଳ୍ପ ହୋଇପାରିବ । ବଜାରରେ ଫ୍ଲୋରାଏ, ଫ୍ରିଞ୍ଜଡ, ଟ୍ରାଇବାଲ, ଜିଓମେଟ୍ରିକାଲ, ଏମୋଡେରୀ ତଥା ରାଜସ୍ଥାନୀ ପ୍ରିଣ୍ଟ ଡିଜାଇନର ସର୍ଟ ଜ୍ୟାକେଟ ମିଳୁଛି । ଏହାକୁ ସାର୍ଟ, କୁର୍ତ୍ତି, ୱାନପିସ ତଥା ଗୋଟିଏ ରଙ୍ଗର ପୋଷାକ ସହିତ ମିଶାଇ ପିନ୍ଧିଇବାରେ ସମସ୍ୟା ଅନୁଭବ କରୁଥିଲେ ସେମାନଙ୍କ ପାଇଁ ଏହି ୱେଷ୍ଟ କୋଟ ଭଲ କାମ ଦେବ । ଟପ ଏବଂ ମ୍ୟାକ୍ସିଡ୍ରେସ ସହିତ ବି ଏହା ଭଲ ମାନିଥାଏ ଯୁବପିଢ଼ିଙ୍କର ବିଶେଷ ପସନ୍ଦ ହେଉଥିବା ଏବଂ ଫେଶନରେ ରହିଆସିଥିବା କେତେକ ୱେଷ୍ଟ କୋଟ ହେଲା :

**ଜୟପୁରୀ :-** ଏହି ଡିଜାଇନର ୱେଷ୍ଟକୋଟ କୁର୍ତ୍ତି କିମ୍ବା ଟପରେ ପିନ୍ଧିପାରିବେ । ପ୍ଲେନ୍ କୁର୍ତ୍ତି ଏବଂ ଟପ୍ ସହିତ ଏହା ଭଲ୍ଲାନେ । ଅଫିସ କିମ୍ବା ବାହାରକୁ ବୁଲିବା ଲାଗି ଯାଉଥିଲେ ଏହା ପିନ୍ଧିହେବ ।

**ଫ୍ଲୋରାଲ :-** ହାଲ୍‌କା ରଙ୍ଗର ପାଶ୍ଚତ୍ୟ କିମ୍ବା ପାରମ୍ପାରିକ ପୋଷାକ ସହିତ ଶିଫନର ଫ୍ଲୋରାଲ ୱେଷ୍ଟକୋଟ୍ ଖୁବ ସୁନ୍ଦର ଦିଶେ । ଫ୍ଲୋରାଲ ଡିଜାଇନ କେବେ ଫେଶନରୁ ବାଦ ଯାଇନାହିଁ । ପ୍ରିଣ୍ଟ ଥିବା ପୋଷାକ ସହିତ ମଧ ଏହା ପିନ୍ଧିପାରିବେ ।

**ଭେଲଭେଟ୍ :-** ଦିନ ହେଉ କିମ୍ବା ରାତିରେ କୌଣସି ପାର୍ଟିକୁ ଯିବାକୁ ହେଲେ ଚମକଦାର ଭେଲଭେଟ କିମ୍ବା ଅଲଗା ପ୍ରକାର କପଡାର ୱେଷ୍ଟକୋଟ୍ ପିନ୍ଧିପାରିବେ ।

**ଡେନିମ :-** ଏହି ଫେଶନ ମଧ ସବୁଦିନଆ ।





ହାଲକା ଫୁଲକା ସୌନ୍ଦର୍ଯ୍ୟ ପାଇବା ଲାଗି ଏହି ଡିଜାଇନର ୱେଷ୍ଟକୋଟ ପିନ୍ଧିବା ଭଲ । ପାରମ୍ପାରିକଠାରୁ ପାଶ୍ଚାତ୍ୟ ଶୈଳୀର ପୋଷାକ, ସବୁଥିରେ ଏହା ଭଲ ମାନେ ।

**ଉଲ ଡିଜାଇନ :** ସାଦାସିଧା ଦେଖାଯିବା ଲାଗି ଧଳା ସାର୍ଟ ଉପରେ ନରମ ଉଲରେ କରାଯାଇଥିବା ୱେଷ୍ଟକୋଟ ପିନ୍ଧିପାରିବେ ।

## ଠିକ୍ ସମୟରେ ନ ଖାଇଲେ

ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକଙ୍କର ଖାଇବାର ସମୟ ଠିକ୍ ରହୁ ନଥିବା ଦେଖିବାକୁ ମିଳୁଛି । ପରବର୍ତ୍ତୀ ସମୟରେ ସେମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି । ତେଣୁ ସୁସ୍ଥ ରହିବା ଲାଗି କେଉଁ ସମୟରେ ଖାଇବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ....

- ସକାଳର ଜଳଖିଆ ଅଧିକାଂଶ ମିସ୍ କରିଥାନ୍ତି । ହେଲେ ଏହା ହିଁ ସାରା ଦିନ ଶରୀରକୁ ଶକ୍ତି ଯୋଗାଇଥାଏ ଏବଂ କାର୍ଯ୍ୟକ୍ଷମତା ବଢ଼ାଇବାରେ ସାହାଯ୍ୟ କରିଥାଏ । ତେଣୁ ପ୍ରତିଦିନ ସକାଳ ୯ ଟା ପୂର୍ବରୁ ଜଳଖିଆ ନିଶ୍ଚିତ ଭାବେ ଖାଆନ୍ତୁ । ମନେ ରଖନ୍ତୁ ଏଥିରେ ଫାଷ୍ଟ ଫୁଡ୍ କିମ୍ବା ତେଲ ମସଲାଯୁକ୍ତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ । ଭିଟାମିନ୍ ଏ ଯୁକ୍ତ ଫଳକୁ ଜଳଖିଆ ତାଲିକାରେ ସାମିଲ କରନ୍ତୁ ଉପକୃତ ହେବେ ।
- କେବଳ ବ୍ରେକ୍ କାହିଁକି ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ର ଭୋଜନ ମଧ ସର୍ବଦା ଯଥା ସମୟରେ କରିବା ଆବଶ୍ୟକ । ହେଲେ ଅନେକ ଯୁବତୀଯୁବକ ଏଥିପ୍ରତି ଗୁରୁତ୍ୱ ଦେଇ ନଥାନ୍ତି । ଫଳରେ ମସ୍ତିଷ୍କ ବା ବ୍ରେନ୍‌କୁ ପର୍ଯ୍ୟାପ୍ତ ମାତ୍ରାରେ ଗ୍ଲୁକୋଜ ପହଞ୍ଚି ପାରେନି । ଫଳରେ ହାଲିଆ ଲାଗିବା, କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହ ଭ୍ରମ ଆଦି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ ।
- ସେହିପରି ନିର୍ଦ୍ଦିଷ୍ଟ ସମୟରେ ନ ଖାଇ ବିଳମ୍ବରେ ଖାଇବାଦ୍ୱାରା ଶରୀରରେ ଅଧିକ କ୍ୟାଲୋରୀ ଜମା ହୋଇଥାଏ । କାରଣ ଅଧିକ ଭୋକ ସମୟରେ ଆବଶ୍ୟକତାରୁ ବେଶୀ ଖାଇ ହୋଇଯାଏ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ ।
- ଠିକ୍ ସମୟରେ ଖାଇବାଦ୍ୱାରା ଶରୀରରେ ଆବଶ୍ୟକ ମାତ୍ରାରେ ଇନ୍‌ସୁଲିନ୍ ପ୍ରସ୍ତୁତ ହୋଇଥାଏ, ଯାହାକି ରକ୍ତରେ ଗ୍ଲୁକୋଜ ବା ସର୍କରା ପରିମାଣ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ । ହେଲେ ଖାଇବା ସମୟ ଅଧିକ ବିଳମ୍ବ ହେଲେ କିମ୍ବା କୌଣସି ସମୟର ଖାଦ୍ୟ ନ ଖାଇଲେ ଉଭୟ ଇନ୍‌ସୁଲିନ୍ ଏବଂ ଗ୍ଲୁକୋଜ ସ୍ତରକୁ ପ୍ରଭାବିତ କରିଥାଏ । ଏମିତିକି ଡାଇବେଟିସ୍ ସମସ୍ୟା ଥିଲେ ହଠାତ୍ ଏସବୁର ମାତ୍ରା ହ୍ରାସ ପାଇବା ଦ୍ୱାରା ଷ୍ଟ୍ରୋକ୍‌ର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।
- ଖାଦ୍ୟ ସ୍କିପ୍ କରିବା ମଧ ହାଇ ବ୍ଲଡ୍ ପ୍ରେସର ସମସ୍ୟାର କାରଣ ସାଜିଥାଏ । କେବଳ ଏତିକି ନୁହେଁ ଏଥିପାଇଁ ମୁଣ୍ଡ ବିନ୍ଧା, ହାଲିଆ ଲାଗିବା ଏମିତିକି କାହାଠାରେ ଚେତାଶୂନ୍ୟ ହେବା ଭଳି ସମସ୍ୟା ବି ସୃଷ୍ଟି କରିଥାଏ ।
- ଯଥା ସମୟରେ ନ ଖାଇବା ଦ୍ୱାରା ଗ୍ୟାସ୍, ଏସିଡ୍, ପେଟ ଯନ୍ତ୍ରଣା ଏବଂ ଷ୍ଟୋମାକ୍ ଅଲସର୍ ଭଳି ସମସ୍ୟା ବି ଦେଖାଦେବାର ଆଶଙ୍କା ରହିଛି ।





## କରୋନାରେ କେମିତି ନେବେ ନବଜାତ ଶିଶୁର ଯତ୍ନ

ଭାରତରେ ବର୍ତ୍ତମାନ କରୋନା ଭାଇରସ୍ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଏବେବି ଲୋକ ଏହି ଭାଇରସରୁ କେମିତି ରକ୍ଷା ପାଇବେ, ସେଥିପାଇଁ ବିଭିନ୍ନ ଉପାୟ ଖୋଜିବାରେ ଲାଗିଛନ୍ତି । ସାମାଜିକ ଦୂରତା, ସାନିଟାଇଜେସନ୍, ହାତ ଧୋଇବା ଓ ମୁହଁରେ ମାସ୍କ ପିନ୍ଧିବା ଆଦି ପ୍ରଣାଳୀ ଦ୍ୱାରା ଲୋକଙ୍କୁ ଏହି ଭାଇରସରୁ ବଞ୍ଚାଇବା ପାଇଁ ପ୍ରୟାସ କରାଯାଉଛି । ତେବେ ବଡ଼ ଲୋକେ କରୋନାରୁ ବଞ୍ଚିବା ପାଇଁ ଉପାୟ ବାହାର କରିନେଉଛନ୍ତି, କିନ୍ତୁ ଘରେ ଥିବା ନବଜାତ ଶିଶୁକୁ ଏହି ଭାଇରସରୁ କେମିତି ରଖିବେ ସୁରକ୍ଷିତ । ଆସନ୍ତୁ ଜାଣିବା ନବଜାତ ଶିଶୁକୁ କେମିତି କରୋନାରୁ ଦୂରେଇ ରଖିବେ ।

**ସ୍ତନ୍ୟପାନ ଜରୁରୀ :**

ନବଜାତ ଶିଶୁ ପାଇଁ ମା'ର କ୍ଷୀର ହିଁ ଏକମାତ୍ର ପୋଷଣର ଆଧାର । ଏଥିରେ ଶିଶୁକୁ ଇନଫେକସନରୁ ଲଢ଼ିବା ଓ ଇମ୍ୟୁନିଟି ବଢ଼ାଇବାରେ ସହାୟତା ମିଳିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଯଦି ସ୍ତନ୍ୟପାନ କରାଉଥିବା ମା'ଙ୍କ ଭିତରେ କରୋନାର କୌଣସି ଲକ୍ଷଣ ଦେଖାଗଲା, ତାହେଲେ ସେ ତା'ର ଶିଶୁକୁ ସ୍ତନ୍ୟପାନ କରାଇବା ବନ୍ଦ କରିବା ଜରୁରୀ ନୁହେଁ । ମା' ମାସ୍କ ପିନ୍ଧିବା ସହ ଆବଶ୍ୟକ ସତର୍କତାର ସହ ସ୍ତନ୍ୟପାନ କରାଇପାରିବ । ଏପରିକି ବୋତଲରେ ସ୍ତନ୍ୟରୁ କ୍ଷୀର ଭରି ମଧ ଶିଶକୁ ଦେଇପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅଭିବୃଦ୍ଧି ପାଇଁ କଠିନ ସମୟ....

କରୋନା ସଂକ୍ରମଣ ପ୍ରାୟ ଦେଢ଼ବର୍ଷ କାଳ ସମସ୍ତଙ୍କୁ ଥରହର କରି ରଖିଛି । ଗୋଟିକ ପରେ ଗୋଟିଏ ଲହର ସାଙ୍ଗକୁ କେତେବେଳେ ବ୍ଲାକ୍ ଫଙ୍ଗସ୍ ତ' ଆଉ କେତେବେଳେ ହ୍ୱାଇଟ୍ ଫଙ୍ଗସ୍ ଅବତାରରେ ଉଭା ହୋଇ ମାନବ ଜାତିର ସ୍ଥିତିକୁ ରୀତିମତ ବିପନ୍ନ ଅବସ୍ଥାକୁ ଠେଲିଦେବାକୁ ବସିଲାଣି । ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ଯେତେ ଧନ-ଜୀବନ କ୍ଷତି ହୋଇନଥିଲା, କରୋନା ସଂକ୍ରମଣଜନିତ କ୍ଷତି ତାହାଠାରୁ ଢ଼େର୍ ଅଧିକ ହୋଇସାରିଲାଣି । କିଭଳି ଓ କେଉଁଠାରୁ ଘାତକ ଭୂତାଣୁର ଜନ୍ମ ଓ ବିସ୍ତାର ହେଲା, ତାହା ସମ୍ପର୍କରେ ଯେତିକି ତଥ୍ୟ ପଦାକୁ ଆସିଛି, ତାହାଠାରୁ ଅଧିକ ରହସ୍ୟଘେରରେ ରହିଯାଇଛି । ଚୀନ ଦେଶର ଉହ୍ୱାନ ପ୍ରଦେଶର ନିର୍ଦ୍ଦିଷ୍ଟ ବିଜ୍ଞାନାଗାରରୁ ବାହାରିଥିବା କରୋନା ଭୂତାଣୁ ତମାମ ବିଶ୍ୱକୁ ଚରିଗଲାଣି । ପ୍ରଥମ ଲହର ଭଳି ଏହା ଦ୍ୱିତୀୟ ଲହରରେ ୨୧୯ ଦେଶକୁ ବ୍ୟାପିଯିବା ଏବଂ ପରବର୍ତ୍ତୀ ସମୟରେ ବିଭିନ୍ନ ଅବତାର ଦେଖାଇ ସମସ୍ତଙ୍କୁ ଗିଳି ଚାଲିଥିବାରୁ ସମସ୍ତେ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି । ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ ଭୂତାଣୁ ସଂକ୍ରମଣ ବିରୋଧରେ ବାଆକୁ ବତା ସଦୃଶ । ପ୍ରଥମପାଳି ସଂକ୍ରମଣ ଭଳି ଏଥର ବିଶ୍ୱ ଅର୍ଥନୀତି ଉପରେ କରୋନା ପ୍ରହାର କରିଛି । ଏବେ ଯାହା ଯେତିକି ପରିମାଣରରେ ଅନୁଭୂତ ହେଉନାହିଁ, ଅଦୂର ଅତୀତରେ କରୋନା ଚୋଟ ସମସ୍ତେ ଅଙ୍ଗେ ନିଭେଇବେ । ସବୁ ରାଷ୍ଟ୍ରର ଏହି କରୋନା ଚୋଟ ସ ହ୍ୟ କରିବାର ଶକ୍ତି ସମାନ ନୁହେଁ । ଗତଥର ଭଳି କଳକାରଖାନାରେ ତାଲା ପଡ଼ିବା ହେତୁ ବହୁ ସଂଖ୍ୟାରେ ଶ୍ରମିକ ଓ କର୍ମଚାରୀ ରୋଜଗାର ହରାଇ ହାତବାନ୍ଧି ବସିବେ । ତାହା ଏବେଠାରୁ ଜଳଜଳ ଦିଶିଗଲାଣି । ନିର୍ଦ୍ଦିଷ୍ଟ କେଉଁ ଦେଶ ଏମିତି ନାହିଁ, ଯାହାର କି ଜାତୀୟ ଅଭିବୃଦ୍ଧି ହାର ନିମ୍ନଗାମୀ ନହୋଇଛି । ନିର୍ମାଣ ଶିଳ୍ପ ବ୍ୟାପକ ଭାବରେ ପ୍ରଭାବିତ ହୋଇଥିବାରୁ କର୍ମଚ୍ୟୁତଙ୍କ ସଂଖ୍ୟା ବଢ଼ିଯାଇଛି । ପ୍ରଥମ ଲହରରେ କ୍ଷତିଗ୍ରସ୍ତମାନଙ୍କୁ ଥଇଥାନ ପାଇଁ ବିଭିନ୍ନ ପ୍ୟାକେଜ୍ ଓ ଯୋଜନା ବଳରେ ଉଦ୍ୟମ ହେଲାବେଳକୁ କରୋନା ମାରିଲାଣି ଦ୍ୱିତୀୟ ଚୋଟ । ଏହାର ଉଭୟ ତାତ୍କାଳିକ ଓ ଦୂରଗାମୀ କୁପ୍ରଭାବ ରହିଛି । ଗତ ସପ୍ତାହର କଥା ବିଚାରକୁ ନେଲାବେଳେ ଦେଖାଯାଉଛି, ସହରାଂଚଳରେ ବେରୋଜଗାର ହାର ବାରରୁ ବଢ଼ି ପନ୍ଦର ପ୍ରତିଶତ ହୋଇଛି । ଗ୍ରାମାଂଚଳରେ ତାହା ଥିଲା ସାତ ପ୍ରତିଶତ, ବୃଦ୍ଧି ପାଇ ପହଁଚିଲାଣି ଚଉଦ ପ୍ରତିଶତରେ । ଅନୁଶୀଳନରୁ ଜଣାଯାଏ, ଗତଥର ଭଳି ଏଥର ଅର୍ଥନୈତିକ ପ୍ରଭାବ ନହୋଇପାରେ । ମାତ୍ର ମାନବ ସମ୍ବଳ ସଙ୍କଟଗ୍ରସ୍ତ ହେବା ନିଶ୍ଚିତ । ଏକ ସଂସ୍ଥାର ଆକଳନ କହୁଛି: ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରରେ ଏହା ସୀମିତ ରହିବ । ୨୦୨୧-୨୨ରେ ଭାରତର ଆର୍ଥିକ ଅଭିବୃଦ୍ଧି ୧୦.୮% ହୋଇପାରେ ବୋଲି ଆଶା ବ୍ୟକ୍ତ କରାଯାଇଛି । ଏଭଳି ଆକଳନର ଆଧାର ଯାହା ହୋଇଥାଉନା କାହିଁକି, ମାନବ ସମ୍ବଳ ସଙ୍କଟଗ୍ରସ୍ତ ରହିବା ଦୃଷ୍ଟିରୁ କରୋନାର ପ୍ରଭାବ ଯେପର୍ଯ୍ୟନ୍ତ ପୂରାମାତ୍ରାରେ ପ୍ରତିହତ କରାଯାଇ ନପାରିଛି, ସେତେବେଳେ ଯାଏଁ ଏହାକୁ ଗୁଡ଼ିଉଡ଼ା ବୋଲି କହିବାକୁ ବିଶେଷଜ୍ଞ ମହଲ ପଛାଉ ନାହାଁନ୍ତି । କରୋନା ସଂକ୍ରମଣର ନାଭିକେନ୍ଦ୍ର କୁହାଯାଉଥିବା ରାଷ୍ଟ୍ର ବିସ୍ତାରବାଦ ନୀତିରେ କେବଳ ବିଶ୍ୱାସ କରେ ତାହା ନୁହେଁ, ଅନ୍ୟ ଦେଶର ଅର୍ଥନୀତି ଓ କୂଟନୀତିକୁ ପଦାନତ କରିବା ନୀତିରେ ବିଶ୍ୱାସ ରଖେ । ତାହା ସାରା ବିଶ୍ୱକୁ ନିଜ କବଳରେ ରଖିବା ନୀତି ।

## କବିତା କୋଣାର୍କ



### ପ୍ରକୃତି ପ୍ରଳୟ କାଳ ବୈଶାଖୀ

ଅମୂଲ୍ୟ କୁମାର ପଣ୍ଡା

କ୍ଷଣକେ ଘୋଟିଲା କଳା ବଉଦଟା
ପବନ ବହିଲା ତୁହାକୁ ତୁହା
ବରଷି ଗଲାସେ ଆକାଶ ବୁକୁରୁ
ସଙ୍ଗରେ ନେଇକି ପଥର କୁଆ ।

ଅଣଚାଷ ବାଆ ଚାରି ଦିଗୁ ଆସି
ଗଛ ପରେ ଗଛ ଦେଲାଟି ଶୋଇ
ଦୁନ୍ଦୁଭି ନାଦର ପହିଲି ସୁରରେ
ଧରଣୀ ଭିଜିଲା ଆତୁର ହୋଇ ।

ନିମିଷକେ ଆସି ପ୍ରଳୟ ଭିଆଇ
ଲୁଚିଗଲା ପୁଣି ବଉଦ ତଳେ
ରଚି ଦେଇଗଲା ତାଣ୍ଡବର ଲୀଳା
ଦେଖେଇ ଦଇବ ନିୟତି ବଳେ ।

କେତେ ଗଛ ବୃକ୍ଷ ମାଟିରେ ଶୋଇଲା
ସବୁଜ ବନାନୀ ହୋଇଲା ନଷ୍ଟ
ଗରିବ ଝୁମ୍ପୁଡି ଭାଙ୍ଗିରୁଜି ଗଲା
ଜୀବନ ହୋଇଛି ଭୀଷଣ କଷ୍ଟ ।

କାଳ ବୈଶାଖୀର କରାଳ ରୂପରେ
ଥରହର ଆଜି ଧରଣୀ ରାଣୀ



ସାତରଙ୍ଗ ଭରା ସପନେ ସଜେଇ
ବିପଦ ପାଖକୁ ଆଣିଛି ଟାଣି ।

ପ୍ରକୃତି କାହିଁକି ଦାଉ ସାଧୁଅଛି
ଏଇକଥା ଥରେ ବିଚାର କର
ଦିନୁ ଦିନୁ ପ୍ରକୃତିର କୋପ ଦେଖି
ମନରେ ଉପୁଜେ ଆଶଙ୍କା ଡର ।

କେତେବେଳେ ବନ୍ୟା ବାତ୍ୟା ଭୂମିକମ୍ପ
କେବେ ମହାମାରୀ ଆସଇ ଛୁଟି
କେବେକେବେ ପୁଣି ଖରା ତାପ ବଢି
ଅଂଶୁଘାତ ଆସି ଯାଏଟି ଜୁଟି ।

ପରିବେଶ ସନ୍ତୁଳନ ହରାଇଛି
ଏକଥା ମୋଟରୁ ଅନ୍ୟଥା ନୁହେଁ
ସେଥିପାଇଁ କାଳ ବୈଶାଖୀ ସହିତ
ଗୋଟେ ପରେ ଗୋଟେ ବିପଦ ଛୁଏଁ ।

ସଚେତନ ହୋଇ ଗଛ ଲଗାଇକି
ପରିବେଶଟିକୁ ସୁରକ୍ଷା କଲେ
ପ୍ରକୃତି ହସିବ ଆମେ ବି ହସିବା
ବିପଦ ଦୂରେଇ ରହିବ ଭଲେ ।

ଅରଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦



# ନୃସିଂହ ଚତୁର୍ଦ୍ଦଶୀ



ଡକ୍ଟର ଶ୍ରୀହରି ପଣ୍ଡା

ଭଗବାନ ନିଜର ପ୍ରିୟ ଭକ୍ତ ମାନଙ୍କୁ ଆନନ୍ଦ ଦେବା ତଥା ଲୋକକଲ୍ୟାଣ ଏବଂ ଲୋକ ଶିକ୍ଷା ନିମନ୍ତେ ଧରାଧାମରେ ଅବତାର ଗ୍ରହଣ କରନ୍ତି । ଭଗବାନ ବହୁ ରୂପରେ ଅବତାର ଗ୍ରହଣ କରି ସାଧୁ ମାନଙ୍କୁ ପରିତ୍ରାଣ କରନ୍ତି । ପରବର୍ତ୍ତୀ ସମୟରେ ଭଗବାନଙ୍କର ସେହି ଅବତାରଙ୍କୁ କିଛି ମହାନୁଭବ ମହାପୁରୁଷ ମାନେ ବିଗ୍ରହବନ୍ତ କରି ନିତ୍ୟ ଆରାଧନା ଦ୍ୱାରା ଅଧ୍ୟାତ୍ମିକ ଆନନ୍ଦ ଲାଭ କରନ୍ତି । ସେହି ଅବତାରମାନଙ୍କ ମଧ୍ୟରୁ ନୃସିଂହ ଅବତାର ଅନ୍ୟତମ ଏବଂ ଏହି ଅବତାରର ପ୍ରାଧାନ୍ୟ ଥିବାର ଭଗବାନଙ୍କ ଦଶ ଅବତାର ମଧ୍ୟରେ ସ୍ଥାନିତ ହୋଇଛନ୍ତି ।

ମତ୍ସ୍ୟୋ କୂର୍ମୋ ବରାହଶ୍ଚ ନରସିହୋଃଥ ବାମନ, ରାମୋ ରାମଶ୍ଚ ବୁଦ୍ଧଃ କଲ୍‌କୀଚ ତେଦଶୈବତେ ।

ବୈଶାଖ ଶୁକ୍ଳଚତୁର୍ଦ୍ଦଶୀ ଦିନ ଭଗବାନ ନୃସିଂହଙ୍କ ଆବିର୍ଭାବ ଘଟିଥିଲା । ଏଣୁ ଏହି ଦିନ ଶ୍ରୀନୃସିଂହ ଦେବଙ୍କ ଉଦ୍ଦେଶ୍ୟରେ ବ୍ରତ ବିଧାନ ଅଛି । ବ୍ରତକାରୀ ପ୍ରାତଃ ଶୌଚ ସମ୍ପନ୍ନ କରି ନୂତନ ବସ୍ତ୍ର ପରିଧାନ ଏବଂ ଉପବାସ ରହିବା ସହ ଅଷ୍ଟଦଳ ପଦ୍ମାସନ ପୂର୍ବକ କଳସ ସ୍ଥାପନ କରି ନୃସିଂହ ଦେବଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଅର୍ପଣ କରିବା ଉଚିତ । ପ୍ରସାଦ ଲାଗିପରେ ନୃସିଂହପୁରାଣ ପାଠ, ତାଙ୍କ ଭକ୍ତି ବିଷୟରେ ମଧ ବାର୍ତ୍ତା କରାଯିବା ଉଚିତ ।ଏହି ଉତ୍ସବ ସମ୍ପର୍କରେ ବୃହତ୍ତ ନରସିଂହରେ ଉଲ୍ଲେଖ ଅଛି, "ବୈଶାଖେ ଶୁକ୍ଳପକ୍ଷେତୁ ଚତୁର୍ଦ୍ଦଶ୍ୟାଂ ନିଶାମୁଖେ । ମଜ୍ଜମ୍ନ ସମ୍ଭବଂ ପୁଣ୍ୟଂ ବ୍ରତଂ ପାପ ପ୍ରଣାଶନମ୍ ॥" ଏହି ବ୍ରତ ପାଳନ ନିମନ୍ତେ ବ୍ୟାସ ଏବଂ ଭବିଷ୍ୟ ପୁରାଣ ପରବିଦ୍ଧା ଚତୁର୍ଦ୍ଦଶୀ ତିଥିକୁ ପାଳନ ନିମନ୍ତେ ପରାମର୍ଶ ଦିଏ । ଚତୁର୍ଦ୍ଦଶୀ କ୍ଷୟ ଥିଲେ ସେହି କ୍ଷୟ ତିଥିରେ ହିଁ ଉତ୍ସବ ପାଳିତ ହୁଏ । ସ୍ମୃତି ଅନୁଯାୟୀ ତିଥି ବୃଦ୍ଧି ଘଟିଲେ ପୂର୍ଣ୍ଣା ତିଥିରେ ଉତ୍ସବ ପାଳନ କରାଯାଏ । ବର୍ଦ୍ଧିତ ତିଥି ଗୃହୀତ ହୁଏନାହିଁ ।

ନୃସିଂହ ଅବତାରର କଥାବସ୍ତୁ ପ୍ରାୟତଃ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି ଏବଂ ଉପାସନା ବିଧାନ ଗୁଡ଼ିକ ସ୍ମୃତିଗ୍ରନ୍ଥମାନଙ୍କର ବର୍ଣ୍ଣିତ ହୋଇଛି । ସତ୍ୟ ଯୁଗର କଥାନୁଯାୟୀ ବ୍ରହ୍ମାଙ୍କ ମାନସ ପୁତ୍ର ସନକାଦିଋଷିଗଣ ବୈକୁଣ୍ଠପତିଙ୍କ ଦର୍ଶନ ନିମନ୍ତେ ବୈକୁଣ୍ଠରେ ପହଞ୍ଚି ଭିତରକୁ ପ୍ରବେଶ କରନ୍ତେ ଦ୍ୱାରପାଳ ଜୟ ଓ ବିଜୟ ସେମାନଙ୍କୁ ଅବରୋଧ କଲେ । ସେମାନଙ୍କର ଏହି ତମଗୁଣକୁ ଲକ୍ଷ୍ୟ କରି ଋଷିଗଣ ତାଙ୍କୁ ରାକ୍ଷସ ଜନ୍ମ ପାଇଁ ଅଭିଶାପ ଦେବାରୁ ସେମାନେ ଦିତିଙ୍କ ଗର୍ଭରୁ ହିରଣାକ୍ଷ ଏବଂ ହିରଣ୍ୟକଶିପୁ ଭାବରେ ଜନ୍ମ ନେଲେ । ହିରଣ୍ୟାକ୍ଷକୁ ଭଗବାନ ବରାହ ଅବତାରରେ ବଧ କରିବାରି ହିରଣ୍ୟକଶ୍ୟପୁ ଭାତୃହନ୍ତାର ପ୍ରତିଶୋଧ ନେବା ନିମନ୍ତେ ଘୋର ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ଜଳସ୍ଥଳ, ଦିନରାତି, ଘରବାହାର, ଅସ୍ତ୍ରଶସ୍ତ୍ର ଏପରିକି ବ୍ରହ୍ମାଙ୍କ ସୃଷ୍ଟ କୌଣସି ଜୀବଠାରୁ ମୃତ୍ୟୁ ନଲଭିବାର ବରପ୍ରାପ୍ତ ହେଲେ। ଏହି ସମୟରେ ଇନ୍ଦ୍ର ହିରଣ୍ୟ କଶ୍ୟପୁର ପତ୍ନୀ କୟାଧୁକୁ ହତ୍ୟା କରିବାର ଯୋଜନା ଜାଣିପାରି ନାରଦ ତାଙ୍କ ଗର୍ଭରୁ ବିଷ୍ଣୁଭକ୍ତ ପୁତ୍ରର ଜନ୍ମ ହେବ ବୋଲି କହି ତାଙ୍କୁ ଏଥିରୁ କ୍ଷାନ୍ତ କରାଇଥିଲେ । ସମୟ କ୍ରମେ ତାଙ୍କ ଗର୍ଭରୁ ଜନ୍ମ ନେଲେ ଭକ୍ତରାଜ ପ୍ରହ୍ଲାଦ । ଏକଦା ପ୍ରହ୍ଲାଦକୁ ଶିକ୍ଷା ବିଷୟରେ ପଚାରି ହିରଣ୍ୟକଶ୍ୟପୁ ହରିନାମ ଶୁଣି ତାଙ୍କୁ ବାରଣ କରି ସଫଳ ନହେବାରୁ ପ୍ରହ୍ଲାଦକୁ ମାରିବାର ଅନେକ ଚେଷ୍ଟା କରି ବିଫଳ ହେଲା । ପ୍ରହ୍ଲାଦଙ୍କର ଯୁକ୍ତି ଅନୁସାରେ ବିଷ୍ଣୁ ସର୍ବତ୍ର-ଯଃ ସ୍ଥୂଳସୂକ୍ଷ୍ମ ପ୍ରକଟ ପ୍ରକାଶୋ, ଯଃ ସର୍ବଭୁତୋ ନ ଚ ସର୍ବଭୂତ । ବିଶ୍ୱଂ ଯତଶ୍ଚୈତଦବିଶ୍ୱୋହେତୋ ନମୋସ୍ତୁଙ୍କ ତସ୍ମୈ ପୁରୁଷୋତ୍ତମାୟ । (ବିଷ୍ଣୁ-୧/୨୦/୧୩) ଏଥିରେ ହିରଣ୍ୟକଶ୍ୟପୁ ଉତ୍‌କ୍ଷିପ୍ତ ହୋଇ ଯଦି ସବୁଥିରେ ଭଗବାନ ଅଛନ୍ତି ତାହାଲେ ଏହି ଖମ୍ବରୁ ହରିଙ୍କୁ ଡାକ କହି ଖମ୍ବକୁ ପ୍ରହାର କରନ୍ତେ ଭଗବାନ ନୃସିଂହରୂପ ଧାରଣ କରି ହିରଣ୍ୟକଶ୍ୟପୁକୁ ନିଜ ଜାନୁରେ ପକାଇ ନଖଦ୍ୱାରା ତା ଛାତିକୁ ବିଦାରଣ କରିଥିଲେ । (ନରସିଂହ ପୁରାଣ-୪୪/୧୬-୧୭) ଉକ୍ତ ପ୍ରସଙ୍ଗର ସତ୍ୟତା ବିଷୟରେ ଶ୍ରୀମଦ୍ ଭାଗବତରେ ଭଗବାନ ନରସିଂହ ସଭା ମଧ୍ୟରୁ ନିର୍ଗତ ହୋଇଥରବା କଥା ବର୍ଣ୍ଣନା ଅଛି । (ଭାଗ-୭.୮/୧୮) ନୃସିଂହଙ୍କର ବହୁ ବିଗ୍ରହ ଭାରତବର୍ଷରେ ପୂଜିତ ହେଉଛନ୍ତି, ତନ୍ମଧ୍ୟରୁ ସାଧାରଣତଃ ୮ ଶ୍ରେଣୀର ବିଗ୍ରହ ଦେଖାଯାଆନ୍ତି- ଯଜ୍ଞ ନୃସିଂହ,ଜାନକ ନୃସିଂହ, ଗିରିଜା ନୃସିଂହ, କଶ୍ୟପୁ ବିଦାରଣ ନୃସିଂହ, ସ୍ଥୌଗନୃସିଂହ, ଲକ୍ଷ୍ମୀ ନୃସିଂହ, ଆଦି ନୃସିଂହ ଏବଂ ନୃସିଂହ ।

ଭଗବାନଙ୍କ ଏହି ଅବତାରଲୀଳା ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଯାତ୍ରା ମାନଙ୍କ ମଧ୍ୟରୁ ସର୍ବାଧିକ ଯାତ୍ରା ବିଷ୍ଣୁକୈନ୍ଦ୍ରୀକ । ବିଷ୍ଣୁକୈନ୍ଦ୍ରୀକ ଯାତ୍ରାମାନଙ୍କ ମଧ୍ୟରୁ ରାମକୈନ୍ଦ୍ରୀକ, କୃଷ୍ଣକୈନ୍ଦ୍ରୀକ ଏବଂ ନୃସିଂହକୈନ୍ଦ୍ରୀକ ଯାତ୍ରା ପ୍ରଧାନ । ବାମଦେବ ସଂହିତା ଅନୁସାରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ କୌଣସି ଏକ ନିର୍ଦ୍ଦିଷ୍ଟ ଅବତାର ନୁହଁନ୍ତି । ବ୍ରହ୍ମାଙ୍କର ପରାର୍ଦ୍ଧରେ ଏହି ଶଙ୍ଖ କ୍ଷେତ୍ରରେ ପ୍ରଭୁ ନିତ୍ୟବାସ କରିଛନ୍ତି । ଜଗନ୍ନାଥଙ୍କର ନୃସିଂହ ଉପାସନା ଶ୍ରୀମନ୍ଦିରରେ ଗୁରୁତ୍ୱ ବହନ କରେ । ଜଗନ୍ନାଥ ନବକଳେବର ସମୟରେ ନୃସିଂହ ରୂପରେ ପୂଜିତ ହୁଅନ୍ତି । ବନଯାଗ ସମୟରେ ସମସ୍ତ କାର୍ଯ୍ୟ ବନରେ ହେଉଥିବା ବେଳେ ସମସ୍ତ ବିଧି ବୈଦିକ ବିଧାନରେ ହୋଇଥାଏ । ବାମଦେବ ସହିଂତାରେ ନୃସିଂହ ଚତୁର୍ଦ୍ଦଶୀ ସମ୍ପର୍କରେ ଉଲ୍ଲେଖ ଅଛି ଯେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀକୁ ନୃସିଂହଚତୁର୍ଦ୍ଦଶୀ କହନ୍ତି । ସେହି ଦିନ ଜଗନ୍ନାଥିଙ୍କୁ ମହାସ୍ନାନ କରାଯାଇ ଚନ୍ଦନ ଲେପନ କରାଯାଏ । ନୂତନ ବସ୍ତ୍ର, ଅଳଙ୍କାର ଓ ପୁଷ୍ପମାଳା ପ୍ରଭୃତି ଦ୍ୱାରା ବିଗ୍ରହମାନଙ୍କୁ ଭୂଷିତ କରାଯାଏ । ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଯାତଭୋଗ ସରି ଦିଅଁ ଚନ୍ଦନକୁ ଯାଇ ସାରିଲେ ମଧ୍ୟାହ୍ନ ଧୂପ ହୁଏ । ଚନ୍ଦନରୁ ଦିଅଁ ଫେରିଲେ ଶ୍ରୀଜୀଉଙ୍କର ଶ୍ରୀଅଙ୍ଗରୁ ଆଜ୍ଞାମାଳ ଘଣ୍ଟ, ଛତା, କାହାଳି ସହ ସିଂହଦ୍ୱାର ଓ ଦୋଳମଣ୍ଡପ ସାହି ଦେଇ ଫେରିଲେ ମୈଲମ ହୋଇ ଆଳତି ବଢେ । ତିନିବାଡ଼ରେ ପଞ୍ଚାମୃତ ମହାସ୍ନାନ କରି ସର୍ବାଙ୍ଗ,ନୂଆ ଲୁଗା ଲାଗି ଓ ୬ ମୂର୍ତ୍ତି ଅଳଙ୍କାର ବଢିଥାଏ । ଏହି ବେଶରେ ଆଜ୍ଞାମାଳ ନିମନ୍ତେ ଶ୍ରୀଜୀଉଙ୍କ ଅଙ୍ଗରେ ଏକ ଅଧିକ ମାଳା ଲାଗି ହୁଏ । ପାଣିପଡି ସନ୍ଧ୍ୟା ଧୂପ ସରେ । ଦକ୍ଷିଣ ଘରୁ ନୃସିଂହ ସିଂହାସନକୁ ବିଜେ ହୁଅନ୍ତି । ସେ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ଉପରେ ଖଟୁଲିରେ ବିଜେ କରନ୍ତି । ଏହି ସମୟରେ ମନ୍ଦିର ମଧ୍ୟରେ ଥିବା ନୃସିଂହ ଓ ମୁକ୍ତିମଣ୍ଡପ ଉପରେ ବିଜେ ହୋଇଥିବା ନୃସିଂହଙ୍କର ମହାସ୍ନାନ ବିଧି ବଢି ଉଭୟଙ୍କ ପାଖରେ ଶୀତଳ ଭୋଗ ପଞ୍ଚୋପଚାର ବିଧିରେ ସମ୍ପନ୍ନ ହୁଏ । ବନ୍ଦାପନା ବଢିବା ପରେ ନୃସିଂହ ପ୍ରତିମା ମୁକ୍ତିମଣ୍ଡପ ଉପରୁ ତଳେଥିବା ବିମାନରେ ବିଜେ ହୁଅନ୍ତି ଓ ଜଗନ୍ନାଥବଲ୍ଲଭକୁ ନିଆଯାଏ । ଏଠାରେ ଭୋଗ ଓ ବନ୍ଦାପନା ବଢିଲେ ବିଜେ ପ୍ରତିମା ଦେଉଳକୁ ବାହୁଡନ୍ତି ।ଏହିଦିନ ନୃସିଂହ ବିଜେ ହୋଇ ଯାଇସାରିଲେ ଭିତରେ ଆଳଟ ଲାଗି ଓ ଅନ୍ୟାନ୍ୟ ନୀତି ବଢିଥାଏ । ଏହି ସମୟରେ ଯେଉଁମାନେ ପ୍ରଭୁଙ୍କୁ ଦର୍ଶନ କରନ୍ତି ସେମାନେ ଅବଶ୍ୟ ମୁକ୍ତିଭାଗୀ ହୋଇଥାନ୍ତି ବୋଲି ବାମଦେବ ସଂହିତାରେ ଉଲ୍ଲେଖ ଅଛି,

ଅର୍ଚ୍ଚୟେଦୁସ୍ତବଂ ଚୈନଂ ଯଃ ପଶ୍ୟତି ସ ମୁକ୍ତିଭାକ୍ ।

॥ ଜୟ ଜଗନ୍ନାଥ ॥

+ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

# ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଭାଗ -୧୪

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।



ଶରଥଙ୍କ ମନ ଦୁଃଖ ଅନୁତାପରେ ଭରିଗଲା । ସେ କହିଲେ ହେଉ ଭରତ ରାଜା ହେଉ କିନ୍ତୁ ରାମ ବନକୁ ନ ଯାଆନ୍ତୁ । କୈକେୟୀ କହିଲେ ସାନ ପୁତ୍ର ରାଜା ହେବ ଏବଂ ବଡପୁତ୍ର କିପରି ରାଜ୍ୟରେ ବସି ରହିବ, ଏହା କ'ଣ ସମ୍ଭବ ? ଏହାପରେ ରାଜା ଦଶରଥ କ୍ରନ୍ଦନ କରି ରାମଙ୍କୁ ଡକାଇଲେ । ରାମ ଏହା ଶୁଣି ସଙ୍ଗେ ସଙ୍ଗେ ପିତାଙ୍କର ସତ୍ୟ ପାଳନ କରିବା ପାଇଁ ପ୍ରସ୍ତୁତ ହେବାକୁ ନିଜ ଗୃହକୁ ଫେରିଗଲେ । ଏହି ବିଷୟ ରାଜମହଲର ସମସ୍ତ ରାଣୀ, ପୁତ୍ରବଧୂ, ବଶିଷ୍ଠ ଋଷି ଆଦି କର୍ମଚାରୀ ଓ ପ୍ରଜା ଏବଂ ମନ୍ତ୍ରୀଙ୍କ ମଧ୍ୟରେ ଦୁଃଖର ସ୍ରୋତ ସୃଷ୍ଟିକଲା । ରାମ ସଙ୍ଗେ ସଙ୍ଗେ ବନକୁ ବାହାରିବା ପାଇଁ ପ୍ରସ୍ତୁତ ହେଲେ । ସୀତା ମଧ ସ୍ୱାମୀଙ୍କୁ ଛାଡି ଏକୁଟିଆ ରହିବେ ନାହିଁ ବୋଲି ସ୍ଥିର କଲେ । ଲକ୍ଷ୍ମଣ ଏହା ଜାଣି ଉର୍ମିଳାଙ୍କୁ ନ ଜଣାଇ ସେ ମଧ ବନକୁ ଯିବା ପାଇଁ ପ୍ରସ୍ତୁତ ହେଲେ । କୈଶଲ୍ୟା ଅତି ଦୁଃଖରେ ଭାଙ୍ଗିପଡି ରାମଙ୍କ ନିକଟକୁ ଆସି କ୍ରନ୍ଦନ କଲେ । ସୁମିତ୍ରା, ମାଣ୍ଡବୀ, ଶତ୍ରୁକୀର୍ତ୍ତି ଏବଂ ରାଜପୁରର ଅନ୍ୟ ଦାସୀଗଣ କ୍ରନ୍ଦନ କରି ପହଞ୍ଚିଲେ । କେବଳ ଉର୍ମିଳା ଆସି ନ ଥିଲେ । ରାମ, ଲକ୍ଷ୍ମଣ ତାଙ୍କର ରାଜ ପୋଷାକ ଉତାରି ଦେଇ ବାହାରିଲେ । ସୀତାଙ୍କୁ ଗୁରୁଦେବ ବଶିଷ୍ଠ କହିଲେ ତୁମେ ନିଜର ରାଜ ପୋଷାକରେ ବନକୁ ଯାଅ ।

ଏହାପରେ ତିନି ଜଣ ରାଜା ଦଶରଥଙ୍କଠାରୁ ବିଦାୟ ନେବାକୁ ଗଲେ । ରାଜା କହିଲେ ଆଜି ନ ଯାଇ କାଲିଯାଅ । ମାତ୍ର ଶ୍ରୀରାମ କହିଲେ ପିତୃ ଆଦେଶ ସଙ୍ଗେ ସଙ୍ଗେ ପାଳିବା ଉଚିତ । ଏହାପରେ ରାମ କୈକେୟୀଙ୍କ ନିକଟକୁ ଯାଇ ପ୍ରଣାମ କଲେ ଏବଂ ମାତା କୌଶଲ୍ୟାଙ୍କୁ ପ୍ରଣାମ କରି ତାଙ୍କୁ ପିତାଙ୍କ ଦାୟିତ୍ୱ ଦେଇ ବନକୁ ଗମନ କଲେ ।

ଏହାପରେ ବଶିଷ୍ଠଙ୍କ ନିର୍ଦ୍ଦେଶରେ ସାରଥି ସୁମନ୍ତ୍ର ରଥରେ ରାମ ସୀତା ଲକ୍ଷ୍ମଣଙ୍କୁ ବସାଇ ବନକୁ ନେଇଗଲେ । ସେମାନେ ଯାଇ ଶୃଙ୍ଗବେର ପୁରର ଶବର ରାଜା ଗୁହକର ରାଜ୍ୟରେ ପହଞ୍ଚିଲେ । ଗୁହକ ଆସି ଶ୍ରୀରାମଙ୍କଠାରୁ ସମସ୍ତ ଖବର ଶୁଣି ସେ ମଧ ଅତ୍ୟନ୍ତ ଦୁଃଖିତ ହୋଇ କ୍ରନ୍ଦନ କରି ରାମଙ୍କ ସଙ୍ଗରେ ବନବାସ ଯିବାକୁ ବାହାରିଲେ । ଶ୍ରୀରାମ, ଅଯୋଧ୍ୟାରୁ ବନକୁ ବାହାରିବା ସମୟରେ ବହୁତ ପ୍ରଜାମାନେ କାନ୍ଦି କାନ୍ଦି ସେମାନଙ୍କ ରଥ ପଛରେ ଆସିଥିଲେ । ଏହାପରେ ସେମାନେ ସମସ୍ତେ ସରଜୁ ନଦୀ କୂଳରେ ଶୟନ କଲେ । ରଥ ଉପରେ ରାମ ସୀତା ଶୋଇଲେ ଏବଂ ପ୍ରଜାମାନଙ୍କ ସହିତ ରଥ ତଳେ ଶୋଇଲେ ଲକ୍ଷ୍ମଣ ଓ ଗୁହକ । ପ୍ରଜାମାନେ ରଥକୁ ଘେରି ଖୁଣ୍ଟିରେ ରଥକୁ ବାନ୍ଧି ଶୟନ କଲେ । ତା'ପୂର୍ବରୁ ଗୁହକ ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଥିଲେ । କେବଳ ଲକ୍ଷ୍ମଣ ଖାଇ ନ ଥିଲେ କିମ୍ବା ଶୋଇ ନ ଥିଲେ ।

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

# କରୋନା, କଳା ଫିମ୍ପି ଏବଂ ସରକାର

ସୁବ୍ରତ କର



ସରକାର ଦେଶବାସିଙ୍କ ପାଇଁ ବ୍ଲାକ ଫଙ୍ଗସ ରୋଗକୁ ମହାମାରୀ ଭାବରେ ଗ୍ରହଣ କରିଛନ୍ତି । ଦିଲ୍ଲୀ ଏମସର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲାରୀ ଗତକାଲି କହିଛନ୍ତି ଏବେ ଦେଶରେ ପ୍ରାୟ ୫୦୦୦ରୋଗୀ ରୋଗରେ ଆକ୍ରାନ୍ତ ଅଛନ୍ତି ଏବଂ ଏହା ନୂଆ ରୋଗ ନୁହ । ୨୦୦୨ ମସିହାରେ ଏହି ରୋଗର ଆବିର୍ଭାବ ଘଟିଥିଲା । ଏବେ ଯାହା ଜଣାପଡୁଛି କରୋନା ରୋଗଠାରୁ ବ୍ଲାକ୍ ଫଙ୍ଗସ୍ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁହାର ବେଶି ଏବଂ ସାଧାରଣ ଭାବରେ କୋଭିଡ୍ ରୋଗରେ ଆକ୍ରାନ୍ତ ହୋଇ ଭଲ ହେବାପରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଡାକ୍ତର ଗୁଲାରିଆଙ୍କ କଥାନୁସାରେ ଦୁଇଟି ଜିନିଷ ଉପରେ ନଜର ରଖିବାକୁ ପଡ଼ିବ । ଏକ ହେଲା ଡାଇବେଟିସକୁ ଭଲଭାବରେ ଅକ୍ତିଆରରେ ରଖିବାକୁ ପଡ଼ିବ କାରଣ ବେଶି ଥିବା ଡାଇବେଟିସ ରୋଗୀଙ୍କୁ ଏହା ସହଜରେ ଆକ୍ରାନ୍ତ କରିଥାଆନ୍ତି କାରଣ ତାଙ୍କର ଦେହରେ ଇମ୍ୟୁନିଟି ଖୁବ୍ କମ୍ ଥାଏ ? ଅନ୍ୟଟି ହେଲା ଏହି ରୋଗକୁ ଭଲ କରିବାକୁ ହେଲେ ଷ୍ଟେରଓଡର (ଏକ ଔଷଧ) ବ୍ୟବହାର ଉପରେ ମଧ୍ୟ ନଜର ରଖିବାକୁ ପଡ଼ିବ କାରଣ ଷ୍ଟେରଓଡ ଔଷଧ ବହୁଳ ଭାବରେ ବ୍ୟବହାର କଲେ ଦେହରେ ଥିବା ଇମ୍ୟୁନିଟି କମିଯାଏ ।

ଏବେ ଆସିବା ଆମ ରାଜ୍ୟ ଏବଂ ଜିଲ୍ଲାସ୍ତରକୁ । ମୋ ଜାଣିବାରେ ବାଲେଶ୍ୱରରୁ ଜଣେ ରୋଗୀ ଏହି ରୋଗରେ ପୀଡ଼ିତ ହୋଇ କିମସ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପରେ ପରେ ଆହୁରି ଭୁବନେଶ୍ୱରକୁ ଯାଇଥିବେ ଏବଂ ଓଡ଼ିଶାରେ ଏବେ ଏହି ରୋଗ ଦିନକୁ ଦିନ ବଢ଼ି ଚାଲିଛି । ଏହାକୁ ଦେଖି ସରକାର ସ୍ୱାସ୍ଥ୍ୟ ବିଭାଗ ଗୋଟାଏ ଏକ୍ସପୋର୍ଟ ଟିମ୍ ଗଠନ କରିଛନ୍ତି ଏବଂ ଏହାର ହେଡ୍ ହେଉଛନ୍ତି ମେଡାମ ଡାକ୍ତର ପରିଡ଼ା ଏବଂ ସେ ହେଉଛନ୍ତି କଟକ ଏସ.ସି.ବିର ମାଇକ୍ରୋବାଇଲଜି ବିଭାଗର ମୁଖ୍ୟ । କିନ୍ତୁ ଦୁଃଖର କଥା ଏ ପର୍ଯ୍ୟନ୍ତ ଏହି ଟିମ୍ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ପାଇ ବିଶେଷ କଛି କରିପାରିନାହାଁନ୍ତି । ଏହାପାଇଁ ଦରକାର ହେଉଥିବା ଇଂଜେକ୍ସନ ଏମଫସୁଲ ବା ଲାଇପସମାଲ ଏମଫୋଟ୍ରେସନ ବଜାରରେ ମିଳୁନାହିଁ । ଏହାର ବଜାର ମୂଲ୍ୟ ୩୦୦୦ ଟଙ୍କା ଗୋଟାକୁ ଏବଂ ଜଣେ ରୋଗୀକୁ ୨୦ ଦିନ ପାଇଁ ମାନେ ୬୦-୭୦ଟି ଇଂଜେକସନ ନେବାକୁ ପଡ଼ିବ । ବଜାରରେ ଏବେ ଏହି ଇଂଜେକସନର ଜୋର କଳାବଜାରୀ ଚାଲିଛି ଏବଂ ଏହାର ଷ୍ଟକିଷ୍ଟ (ନା ନେବା ଠିକ୍ ହେବ ନାହିଁ) କଳାବଜାର ମାଧ୍ୟମରେ ଭଲ ପଇସା ରୋଜଗାର କରି ଚାଲିଛି । ମୋର ଏଇଠି ସରକାରଙ୍କୁ ଏବଂ ସରକାର ଗଠନ କରିଥିବା ଟିମକୁ ଅନୁରୋଧ ଯେ ଯଦି ରୋଗୀ ଇଂଜେକସନ ପାଇ ପାରିଲା ନାହିଁ ଏବଂ ଏତେ ଦରରେ କିଣିବାକୁ ପଡ଼ିବ (୪-୫ ଲକ୍ଷ ଟଙ୍କା) ସେ ରୋଗୀକୁ ଆମେ ଜାଣିଶୁଣି ମାରି ଦେଉ ନାହୁଁ କି ? ମୋର ଅନୁରୋଧ ସେ ମେଡାକ ଡାକ୍ତର ପରିଡ଼ାଙ୍କୁ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ଉପରୋକ୍ତ ଇଂଜେକସନ ଗୁଡ଼ିକ ସୁଲଭ ମୂଲ୍ୟ ହେଉ ବା କୋଭିଡ୍ ପଇସାରେ ହେଉ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଶୀଘ୍ର ଯୋଗାଇବାର ବ୍ୟବସ୍ଥା କରାହେଉ ଏବଂ ସବୁ ଜିଲ୍ଲାସ୍ତରରେ ଦାୟିତ୍ୱରେ ଥିବା ଡାକ୍ତରମାନେ ମଧ୍ୟ ଏହାକୁ ଯଥେଷ୍ଟ ପରିମାଣରେ ଷ୍ଟକ୍ ରଖିବାକୁ ଚେଷ୍ଟା କରନ୍ତୁ । କାରଣ ଏମିତି ସମୟ ନ ଆସୁ ଡାକ୍ତର ସରକାର ଅସହାୟ ହୋଇରହିବେ କିନ୍ତୁ ଇଂଜେକସନ ରଖିଥିବା ଷ୍ଟକିଷ୍ଟ କୋଟିପତି ପାଖରେ ଏବଂ ଗୋଟାଏ ପରେ ଗୋଟାଏ ରୋଗୀଙ୍କ ଜୀବନ ବିନା ଚିକିତ୍ସାରେ ମୃତ୍ୟୁର ସମ୍ମୁଖୀନ ହେଉଥିବେ । ଈଶ୍ୱର ଏପରି ନ କରନ୍ତୁ ।

## କବିତା କୋଣାର୍କ

### ଲିଭେଇ ଦେଲୁ

ଦୁଷ୍ମନ୍ତ ବେହେରା

ଲିଭେଇ ଲୁ ମୋତେ ଛାଡିରୁ ତୋ'ର
ଲେଖିଲୁ ନା ତୁ ଆଉ କାହାର
ଝଡ ସାଜି ଉଡେଇ ଲୁ
ଢେଉ ସାଜି ବୁଡେଇ ଲୁ !!

ମୋତେ କଷ୍ଟ ଦେଇ କ'ଣ
ପାଇବୁ ଦରଦ ଆଶା କୁ
ଜିଉଁ ଥାଉ ଥାଉ ତ ହାତ
ଇସାରା ରେ ମାରି ଦେଲୁ !!

ହିନିମାନ କରିବାର ଥିଲା
ମୋ ସହିତ କରିଥାନ୍ତ
ମୋ ଶରୀରର କ'ଣ ଭୁଲ ଥିଲା
ଯେ ଝୁରେଇ ଝୁରେଇ ଜାଳିଲ !!

ତୁ ଏତେ ନିର୍ଦ୍ଦୟ କେମିତି ହେଲୁ
ପ୍ରିୟା ତ ତନସା ଚେହେରା କୁ
ଚିହ୍ନି ପଡି ପାରିଲିନି ବୋଲି
ମୋ ଆତ୍ମା ପାଇଲା ସଜା !!

ନିଆଁ ସାଜି ଜାଳି ଦେଲୁ
ଛୁରୀ ସାଜି ଭୁଷି ଦେଲୁ
ଆଉ କ'ଣ ରହିଲା ଯେ
ଦେହ କୁ ଏମିତି ଭୁଷି ଦେବୁ !!

ମୋ ଆଖି ରେ ଲୁହ ଦେଇ
ଖୁସି ରେ ବି ପାରିଲୁ ତୁ
ମୋ ଅଙ୍ଗାର ମନେ ପକେଇ ଦେବ
ତୁମକୁ ସ୍ୱାର୍ଥପର ଥିଲା ତମ ଚରିତ୍ର
!!

ମୋ ଜୁଇ ନିଆଁ ଲାଗିବା ଆଗରୁ
ପଡୁଛୁ ତୁ ମନେ ପାଉଁଶ
ଅଛି ସାକ୍ଷୀ ତ ପ୍ରେମର ଲିଭିବାକୁ
ଦେଲୁ ମୋ ସଂସାର !!

ମଶାଣି ରେ ଥିବି ଚାହିଁ ଯଦି ଆସିବ
କହିବି କଥା ଟିଏ ତୁମ କାନେ
ମଳିଆ ତୁମ ଦେହ ଯଉବନ
ପରିଷ୍କାର କରିବ ମନ !!

ହସି ହସି ବିଦାୟ ନେଉଛି ପ୍ରିୟା
ଏ ଦୁନିଆ ରୁ ଦୁଃଖ ରହିଗଲା ଏତିକି
ସୁନ୍ଦର ଦେଖି ପାଇଲି ଭଲ
ରୂପ ରେ ଥିଲା କଳଙ୍କ ଦାଗ !!

+ ରାସୋଳ-ମୁଣ୍ଡିଆପକ୍ଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

### ହାରିବାନି କେବେ

ଝରଣା ବାରିକ

ଚାଲିବାକୁ ଅଛି ଅନେକ ବାଟ
ଥକି ଗଲେ ହାରି ଯିବ ,
ଆସିବନି କେବେ ଖାଲି ଫୁଲ ଏଠି
କ । ମାଡିବାକୁ ହେବ ।

ସିଧା ଚାଲୁଥିଲେ ନାକ କୁ ସଳଖି
ସହଜ ହେବନି ରାସ୍ତା,
ମଣିଷ ଜୀବନ ଦୁର୍ଲଭ ଜୀବନ
ଭାବିବନି ତାକୁ ଶସ୍ତା ।

ଦେଖ ଏ ପ୍ରକୃତି ତୁମରି ଆଗରେ
କେତେ ଝଡ଼ ଝଞ୍ଜା ସହେ,
କିଛି ଦିନ ପରେ ସବୁଜ ରଙ୍ଗରେ
ସଜେଇ ମନକୁ ମୋହେ ।

ଫୁଲ ଫୁଟି ଝଡେ ଯାଏ ବି ମଉଳି
ଫୁଟିବା ତା ରୋକେ ନାହିଁ,
କେତେ ପ୍ରତିଘାତ ସହି ଏଠି ନଦୀ
ଆଗକୁ ବି ଯାଏ ବହି ।

ଟଳମଳ ହୁଏ ନାଉରୀ ର ନାଆ
କେବେ କେବେ ଯାଏ ବୁଡି,
ତଥାପି ଡରେନି ନିତି କରେ ପାରି
ଆସୁ ବା ବରଷା ଝଡି ।

କେବେ ଡରିବାନି ଯମା ହାରିବାନି
ହେବା ନାହିଁ ଧର୍ଯ୍ୟ ହରା,
ଦୃଢ଼ ଯଦି ଥିବ ଆମ ମନୋବଳ
ହସିବା ଜୀବନ ସାରା ।

+ ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- ୯୫୫୬୮୪୬୯୩୨



ଆଜିର ଗଳ୍ପ

ଶ୍ରୀନିବାସ ସେଠୀ



# ବିପନ୍ନ



ଭାରତର ସର୍ବବୃହତ ଲାଇବ୍ରେରୀ 'କଲିକତାର ନେସନାଲ ଲାଇବ୍ରେରୀ' ର ଠିକ୍ ପରେ ପରେ ଆଲିପୁରର 'ଏଗ୍ରି ହର୍ଟିକଲଚର ସୋସାଇଟି ଅଫ୍ ଇଣ୍ଡିଆ' । ଏଇଟା ଦୁଇଶହ ବର୍ଷର ପୁରୁଣା ଗୋଟିଏ ସୁନ୍ଦର ଗାର୍ଡେନ । ଆଲିପୁର ଇଲାକାଟି ଖୁବ୍ ଗହଳ ଚହଳପୂର୍ଣ୍ଣ , ମାତ୍ର ଆପଣ ଯଦି ଗାର୍ଡେନ ଭିତରକୁ ଥରେ ପଶିଯାଆନ୍ତି ତେବେ ମନେ ହେବନି ଯେ ଆପଣ କଲିକତା ଭିତରେ ଅଛନ୍ତି । ଲାଗିବ ଯେମିତି କେଉଁ ଉପବନ ଭିତରକୁ ପଶି ଆସିଛନ୍ତି । ଗାର୍ଡେନ ଭିତରେ ସବୁ ପ୍ରକାରର ମୂଲ୍ୟବାନ ଗଛସବୁ ଥାଏ । ଫୁଲରେ ଭର୍ତ୍ତିଥାଏ ବର୍ଷସାରା । ଗାର୍ଡେନର ଠିକ୍ ମଝିରେ ଗୋଟିଏ ବିରାଟ ପଡିଆ । ପାଖକୁ ପାଣି ଭର୍ତ୍ତି ନୀଳକଇଁ ପୋଖରୀ । ତା ଭିତରେ ବିଭିନ୍ନ ରଂଗର ୱାଟର ସ୍ପ୍ରିଙ୍ଗ । ପୋଖରୀ କୂଳରେ ଯୋଗ ଓ ଜୁମ୍ବା ଡେନସ୍‌ର ମଣ୍ଡପ । ଗାର୍ଡେନ ଭିତରକୁ ପଶିଗଲା ପରେ ସହରର ସବୁଠୁ ବ୍ୟସ୍ତମୟ ସେ ଇଲାକାରେ କୌଣସି ଗାଡି ମଟରର ଶବ୍ଦ ଶୁଭାଯାଏନି । ବହୁତ ପ୍ରକାରର ପକ୍ଷୀଙ୍କ କଳରବରେ ଗାର୍ଡେନଟି ନିଜସ୍ୱ ଏକ ମଧୁର ସ୍ୱର ବାନ୍ଧି ରଖିଥାଏ । ଗାର୍ଡେନ ପାଚେରୀ ବାହାରକୁ ଲାଗି ଉଚ୍ଚ ପଦସ୍ଥ କେନ୍ଦ୍ରୀୟ ଅଫିସର, ଆଇ.ପି.ଏସ୍ ଅଫିସରଙ୍କ ବାସଭବନ, ବଡ ବଡ ଜଜ୍‌ଙ୍କ ନିଜସ୍ୱ ବାସଭବନ , କୋଠାରୀ, ଜିଣ୍ଡାଲ ଓ ଆହୁରି ବଡ ବଡ ଉଦ୍ୟୋଗପତିଙ୍କ ଘର । ସେମାନେ ପ୍ରତ୍ୟେକ ଦିନ ଗାର୍ଡେନ ଭିତରକୁ ମର୍ଣ୍ଣିଂୱାକ୍ ଓ ଇଭିନିଙ୍ଗ୍ ୱାକ୍ ପାଇଁ ଆସନ୍ତି । ଗାର୍ଡେନର ଏଣ୍ଟ୍ରି ଫି ଥରକ ପାଇଁ ପଚାଶ ଟଙ୍କା । କିନ୍ତୁ ସେମାନେ ବାର୍ଷିକ ସଦସ୍ୟତା ଗ୍ରହଣ କରି ବର୍ଷ ସାରା ଆସନ୍ତି । କେହି କେହି ଆଜିର ବିରଳ ଏକାନ୍ନବର୍ତ୍ତୀ ପରିବାରର ଦୁର୍ଲ୍ଲଭ ହସ ଖୁସିକୁ ନିଜ ଜୀବନରେ ଖୋଜି ଖୋଜି ଏଇଠିକୁ ଆସିଥାନ୍ତି ଓ ସେହି ଗାର୍ଡେନର ଏକାନ୍ତ ନିଘଞ୍ଚ ଗଛ ଉହାଡରୁ ଗୋଟିଏ ଲାଫିଙ୍ଗ୍ କ୍ଲବ ସଦସ୍ୟ ମାନଙ୍କର କୃତ୍ରିମ ହୋ ' ହୋ ହସ ଦୂରକୁ ଗୋଟିଏ ବିପନ୍ନ ଜୀବନର ଅଟ୍ଟହାସ୍ୟ ଭଳି ମନେ ହେଉଥାଏ ।

ମୁଁ ସେହି ଗାର୍ଡେନ ଭିତରେ ଜଣେ ସାଧାରଣ ମାଳି ହିସାବରେ କାମ କରେ ମାସିକ ପନ୍ଦର ହଜାର ଟଙ୍କା ଦରମାରେ । ତା ଭିତରେ ସର୍ବମୋଟ ବତିଶ ଜଣ ମାଳିଙ୍କ ଭିତରୁ ମୁଁ ସବୁଠୁ ସାନ ମାତ୍ର ଅଠର ବର୍ଷ ବୟସର । ମୁଁ ଫୁଲ ଗଛର ଶୁଖିଲା ପତ୍ର ଓ ତଳେ ଖସି ପଡିଥିବା ଝରା ଫୁଲକୁ ସାଉଁଟି ଝାଡୁ ମାରୁଥିବା ସମୟରେ କେବେ କେବେ ମୁଁ ଗଛର ଫୁଲକୁ ଚାହିଁ ଅନ୍ୟମନସ୍କ ହୋଇଯାଏ । କାହିଁକି ମୁଁ ନିଜେ ଜାଣେନି । ହୋଇପାରେ ମୋର ଏ ବୟସ ଯୋଗୁଁ ଫୁଲଟିଏର ରଂଗ ମୋ ଆଖିକୁ ଗାଢ଼ ଲାଗୁଥିଲା ଅବା ଫୁଲର ବାସ୍ନା ମୋତେ ଭଲ ଲାଗୁଥିଲା । କିନ୍ତୁ ସେହି ରାସ୍ତାରେ ସାଙ୍ଗହୋଇ ମର୍ଣ୍ଣିଂୱାକ୍ କରୁଥିବା ଚାରି ପାଞ୍ଚ ଜଣ ମାଡାମ୍ ମାନେ ମୋତେ ଦେଖି ଇଂରାଜୀରେ କ'ଣ କହି ନିଜ ଭିତରେ ହସି ହସି ଆଲୋଚନା କରନ୍ତି ତାହା ମୁଁ ବୁଝିପାରେନି । ହୁଏତ ଶୁଖିଲା ପତ୍ର, ଝରାଫୁଲ ଓ ଝାଡୁରେ ଉଦ୍ଦେଶ୍ୟ ରଖିଥିବା ମାଳି ଗୋଟିଏ ଫୁଟିଲା ଫୁଲ ପାଖରେ ଅଟକି ଯିବା ଘଟଣାକୁ ଦେଖି ସେମାନେ ମନଭରି ଉପହାସ କରୁଥିଲେ । ସେମାନେ କିନ୍ତୁ ବହୁତ ସମ୍ଭ୍ରାନ୍ତ ଘରର ମାଡାମ୍ ଥିଲେ ଓ ସବୁ ପର୍ବପର୍ବାଣୀରେ ଖାଇବା ପ୍ୟାକେଟ୍ ନଚେତ୍ ମିଠା ପ୍ୟାକେଟ୍ ଆଣି ଆମମାନଙ୍କୁ ଗୋଟିଏ ଲାଇନରେ ଛିଡ଼ା କରାଇ ଉପହାର ଦେଉଥିଲେ । ସମସ୍ତେ ଖୁବ୍ ମଡର୍ଣ୍ଣ ଥିଲେ, ପଇଁତିରିଶ ବର୍ଷ ବୟସରେ ମଧ ମିନି ସ୍କର୍ଟ ଓ ଉପରେ ଟପ୍ ପିନ୍ଧୁଥିଲେ । ୱାଟର ସ୍ପ୍ରିଙ୍ଗ ପାଖରେ କେବେ କେବେ ଜୁମ୍ବା ଡାନ୍ସ କରୁଥିଲେ ।

ସେଦିନ ହଠାତ୍ ମୋର ବୁଦ୍ଧି ନାଶ ହେଲାନା ନା କ'ଣ କେଜାଣି ମୁଁ ମାଡାମଙ୍କ ଗ୍ରୁପରୁ ସାମାନ୍ୟ ପଛେଇ ଯାଇଥିବା ଜଣେ ମାଡାମ୍‌ଙ୍କୁ ଦେଖି ମୋ ପାଟିରୁ ଅଚାନକ ବାହାରି ପଡ଼ିଲା,

-'ମାଡାମ୍, ଆପଣଙ୍କୁ ଏ ଡ୍ରେସ୍ ବହୁତ ଭଲ ଲାଗୁଛି । ଏଥିରେ ଆପଣ ବହୁତ ହଟ୍ ଲାଗୁଛନ୍ତି । 'ମୁଁ ଏତକ କହି ନିଜ ସ୍ୱର ନିଜେ ଶୁଣି ବହୁତ ଡରିଗଲି । ସେ ମାଡାମ୍ ତୁରନ୍ତ ପଛକୁ ଫେରି ପଡି କହିଲେ ,

-'କ'ଣ କହିଲୁ ଆଉ ଥରେ କହ ।'

ମୁଁ ? ବୁଝି ପାରିଲି ମୁଁ ଜଣେ ମାଳି । ଏଇମିତି କହିବା ଠିକ୍ ହୋଇନାହିଁ । ଏ ଭାଷା ବଡ ଲୋକଙ୍କର ।

- 'ସତ କହୁଛି ମାଡାମ । ପାଞ୍ଚ ବର୍ଷ ତଳେ ଆମର ଗୋଟିଏ ସୁନ୍ଦର ସଂସାର ଥିଲା । ମୋ ମାଆ ନିଜ ପରିବାର, ବାପା, ଭାଇ ସମସ୍ତଙ୍କୁ ଛାଡି ମୋ ବାପାଙ୍କୁ ଭଲ ପାଇ ବାହା ହୋଇଥିଲା । ମୋ ବାପା ଗୋଟିଏ ବଡ଼ ସାହେବର କାର୍ ଚଲାଉଥିଲେ । ଆମର ପଇସା ନଥିଲା କିନ୍ତୁ ଘର ଭିତରେ ବହୁତ ଭଲ ପାଇବା ଥିଲା । ମାଆ ବାପାଙ୍କ କାନ୍ଧ ଉପରେ ମଥା ରଖିଦେଲେ ସବୁ ଅଭାବ ଭୂଲି ଯାଉଥିଲା । ବାପା ଦିନ ସାରା କେତେ କଷ୍ଟ କାମ କରି ସଂଧ୍ୟାରେ ଯେତେ କ୍ଳାନ୍ତ ହୋଇ ଫେରିଲେ ବି ମୋ ମାଆକୁ ନିଜ ଛାତିରେ ଆଉଜେଇ ନେଲାବେଳେ ଭାବୁଥିଲେ ସେ ପୃଥିବୀର ସବୁଠୁ ଅମୀର ମଣିଷଟିଏ । ସେହି ଦୁଇ ଜଣଙ୍କ ପ୍ରେମ ଓ ବିଶ୍ୱାସକୁ କେନ୍ଦ୍ର କରି ମୋର ଯେତେ ସବୁ ଛୋଟ ଛୋଟ ଅଳି, ଅଝଟ ଆଉ ତାଙ୍କ ଖୁସି । କିନ୍ତୁ ଏ ଖୁସି ବେଶି ଦିନ ତିଷ୍ଠି ରହିଲା ନାହିଁ । ବାପା ହଠାତ୍ ଦିନେ ଗୋଟିଏ ରୋଡ୍ ଆସିଡେଣ୍ଟରେ ମରିଗଲେ । ଆମର କେହି ନଥିଲେ ନିଜର କରି ଆଶ୍ରୟ ଦେବାକୁ । ମୋ ମାଆ ପୁରାପୁରି ଏକୁଟିଆ ହୋଇଗଲା । ମୋ ମାଆ ମୋତେ ଦୁଇ ମୁଠା ଭାତ ଖୁଆଇବା ପାଇଁ ଦୁଆର ଦୁଆର ବୁଲିଲା ।

ମୁଁ ଡରରେ ଥରୁଥିଲି । ପାଞ୍ଚ ଜଣିଆ ସେ ଗ୍ରୁପ୍ ଏକା ସାଙ୍ଗରେ ଘେରି ଯାଇଥିଲେ ମୋତେ ।

- ' ଏ ଇଡିଅଟ୍ ! ଆଉ ଥରେ କହିଲୁ କ'ଣ ସେତେବେଳେ କହୁଥିଲୁ ।'

ତାଙ୍କ ଭିତରୁ ଜଣେ କହିଲେ , - 'ମାଳିନୀ ! ତୁ ପୋଲିସକୁ ଖବର ଦେବୁନା ମୁଁ ଦେବି ?' ସେ ଫୋନ୍ ବାହାର କଲେ ।

ତୃତୀୟ ଜଣକ କହିଲେ , -'ରହ , ମୁଁ କହୁଛି, ଏସ୍. ପି. ନମ୍ବର ମୋ ପାଖରେ ଅଛି । ତୁ ମୋ ଜିମାରେ ଛାଡିଦେ ।'

- 'ନା, ଏତେ ସକାଳେ ଥାନାରେ କେହି ଆସିନଥିବେ । ରହ, ଏ ରାସ୍କେଲ୍‌କୁ ଆଗ ମୁଁ ପଚାରେ ।'

ଚତୁର୍ଥ ଜଣକ କହିଲେ ,

- ' କ'ଣ ପଚାରିବୁ ? ତୁ ଛାଡ ! ତା ବାଳ ଧରି ଟାଣି ଟାଣି କେମିତି ଗାଡ଼ିରେ ବସାଇ ମୁଁ ତାକୁ ଥାନାରେ ହେଣ୍ଡ ଓଭର କରୁଛି ଦେଖ ।'

ମାଳିନୀ ମାଡାମ କହିଲେ,

- ' ହଁ, ପରା, ମୁଁ ସେୟା କରୁଛି ଏବେ, ତୁ ଦେଖ !'

ପାଞ୍ଚଜଣଯାକ ମାଡାମ ମୋତେ ନେଇ ଥାନାରେ ଦେବାକୁ ପ୍ରତିଯୋଗିତା ଆରମ୍ଭ କରିଦେଇଥିଲେ ।

ମୁଁ ମୋ ମଥାକୁ କାକୁସ୍ଥରେ ଦୁଇ ହାତରେ ଜଡାଇ ଧରିଥିଲି । ବାଳ ଟାଣି ଛିଡାଇ ଦେବାର ଭୟଠାରୁ ମୋ ବେକ ଉପରେ ଆଉ ମୁଣ୍ଡଟି ରହିବ କି ନାହିଁ ମୋର ଚିନ୍ତାଥିଲା ।

ମାଳିନୀ ମାଡାମ ମୋତେ ମୋ ବାଳ ଧରି ଟାଣି ଟାଣି ନେଲେନି ଅବଶ୍ୟ । ହୁଏତ ମୋ ବାଳ ଧରିବାକୁ ସେ ଘୃଣା କରୁଥିଲେ । କିନ୍ତୁ ଗୋଟିଏ ଧମକରେ ମୋତେ ତାଙ୍କ ଗାଡ଼ି ପଛରେ ବସାଇ ଗାଡି ଷ୍ଟାର୍ଟ କରିବାକୁ କହିଲେ । ସେ ଏତେ ରାଗି ଯାଇଥିଲେ ଯେ ଡ୍ରାଇଭର ଟିକିଏ ବିଳମ୍ବ କରିବାରୁ ତାକୁ ଓହ୍ଲେଇ ଦେଇ ନିଜେ ଗାଡ଼ି ଷ୍ଟାର୍ଟ କଲେ । ସେ ବୟସ୍କ ଡ୍ରାଇଭର ଜଣକ ସେମିତି ରାସ୍ତା କଡ଼ରେ କାକୁସ୍ଥରେ ଛିଡା ହୋଇ ଚାହିଁ ରହିଥିଲା ।

ମାଡାମଙ୍କ ଗାଡ଼ିକୁ ଦେଖି ଦରୱାନ ଗେଟ୍ ଖୋଲିଦେଲା । ଭିତରେ ରାଜପ୍ରସାଦ ଭଳି ଘର । ମୋ ମୁହଁ ରକ୍ତଚିପୁଡା ପରି ଲାଗୁଥିଲା । ମାଡାମ୍ ଫୋନରେ କାହା ସାଙ୍ଗରେ କଥା କହିଲେ । କେହି ପୋଲିସ ଆଇ. ଜି ସାଙ୍ଗରେ ହୋଇଥିବେ ବୋଲି ମୁଁ ଭାବୁଥିଲି । ମାଡାମ୍ ପୁଣି କହିଲେ,

- 'ହଉ , ମୁଁ ତାକୁ ଉପର ରୁମରେ ବସାଇ ରଖିଛି ।'

ମାଡାମ ତାଙ୍କ ଚାକରାଣୀକୁ ପଚାରିଲେ,

- 'ତୁମ ସାର୍ ଉଠିଲେଣି ?'

- 'ନାଁ, କାଲି ବହୁତ ରାତିରେ ଫେରିଛନ୍ତି ।'

- 'ହଉ , ଖୋଜିଲେ କହିବୁ, ଉପରେ ମୁଁ ଗୋଟିଏ ଜରୁରୀ ମିଟିଂରେ ଅଛି ।'

ତାପରେ ମୋତେ ଉପର ରୁମକୁ ଯିବାକୁ କହିଲେ । ମୁଁ ଉପରେ ଡ୍ରଇଂ ରୁମରେ ବସି ରହିଲି । ମାଡାମ୍ ଭିତରକୁ ଗଲେ । ମୁଁ କିନ୍ତୁ ଥାନାର ଦୃଶ୍ୟ ମନେ ମନେ ଭାବି ଭୟରେ ଶିହରି ଉଠୁଥିଲି । ବାହାରେ ପୋଲିସ ଗାଡିର ଶବ୍ଦକୁ କାନ ଡେରୁଥିଲି ବାରବାର୍ ।

ଟିକିଏ ପରେ ମାଡାମ ନିଜ ହାତରେ ଦୁଇ କପ୍ ଚାହା ଧରି ଆସି ବସିଲେ ମୋ ସାମନାରେ । ଯେମିତି ଫାସି ପାଉଥିବା ଲୋକକୁ ଶେଷ ଭୋଜନ ଦିଆଯାଏ, ସେଇମିତି ମୋତେ ଲାଗୁଥିଲା ।

ମୁଁ ପଚାରିଲି , - 'ମାଡାମ ପୋଲିସ କେବେ ଆସିବ ?'

- 'କେଉଁ ପୋଲିସ ?'

- ' ଆପଣଙ୍କ ସାଙ୍ଗ ସାମନାରେ ଆପଣ କହୁଥିଲେ ଯେଉଁ ମୋତେ ପୋଲିସକୁ ଦେଇ ଦେବେ ବୋଲି ।'

- ' ହଁ ତାଙ୍କ ସାମନାରେ କହୁଥିଲି ମିଛରେ । ସେମାନେ ଜାଣନ୍ତି ମଧ ମୁଁ ମିଛରେ କହୁଛି ବୋଲି । କାରଣ ସେମାନେ ଚାହୁଁଥିଲେ ତୋତେ ନେଇ ଯିବାକୁ ନିଜ ନିଜ ସାଙ୍ଗରେ । ମୁଁ କିନ୍ତୁ ତାହା କରିବାକୁ ଦେଲିନି । ସେମାନେ ସମସ୍ତେ ଗୋଟିଏ ଗୋଟିଏ ବିପନ୍ନ ଜୀବନ ବଂଚନ୍ତି । ମୁଠା ମୁଠା ପଇସା ଥାଏ କିନ୍ତୁ ବଡ଼ ଅସୁଖୀ ସେମାନେ ତାଙ୍କ ସଂସାରରେ । ଅସୀମ ତାଙ୍କ ଇଚ୍ଛା ଓ ଅଜବ ତାଙ୍କ ରୁଚି । ତୋତେ କଲ୍ ବୟ ରୂପେ ବ୍ୟବହାର କରିଥାନ୍ତେ । ବଡ ନିଷ୍ଠୁର । କଲ ବୟକୁ କେତେ ଥର ଦାନ୍ତ ଓ ନଖରେ ଆମ୍ପୁଡି ବି ଦିଅନ୍ତି । ଫେରିଲା ବେଳକୁ ଟଙ୍କା ହାତରେ ନ ଦେଇ କେବେ କେବେ ଟଙ୍କା ମୁହଁ ଉପରକୁ ଫିଙ୍ଗି ଦିଅନ୍ତି । ମୁଁ ଅବଶ୍ୟ ସେଇମିତି କରିବିନି ।'

ସେ ପୁଣି ଟିକିଏ ସ୍ୱର ପରିବର୍ତ୍ତନ କରି କହିଲେ ,

- 'ଆଛା କହିଲୁ , ମୁଁ କ'ଣ ସତରେ ସୁନ୍ଦର ? ଏ କଥା ମୋତେ ମୋ ହଜବ୍ୟାଣ୍ଡ୍ ମଧ ଥରେ ବି କହିନାହାନ୍ତି । ହଁ, ତୋ ପୂର୍ବରୁ କେହି ବି କହି ନାହାନ୍ତି । ତୋ ମୁହଁରୁ ଶୁଣି ମୁଁ ବଡ଼ ଖୁସି ହେଲି । କିନ୍ତୁ ତୁ ସତ କହିଲୁ ନା ?' ସେ ନିଜକୁ ଦେଖୁଥିଲେ ।

ମୁଁ ଭାବିଲି , ' ଆହାଃ , କେତେ ଦୁଃଖୀ ଏତେ ବଡ଼ ବଡ଼ ଘରେ ରହୁଥିବା ମଣିଷ ମାନେ । ଏକା ପାଖରେ ରହି କେତେ ଦୂର ହୋଇ ରହନ୍ତି । ଟିକିଏ ପରସ୍ପରକୁ ପ୍ରଶଂସା ବି କରନ୍ତି ନାହିଁ ମିଛରେ ହେଲେ ବି । ଟିକିଏ ଭଲ ପାଇବାର କଥା କହନ୍ତି ନାହିଁ । 'ମାଡାମ ପ୍ରକୃତରେ ବହୁତ ସୁନ୍ଦର ଥିଲେ । ମୁଁ ମାଡାମ୍‌ଙ୍କୁ ହସି କହିଲି ,

' ହଁ, ଆପଣ ବହୁତ ସୁନ୍ଦର ।'

ସେ ବହୁତ ଖୁସି ହୋଇ କହିଲେ , - 'ତୋ ହସ ଖୁବ୍ ସୁନ୍ଦର । ତୁ ମଧ ଖୁବ୍ ସୁନ୍ଦର । ତୁ ଯେତେବେଳେ ଫୁଲଗଛ ମୂଳରେ ବସି କାମ କରୁଥାଉ , ଆମେ ତୋତେ ଦୂରରୁ ଦେଖି ଘରକୁ ଆଗ କିଏ ନେଇକରି ଯିବ, ସେ କଥା ଆଲୋଚନା କରୁ ।'

ଆଚ୍ଛା ତୋ ନାମ କ'ଣ ?

- 'ମୋ ନାମ ରାଜ ତିଳକ ଚର୍ତୁବେଦୀ ।'

- ' ମୁଁ ତୋତେ ରାଜୁ ବୋଲି ଡାକିବି ।'

ମୁଁ ଖୁସି ହୋଇ କହିଲି , - 'ମୋତେ ରାଜୁ ବୋଲି ମୋ ମାଆ ମଧ ଡାକେ ।'

ମାଡାମ ମୋ କଥା ଶୁଣି ହଠାତ୍ ଛେପ ଢୋକି କହିଲେ , - 'କିନ୍ତୁ ରାଜୁ ଗୋଟିଏ ପୁରୁଣା ନାମ । ମୁଁ ତୋତେ ତିଳକ ବୋଲି ଡାକିବି ।'

ମୋ ମାଆ ଯେଉଁ ନାମରେ ଡାକେ ମୋତେ, ସେହି ନାମରେ ସେ ଡାକିବାକୁ ଚାହୁଁ ନଥିଲେ । ତେଣୁ ସେ ନାମ ବଦଳି ଡାକିଲେ ।

ସେ ମୋତେ ଭିତରକୁ ଡ଼ାକି ଗୋଟିଏ ନୂଆ ତଉଲିଆ ଦେଇ କହିଲେ, - 'ଯା, ତୋ ଦେହରେ ବହୁତ ଧୂଳି । ନୂଆ ସାବୁନ୍ ଓ ସାମ୍ପୁ ରଖାହୋଇଛି । ଆଗ ଯାଇ ଏଇ ଘର ବାଥ୍ ରୁମରେ ପଶି ସାବୁନରେ ଭଲ ଭାବେ ଗାଧୋଇ ନେବୁ । ମୁଁ ତୋ ପାଇଁ କିଛି ଖାଇବାକୁ ଆଣୁଛି ।'

ମୁଁ ଗୋଧୋଇ ଆସିଲା ବେଳକୁ , ଫୁଙ୍ଗା ଥିଲି । ସାବୁନ ଲଗାଇ ଗାଧୋଇବା ପରେ ମୋ ଗୋରା ଦେହରେ କିଛି ପାଣି ବୁନ୍ଦା ଚକ୍ ଚକ୍ କରୁଥିଲା । ସେ ମୋତେ ଏକା ଲୟରେ ଚାହିଁ ରହିଥିଲେ । ସେ ଦେଇଥିବା ଗୋଟିଏ ନୂଆ ବରମୁଣ୍ଡା ମୁଁ ପିନ୍ଧିଥିଲି । ଆଉ କିଛି ପିନ୍ଧି ନଥିଲି ।

ସେ ପୁଣି କହିଲେ , - 'ତୁ ପ୍ରକୃତରେ ବହୁତ ସୁନ୍ଦର । ଜଲ୍‌ଦି ଅଳ୍ପ କିଛି ଖାଇ ଦେ । ପୁଣି କାମ ସରିଲେ ପୁରା ପେଟଭର୍ତ୍ତି ଖାଇ ତୋ କାମ ପଇସା ନେଇ ଚାଲିଯିବୁ ।'

ମୋ ଆଗରେ ବହୁତ ପ୍ରକାରର ଖାଇବା ରଖାଯାଇଥିଲା । ମୁଁ ଜୀବନରେ ଏତେ ଭଲ ଭଲ ଖାଇବା ଦେଖି ନଥିଲି । ମୁଁ ବହୁତ ଭୋକିଲା ଥିଲି । ସେ ମୋତେ ବାର ବାର କହୁଥିଲେ ଅଳ୍ପ ଖାଇବାକୁ । କିନ୍ତୁ ମୋ ସାମନାରେ ଏତେ ଭଲ ଖାଇବା ଦେଖି ମୁଁ ନିଜକୁ ରୋକି ନପାରି ଖାଇ ଚାଲିଥିଲି ।

ମୁଁ କହିଲି, 'ମାଡାମ । ମୋତେ ବହୁତ ଭୋକ । ପେଟପୁରା ଖାଇଲେ ବି ଠିକ୍‌ରେ କାମ କରିପାରିବି ।'

ମୁଁ ଅନେକ ଦିନ ପରେ ସେଦିନ ମନ ଭରି ଖାଇଥିଲି । ଖାଇ ସାରିଲା ପରେ ମୋ ମୁହଁରେ ଗୋଟିଏ ତୃପ୍ତି ଓ ଖୁସି ଖୁସିର ଭାବ ଥିଲା । ସେ ମୋ ଖୁସି ଖୁସି ଭାବ ଦେଖୁଥିଲେ । ତାପରେ ମୋ ଛାତି ପାଖକୁ ଲାଗି ଆସି ଛିଡା ହେଲେ । ତାଙ୍କ ଗରମ ନିଃଶ୍ୱାସ ମୋ ମୁହଁରେ ବାଜୁଥିଲା । ପଚାରିଲେ, ' ତୁ ନିଜେ ମୋର ଏସବୁ ଡ୍ରେସ୍ ଖୋଲିବୁ ନା ମୁଁ ଖୋଲି ଦେବି ?'

- 'ମାଡାମ୍ ! ଆପଣ ୱାକ୍ କରି ଆସିଛନ୍ତି । ଯାଆନ୍ତୁ ଟିକିଏ ଗୋଧୋଇ ପଡି ଆସନ୍ତୁ । ଆପଣଙ୍କୁ ଭଲ ଲାଗିବ ଓ ଆହୁରି ସୁନ୍ଦର ଦିଶିବେ ।'

- 'ସତରେ ତୋର ପସନ୍ଦ ମଧ ତୋ ପରି ସୁନ୍ଦର । ହଉ, ମୁଁ ଜଲ୍‌ଦି ଆସୁଛି ।'

ଟିକିଏ ପରେ ସେ ଗାଧୋଇ ସାରି ଫେରିଲେ । କିଛି ଲୁଗା ପିନ୍ଧି ନଥିଲେ । ବୋଧେ ପିନ୍ଧିବାକୁ ଚାହୁଁ ନ ଥିଲେ । ହୁଏତ ମନେ ମନେ ଭାବୁଥିଲେ ଏଇ ଅବସ୍ଥାରେ ସେ ଆହୁରି ସୁନ୍ଦର ଦିଶନ୍ତି ଆଉ ମୁଁ ତାଙ୍କର ସେହି ସୁନ୍ଦରତା ଅତି ପାଖରୁ ଦେଖେ ବୋଲି । ମୁଁ ହାତରେ ଟାୱେଲଟା ନେଲି । ତାଙ୍କୁ ଦର୍ପଣ ସାମନାରେ ଛିଡ଼ା କରାଇ କହିଲି ,

- 'ଦେଖନ୍ତୁ ନିଜେ , ଆପଣ କେତେ ସୁନ୍ଦର ।'

ମୁଁ ଟାୱେଲଟାରେ ଧୀରେ ଧୀରେ ପୋଛି ଦେଲି ତାଙ୍କ ପାଦ, ଦେହ, କାନ୍ଧ, ମୁହଁ ଓ କେଶ ।

- 'ତୁ ଏହା ପୂର୍ବରୁ ଆଉ କେହି ସ୍ତ୍ରୀ ଲୋକକୁ ଏତେ ପାଖରୁ ଦେଖିଛୁ ?'

ମୁଁ ଆଖି ତଳକୁ କରି କହିଲି ,

- 'ହଁ , ମୋ ମାଆକୁ ?'

- 'ଆରେ ! ସେ କଥା ପଚାରୁନି । ସବୁ ବାଳୁତ ଛୁଆ ମାଆକୁ ଏଇମିତି ଦେଖିଥାନ୍ତି । ଖିର ପିଅନ୍ତି ମାଆର ଲଙ୍ଗଳା ଛାତିରେ ଶୋଇପଡି । କୁନି କୁନି ଆଙ୍ଗୁଳିରେ କୁତୁକୁତୁ କରନ୍ତି ।

ତୁ ସତରେ କେତେ ନିରିହ । ମୁଁ ପଚାରୁଛି ତୁ, ବଡ ହେଲା ପରେ, କୌଣସି ସ୍ତ୍ରୀ ଲୋକକୁ ?'

- 'ମୁଁ ଏବେ ଅବିବାହିତ । ମୁଁ କଲ୍ ବୟ କାମ ମଧ୍ୟ କେବେ କରି ନାହିଁ । ତେଣୁ ଏତେ ପାଖରୁ ଦେଖି ନାହିଁ । ହଁ , ମୁଁ ବଡ ହେଲା ପରେ ମଧ ମୋ ମାଆକୁ କେବଳ ଏତେ ପାଖରୁ ଦେଖିଛି ।'

ସେ ହଠାତ୍ ମୋତେ ଦୂରକୁ ଠେଲି ଦେଇ କହିଲେ,

- 'ମାଆ, ଶବ୍ଦକୁ ଅପବିତ୍ର କରନା , ଅସଭ୍ୟ ।'

ମୁଁ ତାଙ୍କ ବିରକ୍ତିରେ କିଛି ପ୍ରତିକ୍ରିୟା ପ୍ରକାଶ କଲି ନାହିଁ ।

ମୁଁ ତଉଲିଆ ନେଇ ପୁଣି ପାଖକୁ ଗଲି । ଓଦା ବାଳକୁ ଧୀରେ ଧୀରେ ମୋ ହାତରେ ଅଲଗା କରି ଭଲ ଭାବରେ ପୋଛି ଦେଲି ।

- 'ସତ କହୁଛି ମାଡାମ । ପାଞ୍ଚ ବର୍ଷ ତଳେ ଆମର ଗୋଟିଏ ସୁନ୍ଦର ସଂସାର ଥିଲା । ମୋ ମାଆ ନିଜ ପରିବାର, ବାପା, ଭାଇ ସମସ୍ତଙ୍କୁ ଛାଡି ମୋ ବାପାଙ୍କୁ ଭଲ ପାଇ ବାହା ହୋଇଥିଲା । ମୋ ବାପା ଗୋଟିଏ ବଡ଼ ସାହେବର କାର୍ ଚଲାଉଥିଲେ । ଆମର ପଇସା ନଥିଲା କିନ୍ତୁ ଘର ଭିତରେ ବହୁତ ଭଲ ପାଇବା ଥିଲା । ମାଆ ବାପାଙ୍କ କାନ୍ଧ ଉପରେ ମଥା ରଖିଦେଲେ ସବୁ ଅଭାବ ଭୂଲି ଯାଉଥିଲା । ବାପା ଦିନ ସାରା କେତେ କଷ୍ଟ କାମ କରି ସଂଧ୍ୟାରେ ଯେତେ କ୍ଳାନ୍ତ ହୋଇ ଫେରିଲେ ବି ମୋ ମାଆକୁ ନିଜ ଛାତିରେ ଆଉଜେଇ ନେଲା ବେଳେ ଭାବୁଥିଲେ ସେ ପୃଥିବୀର ସବୁଠୁ ଅମୀର ମଣିଷଟିଏ । ସେହି ଦୁଇ ଜଣଙ୍କ ପ୍ରେମ ଓ ବିଶ୍ୱାସକୁ କେନ୍ଦ୍ର କରି ମୋର ଯେତେ ସବୁ ଛୋଟ ଛୋଟ ଅଳି, ଅଝଟ ଆଉ ତାଙ୍କ ଖୁସି । କିନ୍ତୁ ଏ ଖୁସି ବେଶି ଦିନ ତିଷ୍ଠି ରହିଲା ନାହିଁ । ବାପା ହଠାତ୍ ଦିନେ ଗୋଟିଏ ରୋଡ୍ ଆସିଡେଣ୍ଟରେ ମରିଗଲେ । ଆମର କେହି ନଥିଲେ ନିଜର କରି ଆଶ୍ରୟ ଦେବାକୁ । ମୋ ମାଆ ପୁରାପୁରି ଏକୁଟିଆ ହୋଇଗଲା । ମୋ ମାଆ ମୋତେ ଦୁଇ ମୁଠା ଭାତ ଖୁଆଇବା ପାଇଁ ଦୁଆର ଦୁଆର ବୁଲିଲା । ମୁଁ ସହି ପାରିଲି ନାହିଁ ମାଆର ଏ ଅବସ୍ଥା । ମୁଁ ଭଲ ପଢୁଥିଲି । ମାଆର ଅବସ୍ଥା ଦେଖି ତାକୁ କିଛି ନକହି ପଢା ବନ୍ଦ କରି ଦିନେ ଯେଉଁ ଘରେ ବାପା ଗାଡି ଚଲାଉଥିଲେ, ତାଙ୍କ ମାଡାମଙ୍କ ଦ୍ୱାରା ସେକ୍ରେଟାରୀଙ୍କୁ କହି ଏଇ ଗାର୍ଡେନରେ ମାଳି କାମ କଲି । ମୋ ମାଆ ମୋ କଥା ଓ ବାପାଙ୍କ କଥା ସବୁବେଳେ ଭାବି ଭାବି ଦିନେ ପାଗଳି ହୋଇଗଲା । ସକାଳେ ମୁଁ ନିଜେ ରାନ୍ଧି ମୋ ପାଗଳି ମାଆକୁ କୋଳରେ ବସାଇ ଖୁଆଇ ଦିଏ । ନିଜେ ଖାଇ ପୁଣି ତାକୁ ଘର ଭିତରେ ବନ୍ଦ କରି କାମ କରିବାକୁ ଆସେ । ପାଗଳି ନା, ଏଇମିତି ବନ୍ଦ ନ କଲେ ସେ କୁଆଡେ ପଳାଇ ଯିବ । ପୁଣି ଦିନ ଗୋଟେ ବେଳେ କାମରୁ ଫେରି ତାକୁ ଗାଧୋଇବାକୁ ନେଇଯାଏ । ସେ କିଛି କରି ପାରେନି । ଲୁଗା , ବ୍ଲାଉଜ କିଛି ପିନ୍ଧି ପାରେନି । ମୁଁ ଲଙ୍ଗଳା ଛୁଆଟି ପରି ତାକୁ ସାବୁନ ଲଗେଇ ଗାଧୋଇ ଦିଏ । ଶାଢ଼ୀ, ଶାୟା, ବ୍ଲାଉଜ ପିନ୍ଧାଇ ଦିଏ । ଓଦା ବାଳକୁ ଏଇମିତି ଟାୱେଲରେ ପୋଛିଦିଏ । ପାନିଆରେ ମୁଣ୍ଡ କୁଣ୍ଡେଇ ବାଳକୁ ଯତ୍ନରେ ବାନ୍ଧି ଦିଏ ।'

ମୋତେ ଯୋରରେ ଜଡାଇ ଧରିଥିବା ମାଡାମଙ୍କ ହାତ ଧୀରେ ଧୀରେ ହୁଗୁଳି ଆସୁଥିଲା । ନିଃଶ୍ୱାସ ଥଣ୍ଡା ହୋଇ ଆସୁଥିଲା । ଆଖିରୁ ପାଣି ଝରିପଡୁଥିଲା ।

ମୁଁ ତାଙ୍କ ଆଖିରୁ ଲୁହ ପୋଛି ପଲଙ୍କରେ ବସାଇ ଦେଲି । ମାଡାମଙ୍କୁ ଶାଢ଼ୀ, ଶାୟା, ବ୍ଲାଉଜ ଗୋଟିଏ ଗୋଟିଏ କରି ସବୁ ଯତ୍ନରେ ପିନ୍ଧାଇ ଦେଲି ଯେମିତି ମୋ ପାଗଳି ମାଆକୁ ମୁଁ ପିନ୍ଧାଇ ଦିଏ । ପୁଣି କହିଲି ,

- 'ମାଡାମ ! ମୋ ପାଗଳି ମାଆ କିଛି ଅନୁଭବ କରି ପାରେନି । ମୁଁ ତା ପୁଅ ବୋଲି ବୁଝି ବି ପାରେନି । ବେଳେ ବେଳେ ଗାଧୋଇ ଦେଲେ ସେ ରାଗି ନଖରେ ଆମ୍ପୁଡି ଦିଏ । ଦେଖନ୍ତୁ କେତେ ଆମ୍ପୁଡା ଦାଗ ମୋ ଦେହ ସାରା । କିନ୍ତୁ ମୁଁ ଦେଖିଛି, ମୁଁ ଯେତେବେଳେ ତା ସାମନାରେ ଅସହାୟ ହୋଇ କାନ୍ଦେ, ସେ ହଠାତ୍ ଚୁପ୍ ହୋଇଯାଏ । ମୋ ଆଖିରେ ଝରି ଆସୁଥିବା ଲୁହକୁ ତା ଓଠ ଲଗାଇ ପୋଛି ଦେବା ସମୟରେ ଯେତେବେଳେ ବାରିପାରେ ଲୁଣିଆ ବୋଲି, ସେତେବେଳେ ତା'ର କ'ଣ ମନେ ପଡେ କେଜାଣି ମୋତେ ଟାଣି ନେଇ ମୋ କପାଳରେ ଚୁମା ଦେଇ ତା କୋଳରେ ଶୋଆଇ ଦିଏ ଗୋଟିଏ ପୁରୁଣା ଗୀତ ଗାଇ । ସେହି ପୁରୁଣା ଗୀତ, ଯେଉଁ ଗୀତ ଶୁଣୁଶୁଣୁ ମୁଁ ଛୁଆଟି ବେଳେ ମୋ ମାଆ କୋଳରେ ଶୋଇ ଯାଉଥିଲି । ଜାଣନ୍ତି ମାଡାମ, ସେହି ଯେତିକି ସମୟ ମୁଁ ମୋ ମାଆ କୋଳରେ ଶୋଇପଡେ, ସେତିକିବେଳେ ମୁଁ ଭାବେ ମୋର ଏ ଜୀବନର ସମସ୍ତ ବିପନ୍ନତା ସତ୍ତ୍ୱେ ମୁଁ ସତରେ କେତେ ଭାଗ୍ୟବାନ୍ !'

+ରେଲ ମିନାର , ଜଜେଶ୍ କୋର୍ଟ ରୋଡ ,
ଆଲିପୁର , କଲିକତା -୨୭

# ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ବାତ୍ୟା ପ୍ରସ୍ତୁତି

## ଆସନ୍ନ ପ୍ରସବା ମହିଳାମାନଙ୍କୁ ହସ୍‌ପିଟାଲ୍ ସ୍ଥାନାନ୍ତର ଏବଂ ୨୫ ତାରିଖ ପୂର୍ବରୁ ଶୁଖିଲା ରାସନ ବଂଟନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୩/୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ୟଶର ପ୍ରଭାବ ଉପକୂଳ ଓଡ଼ିଶାରେ ଅନୁଭୂତ ହେବାର ଆଶଙ୍କା ଥିବାରୁ ବାତ୍ୟାର ମୁକାବିଲା ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ୧୨ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିବା ସହ ଯେକୌଣସି ଆପାଦକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶକ, ସମାଜ କଲ୍ୟାଣ, ଶ୍ରୀ ଅରବିନ୍ଦ ଅଗ୍ରୱାଲ ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ ଏବଂ କ୍ଷେତ୍ର କର୍ମଚାରୀମାନଙ୍କୁ ବାତ୍ୟା ପ୍ରସ୍ତୁତିର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରିବା ସହ ଏହାକୁ ମନିଟରିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟା ଅଂଚଳରେ ସମସ୍ତ କୋଭିଡ୍ ପ୍ରୋଟୋକଲ ପାଳନ ସହ ଆସନ୍ନପ୍ରସବା ମହିଳାମାନଙ୍କୁ ଆମ୍ବୁଲାନ୍ସରେ ହସପିଟାଲ୍‌କୁ ସ୍ଥାନାନ୍ତର କରାଯିବ । ଅଙ୍ଗନବାଡ଼ି କର୍ମୀମାନେ ବାତ୍ୟା ଆଶ୍ରୟସ୍ଥଳୀ ଓ ରିଲିଫ୍ ଶିବିରକୁ ନିୟମିତ ଭାବେ ପରିଦର୍ଶନ କରିବେ । ଗର୍ଭବତୀ, ଆସନ୍ନ ପ୍ରସବା, ଅତିଶୟ ପୁଷ୍ଟିହୀନ ଶିଶୁ, ଅଳ୍ପ ଓଜନବିଶିଷ୍ଟ ଶିଶୁମାନଙ୍କର ଆଶାକର୍ମୀ ଏବଂ ଏଏନ୍‌ଏମ୍‌ମାନଙ୍କ ସହାୟତାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ବାତ୍ୟା ଆଶ୍ରୟସ୍ଥଳୀରେ ଘରକୁ ଦିଆଯାଉଥିବା ଶୁଖିଲା ରାସନ୍, ଫାଷ୍ଟଏଡ୍ ଏବଂ ଔଷଧ କିଟ୍ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା ସହ ଅଙ୍ଗନବାଡ଼ି କେନ୍ଦ୍ର/ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱଧାର ଏବଂ ଉଜ୍ଜ୍ୱଳା ଗୃହଗୁଡ଼ିକରେ ମଧ ଏହିସବୁ ସାମଗ୍ରୀ ଉପଲବ୍ଧ ରହିବ । ବାତ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ଗର୍ଭବତୀ ଓ ପ୍ରସୂତୀ ମହିଳା ତଥା ଶିଶୁମାନଙ୍କୁ ୨୫ ତାରିଖ ମଧ୍ୟରେ ଶୁଖିଲା ରାସନ୍ ଏବଂ ଅଣ୍ଡା ବଂଟନ କରିବାକୁ ଯଥାସମ୍ଭବ ଉଦ୍ୟମ କରାଯିବ । ଏଥିପାଇଁ ପ୍ରତି ମାସର ୨୩ ତାରିଖରେ ହେଉଥିବା ଛତୁଆ ମିଶ୍ରଣ କାର୍ଯ୍ୟକୁ ଚଳିତ ମାସର ୨୨ ତାରିଖ ଦିନ ଶେଷ କରାଯାଇଛି । ଛତୁଆ ପ୍ରସ୍ତୁତକାରୀ ସଂସ୍ଥାମାନେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଛତୁଆ ପ୍ରସ୍ତୁତି ପାଇଁ ଯୋଗାଇ ଦିଆଯାଉଥିବା କଂଚାମାଲ ଓ ପ୍ରସ୍ତୁତ ହୋଇଥିବା ଶୁଖିଲା ରାସନ୍‌କୁ ସୁରକ୍ଷିତ ସ୍ଥାନରେ ରଖିବେ । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଯଦିଓ ବନ୍ଦ ରହିଛି, କିନ୍ତୁ ଅଙ୍ଗନବାଡ଼ିରେ ଥିବା ଆସବାବପତ୍ର, ରେଜିଷ୍ଟର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ରଖିବା ନିମନ୍ତେ ପଦକ୍ଷେପ ନିଆଯିବ । ଶିଶୁମାନଙ୍କ ସୁରକ୍ଷା, ବିଶେଷକରି ଅନାଥ ଶିଶୁ, ଏକକ ମାତାପିତାଙ୍କ ଶିଶୁ, ଅସହାୟ ମହିଳାମାନଙ୍କର ବାତ୍ୟା ସମୟରେ ଯତ୍ନ ନିଆଯିବ ।

ବାତ୍ୟା ପ୍ରଭାବିତ ଅଂଚଳରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ, ସ୍ୱଧାର ଏବଂ ଉଜ୍ଜ୍ୱଳା ଗୃହରେ ରହୁଥିବା ଅନ୍ତେବାସୀମାନେ ବିପଦମୁକ୍ତ କୋଠାବାଡ଼ିରେ ରହିବାକୁ କ୍ଷେତ୍ର ଅଧିକାରୀମାନେ ସୁନିଶ୍ଚିତ କରିବେ । ଖୋଲା ଆଜ୍‌ବେଷ୍ଟସ୍/ ଅସୁରକ୍ଷିତ ଗୃହରେ ଯେଭଳି କେହି ନରୁହନ୍ତି ତାହା ତଦାରଖ କରାଯିବ । କୋଭିଡ୍-୧୯ର ଅନ୍ୟାନ୍ୟ ସମସ୍ତ ସୁରକ୍ଷା ପ୍ରୋଟୋକଲ୍‌କୁ ପାଳନ କରିବା ପାଇଁ ମଧ ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଜିର ଏହି ବୈଠକରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବାତ୍ୟା ପ୍ରସ୍ତୁତିକୁ ବିଶେଷ ଗୁରୁତ୍ୱ ଦିଆଯିବା ସହ ଉପକୂଳବର୍ତ୍ତୀ ଅନ୍ୟ ଜିଲ୍ଲାଗୁଡ଼ିକ ମଧ ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି ।

# ମଦବ୍ୟବସାୟୀ ଓ ମଦୁଆଙ୍କ ପାଇଁ ସରକାରଙ୍କ ଦରଦ : ନିରଞ୍ଜନ



ଭୁବନେଶ୍ୱର,୨୩/୫ (ନି.ପ୍ର): ମହାପ୍ରଭୁ ଜଗନ୍ନାଥ ଓଡ଼ିଶାବାସୀଙ୍କୁ ରକ୍ଷା କରନ୍ତୁ । ଗତ କାଲି ରାଜ୍ୟ ସରକାର ଏକ କ୍ୟାବିନେଟ ବୈଠକ ଡାକି କେତେଗୁଡ଼ିଏ ନିଷ୍ପତିକୁ ଅନୁମୋଦନ କଲେ । ତାହା ମଧ୍ୟରୁ ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କ ଉପରୁ ଜୁନ ମାସ ୨୦୨୦ ମସିହାରୁ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ଲାଇସେନ୍ସ ଫି ଛାଡ଼ କରିବାର ନିଷ୍ପତି ନେଲେ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆଜି ଏକ ପ୍ରେସ ବିଜ୍ଞପ୍ତିରେ ଅତି ଦୁଃଖ ଏବଂ କ୍ଷୋଭର ସହିତ ରାଜ୍ୟ ସରକାରଙ୍କର ଏଭଳି ନିଷ୍ପତିକୁ ଘୋର ବିରୋଧ କରିଛନ୍ତି । ନବୀନ ବାବୁଙ୍କ ସରକାର ସମଗ୍ର ରାଜ୍ୟର ମଦ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ କି ପ୍ରଶ୍ନ କରି ଶ୍ରୀ ପଟ୍ଟନାୟକ କହିଛନ୍ତି କିଭଳି ରାଜ୍ୟର କୌଣସି ଏକ କ୍ୟାବିନେଟ ମନ୍ତ୍ରୀ ଏଭଳି ଏକ ହୀନ ନିଷ୍ପତି ଗ୍ରହଣ ନ କରିବା ପାଇଁ ସରକାରଙ୍କୁ ପରାମର୍ଶ ଦେଲେ ନାହିଁ ତାହା ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ସାରା ରାଜ୍ୟରେ ବହୁ ସ୍ୱଳ୍ପ ଏବଂ ନିମ୍ନ ଆୟକାରୀ ବ୍ୟବସାୟୀମାନେ ମଧ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି । କିନ୍ତୁ ରାଜ୍ୟ ସରକାର ଏହି ବ୍ୟକ୍ତିବିଶେଷ ମାନଙ୍କର ଲାଇସେନ୍ସ ଫି ଛାଡ଼ କରିବାର ନିଷ୍ପତି ନେଲେ ନାହିଁ କାହିଁକି ? ଏବଂ କାହିଁକି କେବଳ ମଦବ୍ୟବସାୟୀଙ୍କ ପାଇଁ ନିଷ୍ପତି ନିଆଗଲା । ଏ ସରକାରଙ୍କୁ ଜଗନ୍ନାଥ ଭରଷା ଏବଂ ତେଲିଆ ମୁଣ୍ଡରେ ତେଲ ଦବା ଏ ସରକାରର କାମ ବୋଲି ସେ କହିଛନ୍ତି । ନୁଖୁରା ମୁଣ୍ଡରେ ତେଲ ଦେବାକୁ ବେଳ କାହିଁ ? ଆଜକୁ ୧୫ ମାସ କାଳ କରୋନା ମହାମାରୀ ସମୟରେ ରାଜ୍ୟର ଗରୀବ, ଶ୍ରମିକ, ଛୋଟବ୍ୟବସାୟୀ, ସ୍ୱଳ୍ପଆୟକାରୀ ତଥା ମଧବିତ ପରିବାର ମାନେ ମଧ ବହୁ ମାତ୍ରାରେ ପ୍ରପିଡ଼ିତ ହେଉଛନ୍ତି । ଖାଦ୍ୟ ସାମଗ୍ରୀ ଯଥା ଡାଲି ପାଖରୁ ଆରମ୍ଭ କରି ଖାଇବା ତେଲର ଦରଦାମ ଅହେତୁକ ବୃଦ୍ଧି, ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସର ଦାମ ଅହେତୁକ ବୃଦ୍ଧି ହେତୁ ରାଜ୍ୟର ପାଖାପାଖି ୮୦ ରୁ ୮୫ ଭାଗ ଲୋକ ପୀଡ଼ିତ ଥିବା ବେଳେ ଏ ସରକାର କେବଳ ମଦ ବ୍ୟବସାୟୀରୁ କୋଟି କୋଟି ଟଙ୍କା ରୋଜଗାର କରୁଥିବା ମଦ ବ୍ୟବସାୟୀଙ୍କୁ ଆର୍ଥିକ ସୁରକ୍ଷା ଦେବାରେ ଲାଗିପଡ଼ିଛନ୍ତି । ଏହା ବୋଧହୁଏ ଗଣତନ୍ତ୍ରର ବ୍ୟବସ୍ଥାର ଭାରତ ବର୍ଷର ପ୍ରଥମ ନିଷ୍ପତି ହୋଇଥାଇପାରେ । ଏହା ଆମ ଶାସନ ବ୍ୟବସ୍ଥାକୁ କେଉଁ ଦିଗ ଆଡ଼କୁ ନେଇଯାଉଛି ତାହା ରାଜ୍ୟବାସୀ ଅବଗତ ହେବା ଉଚିତ୍ । ରାଜ୍ୟ ସରକାର ସମ୍ବିଧାନରେ ଅହିଂସା ଶବ୍ଦକୁ ରଖିବା ପାଇଁ ରାଜ୍ୟସାରା ଡିଣ୍ଡିମ ପିଟୁଥିବା ବେଳେ ମଦ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ଯୋଗାଇବା ବା ଲାଇସେନ୍ସ ଫି ଛାଡ଼ କରିବା ମହାତ୍ମା ଗାନ୍ଧୀଙ୍କର କେଉଁ ନୀତି ଓ ଆଦର୍ଶକୁ ଏ ସରକାର ପାଥେୟ କରୁଛନ୍ତି ? ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଉପରେ ବର୍ଦ୍ଧିତ ଭାଟକୁ କମ କରି ଖାଦ୍ୟ ପଦାର୍ଥର ଦରଦାମରକୁ ନିୟନ୍ତ୍ରଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି । ଏହି ମହାମାରୀ ସମୟରେ ଗରୀବ, ନିମ୍ନ ରୋଜଗାରକାରୀ, ଶ୍ରମିକ ଓ ମଧବିତଙ୍କୁ ଅହେତୁକ ଦରଦାମ ବୃଦ୍ଧି ଜନିତ ଖର୍ଚ୍ଚାନ୍ତରୁ ରକ୍ଷା କରନ୍ତୁ । ତତ୍‌ସହିତ ରାଜ୍ୟ ସରକାର ରାଜ୍ୟରେ କିଭଳି ଟୀକାକରଣ ଅଧିକରୁ ଅଧିକ ହୋଇପାରିବ ଏବଂ ଆମେ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ରାଜ୍ୟ ବାସୀଙ୍କୁ ଟୀକାକରଣ କରିବା ଏବଂ ସଂପୂର୍ଣ୍ଣରୂପେ କରୋନା ମହାମାରୀକୁ ଆୟତ କରିପାରିବା ସେ ବାବଦରେ ଏକ ସର୍ବଦଳୀୟ ଦୃଢ଼ ନିଷ୍ପତି ନିଆଯାଉ ।

## ଭେଂଟିଲେଟର ଯୋଗାଣ ସଂକ୍ରାନ୍ତରେ ବିଜେପି ଅଜ୍ଞ: ବିଜେଡି

ଭୁବନେଶ୍ୱର,୨୩/୫ (ନି.ପ୍ର): ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ଭେଂଟିଲେଟରଗୁଡ଼ିକ ବିଷୟରେ ବିଜେପି ନେତା ଗୋଲକ ମହାପାତ୍ର ସମ୍ପୂର୍ଣ୍ଣ ଭାବେ ଅବଗତ ନାହାନ୍ତି । ସୋସିଆଲ ମିଡିଆରେ ସେ ରଖିଥିବା ମନ୍ତବ୍ୟରୁ ଏହା ବାରିହୋଇ ପଡୁଛି । ଯଦି ସେ ଏହି ବିଷୟରେ ଜାଣିଥାନ୍ତେ, ତେବେ ସେ ଏଭଳି ମନ୍ତବ୍ୟ ଦେଇନଥାନ୍ତେ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ।

# କରୋନା ସମ୍ବନ୍ଧରେ କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଭୁବନେଶ୍ୱର,୨୩/୫ (ନି.ପ୍ର): କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକଦିବସୀୟ କରୋନା ମହାମାରୀ ବିଷୟରେ ଏକ ଆଭାସି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ପ୍ରଶିକ୍ଷଣ ଶିବିରରେ ଇଏନ୍‌ଟି ବିଶେଷଜ୍ଞ ଡ. ନୀଳମାଧବ ପୃଷ୍ଟି ପ୍ରଶିକ୍ଷକ ଭାବରେ ଯୋଗଦେଇ ମାସ୍କ ବ୍ୟବହାର, ସ୍ୱଚ୍ଛତା ରକ୍ଷା, ୬ ଫୁଟ ଦୂରତା ରକ୍ଷା କରିବା, ମହାମାରୀ ପାଇଁ ଟୀକା ନେବାର ଗୁରୁତ୍ୱ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ । ଛାତ୍ରୀମାନଙ୍କର କୋଭିଡ-୧୯ ସମ୍ବନ୍ଧରେ ବିଭିନ୍ନ ଯଥାର୍ଥ ଉତର ଦେଇଥିଲେ । ଅନ୍ୟତମ ବକ୍ତା ଭାବେ ମହାବିଦ୍ୟାଳୟର ହିନ୍ଦୀ ବିଭାଗର ପ୍ରଧାପିକା ଡ. ଭେଦୁଲା ରାମଲକ୍ଷ୍ମୀ ଓ ଗୃହ ବିଜ୍ଞାନ ବିଭାଗର ପ୍ରଧାପିକା ଡ. ମଧୁସ୍ମିତା ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଦୈନନ୍ଦିନ ଜୀବନଶୈଳୀ ଯୋଗ, ପ୍ରାଣାୟମ ଓ ସୁଷମ ଖାଦ୍ୟ କିଭଳି କୋଭିଡ-୧୯କୁ ପ୍ରତିହତ କରିପାରିବ ବୁଝାଇଥିଲେ । ଏଥିରେ ମହାବିଦ୍ୟାଳୟର ୧୦୦ଜଣ ଛାତ୍ରୀ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନାର ସଂଯୋଜିକା ଡ. ଅଲିଭା ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ମହାମାରୀ ସମୟରେ ସ୍ୱେଚ୍ଛାସେବୀମାନଙ୍କର କର୍ତବ୍ୟ ବିଷୟରେ ବୁଝାଇଥିଲେ । ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଫୁଲ୍ଲ ଚନ୍ଦ୍ର ରଥ ଉଦ୍‌ଘାଟନ କରି ଏହି ରୋଗର ଭୟାବହତା ଏବଂ ଆମ ସମସ୍ତଙ୍କର କର୍ତବ୍ୟ ବିଷୟରେ ଅବଗତ କରାଇଥିଲେ ।

## ସଟଡାଉନରେ ଛାତ୍ର କଂଗ୍ରେସ ପକ୍ଷରୁ ରନ୍ଧାଖାଦ୍ୟ ବଂଟନ

ଭୁବନେଶ୍ୱର,୨୩/୫ (ନି.ପ୍ର): ଶନିବାର ସଟଡାଉନ ସମୟରେ ମାଷ୍ଟରକ୍ୟାଂଟିନ ଛକ, ରେଲୱେ ଷ୍ଟେସନ, ଶ୍ରୀୟା ଛକ ଓ ରାଜମହଲ ଛକରେ ଗରୀବ ଲୋକଙ୍କୁ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ରନ୍ଧାଖାଦ୍ୟ ବଂଟନ କଲେ । ଏହି କାର୍ଯ୍ୟକ୍ରମରେ ସାଗର ପଟ୍ଟନାୟକ, ଅଖିଲେଶ ଯାଦବ, ଏହମ୍ମଦ ଖାନ, ରଞ୍ଜିତ ସେନାପତି, ବିଶ୍ୱଭୂଷଣ ମହାପାତ୍ର, ମହମ୍ମଦ ସମିୟୁଲ, ରାଜେଶ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ୨୫ ତାରିଖ ନୃସିଂହ ଚତୁର୍ଦ୍ଦଶୀରେ ଘିଅଦୀପ ଜାଳିବାକୁ ସାଧୁସନ୍ଥ, ବିଦ୍ୱାନଙ୍କ ନିବେଦନ

ଭୁବନେଶ୍ୱର,୨୩/୫ (ନି.ପ୍ର): ବିଶ୍ୱରେ ଦେଖା ଦେଇଥିବା କରୋନା ମହାମାରୀ ନିକଟରେ ମାନବ ସମାଜ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି । ପ୍ରତ୍ୟେକ ମଣିଷ ଘରଭିତରେ ଗୃପଗ୍ରସ୍ତ ହୋଇ ରହୁଛି । ସବୁଦିନ ବନ୍ଧୁ ପରିଜନଙ୍କ ଶୋକବାର୍ତ୍ତା ତାକୁ ବିଚଳିତ କରୁଛି । ଏଣୁ ବିଶ୍ୱର ଏହି ସଙ୍କଟ ସମୟରେ ପରମାତ୍ମା ପରମେଶ୍ୱର ହିଁ ଏକମାତ୍ର ଭରସା, ଏକଥା ମାନବସମାଜ ହୃଦୟଙ୍ଗମ କରିସାରିଲେଣି । ଭଗବାନଙ୍କର ୧୦ ଅବତାର ମଧ୍ୟରୁ ଚତୁର୍ଥ ଅବତାର ଶ୍ରୀ ନୃସିଂହ, ଭକ୍ତ ପ୍ରହଲ୍ଲାଦଙ୍କୁ ସୁରକ୍ଷା ଦେବା ପାଇଁ ନରସିଂହର ଏକ ଭୀଷଣ ରୂପରେ ବୈଶାଖମାସ ଶୁକ୍ଳ ଚତୁର୍ଦ୍ଦଶୀ ଆଜିର ତିଥିରେ ଖମ୍ବରୁ ପ୍ରକଟ ହୋଇଥିଲେ । ଭଗବାନ ନୃସିଂହଙ୍କୁ ବିପତ୍ତିର ତାରଣକର୍ତ୍ତା ଭାବେ ଶ୍ରୀମଦ୍ ଭାଗବତ, ସ୍କନ୍ଧ ପୁରାଣ ଓ ଗୀତଗୋବିନ୍ଦରେ ବର୍ଣ୍ଣନା କରାଯାଇଛି । ବିଶ୍ୱର ଏହି ସଙ୍କଟ ସମୟରେ ନୃସିଂହଙ୍କ ଜନ୍ମ ୨୫ ତାରିଖ ମଙ୍ଗଳବାର ଦିନ ସକାଳ ୯ଟାରେ ନିଜ ଗୃହରେ ଘୃତଦୀପଟିଏ ଜାଳି, ଉଗ୍ରବୀର ନୃସିଂହ ମନ୍ତ୍ର ପାଠ କରିବା ପାଇଁ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ବାବା ବାଳକାନନ୍ଦ ଦାସ, ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ, ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଡଃ ସଦାନନ୍ଦ ଦୀକ୍ଷିତ, ମନୋଜ ରଥ, ଶ୍ରୀଜଗନ୍ନାଥ ମନ୍ଦିର ପରିଚ୍ଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ପୂର୍ବତନ ଆଇଜି ଅରୁଣ କୁମାର ଉପାଧ୍ୟାୟ, ହିନ୍ଦୁ ରାଷ୍ଟ୍ରସଂଘ ଅଧକ୍ଷ ଡଃ ବଦ୍ରୀନାଥ ପଟ୍ଟନାୟକ, ପୁରୀର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତି ପ୍ରମୁଖ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି ।

# ମ୍ୟୁକରମାଇକୋସିସ୍ ରୋଗୀଙ୍କ ଚିକିତ୍ସା ପ୍ରସଙ୍ଗ: ଆମ୍ଫୋଟେରିସିନ୍-ବି ଇଞ୍ଜେକ୍‌ସନ୍ ୫ ହଜାର ଭାଏଲ୍ ମାଗିଲା ଓଡ଼ିଶା

ଭୁବନେଶ୍ୱର ,୨୩/୫ (ନି.ପ୍ର): ରାଜ୍ୟରେ ଧୀରେ ଧୀରେ ମ୍ୟୁକରମାଇକୋସିସ୍ ବା ବ୍ଲାକ୍ ଫଙ୍ଗସ ରୋଗୀଙ୍କ ସଂଖ୍ୟା ବଢୁଥିବା ଦେଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୫୦ ମିଲିଗ୍ରାମ ବିଶିଷ୍ଟ ଆମ୍ଫୋଟେରିସିନ୍-ବି ଇଞ୍ଜେକ୍‌ସନ୍‌ର ୫ ହଜାର ଭାଏଲ କେନ୍ଦ୍ରକୁ ମାଗିଛନ୍ତି । ଏ ନେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କେନ୍ଦ୍ର ସାର ଓ ରସାୟନ ମନ୍ତ୍ରଣାଳୟ ଅଧୀନରେ ଥିବା ଫାର୍ମାସ୍ୟୁଟିକାଲ୍ ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି । ଏବେସୁଦ୍ଧା ଓଡ଼ିଶା କେନ୍ଦ୍ର ପକ୍ଷରୁ ମାତ୍ର ୧୦୦ଟି ଇଞ୍ଜେକ୍‌ସନ୍ ଭାଏଲ୍ ପାଇଛି । ଆବଶ୍ୟକ ହେଉଥିବା ଇଞ୍ଜେକ୍‌ସନ୍ ଉପଲବ୍ଧ ହେଲେ, ଏଭଳି ଧରଣର ରୋଗୀଙ୍କର ଚିକିତ୍ସା ସହଜ ହୋଇପାରିବ ବୋଲି ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି ।

ଅନ୍ୟପଟେ ବ୍ଲାକ୍ ଫଙ୍ଗସ୍‌କ ସଂଖ୍ୟା ଦେଶରେ ବଢୁଥିବା ଦୃଷ୍ଟିରୁ ଆଜି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡି.ଭି ସଦାନନ୍ଦ ଗୌଡ଼ା ରାଜ୍ୟମାନଙ୍କୁ ଆମ୍ଫୋଟେରିସିନ୍-ବି ଇଞ୍ଜେକ୍‌ସନ୍ ଯୋଗାଣ ନେଇ ସମୀକ୍ଷା କରିଛନ୍ତି । ସେ କହିଛନ୍ତି,




ଏବେସୁଦ୍ଧା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମାନଙ୍କୁ ୨୩ ହଜାର ୬୮୦ ଭାଏଲ୍ ଇଞ୍ଜେକ୍‌ସନ୍ ପଠାଇ ଦିଆଯାଇଛି । ରୋଗୀଙ୍କ ସଂଖ୍ୟାକୁ ଦେଖି ଅତିରିକ୍ତ ଔଷଧ ପ୍ରଦାନ କରାଯାଇଛି । ଦେଶରେ ବିଭିନ୍ନ ରାଜ୍ୟର ତଥ୍ୟ ଅନୁଯାୟୀ ଏପର୍ଯ୍ୟନ୍ତ ପ୍ରାୟ ୮ ହଜାର ୮୪୮ ଜଣ ମ୍ୟୁକରମାଇକୋସିସ୍ ରୋଗୀ ଚିହ୍ନଟ ହୋଇଛନ୍ତି । ଓଡ଼ିଶାରେ ଶନିବାର ସୁଦ୍ଧା ୧୫ ରୋଗୀ ଚିହ୍ନଟ ହୋଇଛନ୍ତି ।

# ଅନ୍ନପୂର୍ଣ୍ଣା ଫାଇନାନ୍ସ ତରଫରୁ ସାଥୀ ସୁରକ୍ଷା ଯୋଜନା

ଭୁବନେଶ୍ୱର,୨୩/୫ (ନି.ପ୍ର): କୋଭିଡ଼-୧୯ ସମସ୍ତଙ୍କ ଜୀବନରେ ବିରାଟ ପରିବର୍ତ୍ତନ ଆଣିଛି । କର୍ମଚ୍ଚାରୀ ହୁଅନ୍ତୁ କି ସେମାନଙ୍କ ପରିବାରବର୍ଗ କିମ୍ବା ବ୍ୟକ୍ତିବିଶେଷସ୍ତରରେ ଏହା ବ୍ୟାପକ ପରିବର୍ତ୍ତନ ଆଣିଛି । ଅନ୍ନପୂର୍ଣ୍ଣା ଫାଇନାନ୍ସ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ତାର କର୍ମଚ୍ଚରୀ ଓ ସେମାନଙ୍କ ପରିବାର ପାଇଁ ଯଥାସମ୍ଭବ ସହଯୋଗ କରିବାକୁ ସମସ୍ତ ପ୍ରକାର ପ୍ରୟାସ କରୁଛି । ଏହି ସଙ୍କଟ ବେଳରେ ଫୋନ୍ କଲ୍ ଓ ଭର୍ଚୁଆଲ ବୈଠକ ମାଧ୍ୟମରେ ସମସ୍ତ କର୍ମଚ୍ଚରୀମାନଙ୍କ ସମ୍ପର୍କରେ ରହିବା ସହିତ ସବୁପ୍ରକାର ଆର୍ଥିକ ଓ ଭାବନାତ୍ମକ ସମର୍ଥନ ଦିଆଯାଉଛି । କୋଭିଡ଼ ଆମ ସଂସ୍ଥାର ପ୍ରଭୂତ କ୍ଷତି ଘଟାଇଛି ଓ ଅନେକ ମୂଲ୍ୟବାନ ଜୀବନ ଆମେ ହରାଇଛୁ । ଯେଉଁମାନେ ଆମକୁ ଛାଡ଼ି ଚ୍ଳିଯାଇଛନ୍ତି ସେମାନଙ୍କ ପରିବାରର ସମସ୍ତ ଦାୟିତ୍ୱ ବହନ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଅନ୍ନପୂର୍ଣ୍ଣା ଫାଇନାନ୍ସର ପରିଚ୍ଳନା ନିର୍ଦ୍ଦେଶକ ଗୋବିନ୍ଦ ପଟ୍ଟନାୟକ କହିଛନ୍ତି । ଏହି ସାଥୀ ସୁରକ୍ଷା ଯୋଜନା ମାଧ୍ୟମରେ ମୃତ କର୍ମଚ୍ଚରୀଙ୍କ ପରିବାରକୁ ଆଗାମୀ ବର୍ଷକ ପାଇଁ ପୂର୍ଣ୍ଣମାସିକ ଦରମା, ସନ୍ତାନସନ୍ତତିଙ୍କ ପାଇଁ ସ୍ନାନତ୍ତ ପର୍ଯ୍ୟନ୍ତ ପାଠପଢା ଖର୍ଚ୍ଚ ବହନ, ୩ ଲକ୍ଷ ଟଙ୍କାର ମେଡ଼ିକ୍ଲେମ ପଲିସ୍, ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା, ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପରିବାରର ଜଣକୁ ଚ୍ଚକିରୀ, ୩ବର୍ଷ ପାଇଁ ପରିବାର ଲୋକଙ୍କୁ ଡ଼ାକ୍ତର ପରାମର୍ଶ ସୁବିଧା ଓ ମୃତକଙ୍କ ପିତାମାତାଙ୍କୁ ୫ ବର୍ଷ ପାଇଁ ୭ ହଜାର ଟଙ୍କା ଲେଖାଏଁ ପେନସନ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ୫୬୭ ଭେଣ୍ଟିଲେଟରକୁ ନେଇ ବିବାଦ

ଭୁବନେଶ୍ୱର ,୨୩/୫ (ନି.ପ୍ର): ପିଏମ୍ କେୟାର ପାଣ୍ଠିରୁ କେନ୍ଦ୍ର ସରକାର ଓଡ଼ିଶାକୁ ୫୬୭ ଭେଣ୍ଟିଲେଟର ଦେଇଛନ୍ତି । ତାହାକୁ ନେଇ ବିଜେପି ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି । ଏହି ଭେଣ୍ଟିଲେଟର ରାଜ୍ୟ ସରକାର ଲଗାଇ ନାହାନ୍ତି ବୋଲି ବିଜେପି ଅଭିଯୋଗ କରିଛି । ବିଜେଡି ୫୬୭ ଭେଣ୍ଟିଲେଟରର ହିସାବ ଦେବା ସହ ବିଜେପି ନେତାଙ୍କ ପାଖରେ ତଥ୍ୟ ନାହିଁ ବୋଲି ଜବାବ ଦେଇଛି ।

ବିଜେପିର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଶନିବାର ଟ୍ୱିଟ୍ କରି କହିଥିଲେ, ସ୍ୱାସ୍ଥ୍ୟ ବିଭାଗର ୱେବ୍‌ସାଇଟ୍‌ରେ ଦେଖିବାକୁ ମିଳୁଛି ଯେ ରାଜ୍ୟ ସରକାର ଯେଉଁ କୋଭିଡ୍ ହସ୍ପିଟାଲ୍ ସବୁ କରିଛନ୍ତି, ସବୁଥରେ ଭେଣ୍ଟିଲେଟର ସଂଖ୍ୟା ୨୨୧ । କେନ୍ଦ୍ର ସରକାର ପିଏମ୍ କେୟାର ପାଣ୍ଠିରୁ ୫୬୭ଟି ଭେଣ୍ଟିଲେଟର ଓଡ଼ିଶା ସରକାରଙ୍କୁ ଦେଇଥିଲେ, ତାହା କୁଆଡ଼େ ଗଲା ? ରାଜ୍ୟ ସରକାର ଏ ବିଷୟରେ ଲୋକଙ୍କୁ ଅବଗତ କରାନ୍ତୁ । ସେହି ଭେଣ୍ଟିଲେଟର କିପରି ତୁରନ୍ତ ବ୍ୟବହାର ହୋଇପାରିବ, ସେ ଦିଗରେ ପଦକ୍ଷେପ ନିଅନ୍ତୁ । କୋଭିଡ୍ ସମୟରେ ବଞ୍ଚିବା ପାଇଁ ସବୁଠାରୁ ବଡ଼ ଅସ୍ତ୍ର ହେଉଛି ଭେଣ୍ଟିଲେଟର । ତେଣୁ ଅଧିକ ଭେଣ୍ଟିଲେଟର ଲାଗିଲେ ବହୁ ଜୀବନ ବଞ୍ଚିଯା'ନ୍ତା । ଜବାବରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଥିଲେ ଯେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭେଣ୍ଟିଲେଟର ସମ୍ପର୍କରେ ଦିଆଯାଇଥିବା ତଥ୍ୟ ନେଇ ଶ୍ରୀ ମହାପାତ୍ର ଅଜ୍ଞ ଅଛନ୍ତି । ସେ ଜାଣିଥିଲେ ହୁଏତ ଏପରି ପ୍ରଶ୍ନ ଉଠାଇ ନ ଥା'ନ୍ତେ । ଏହି ତଥ୍ୟ ସମ୍ପୂର୍ଣ୍ଣ ଭାବେ ୱେବ୍‌ସାଇଟ୍‌ରେ ଦିଆଯାଇଛି । ୫୬୭ ଭେଣ୍ଟିଲେଟର କେଉଁଠି କେଉଁଠି ଲଗାଯାଇଛି ତାହାର ହିସାବ ଦିଆଯାଇଛି । ପରବର୍ତ୍ତୀ ସମୟରେ ବିଜେପି ନେତା କେ ?ଣସି ଭିତ୍ତିହୀନ ବିବୃତି ଦେବା ପୂର୍ବରୁ ୱେବ୍‌ସାଇଟ୍‌ରୁ ଏହି ତଥ୍ୟକୁ ଭଲ ଭାବେ ପରଖି ନେବା ଉଚିତ । ୫୬୭ ଭେଣ୍ଟିଲେଟରର ହିସାବ ଦେଇ କୁହାଯାଇଛି ଯେ କେନ୍ଦ୍ରରୁ ବିଇଏଲ୍ ଭେଣ୍ଟିଲେଟର ୪୪୭ ଓ ଏଜିଭିଏ ଭେଣ୍ଟିଲେଟର ୧୨୦ଟି ମିଳିଥିଲା । ୪୪୭



ଭେଣ୍ଟିଲେଟର ମଧ୍ୟରୁ ୪୩୭ଟି ବିଭିନ୍ନ ହସ୍ପିଟାଲ୍‌ରେ ଲଗାଯାଇଛି ଓ ୧୦ଟିକୁ ଜରୁରୀକାଳୀନ ସ୍ଥିତି ପାଇଁ ରିଜର୍ଭ ରଖାଯାଇଛି । ଲଗାଯାଇଥିବା ୪୩୭ ଭେଣ୍ଟିଲେଟରର ମଧ୍ୟରୁ ୩୭୨ କାର୍ଯ୍ୟକ୍ଷମ ଅଛି ଓ ୧୮ଟି ଖରାପ ଅଛି । ଆଉ ୪୭ଟି ପାଇଁ ବିଭିନ୍ନ ଯନ୍ତ୍ରପାତି ଆବଶ୍ୟକ ଅଛି ଓ ତାହାକୁ କମ୍ପାନି ପକ୍ଷରୁ ପଠାଯାଉଛି । ୧୨୦ ଏଜିଭିଏ ଭେଣ୍ଟିଲେଟର୍ ମଧ୍ୟରୁ ୧୦୮ଟି ବିଭିନ୍ନ ହସ୍ପିଟାଲ୍‌ରେ ଲଗାଯାଇଛି ଓ ୧୨ଟି ରିଜର୍ଭ ରଖାଯାଇଛି । ଲଗାଯାଇଥିବା ୧୦୮ଟି ଭେଣ୍ଟିଲେଟର ମଧ୍ୟରୁ ୧୦୦ଟି କାର୍ଯ୍ୟକ୍ଷମ ଅଛି ଓ ଆଉ ୮ଟିର ବିଭିନ୍ନ ଯନ୍ତ୍ରପାତି କମ୍ପାନି ପକ୍ଷରୁ ପଠାଯାଉଛି ।

# ଏଣିକି ୱେବସାଇଟ୍‌ରେ ମିଳିବ କରୋନା ଟେଷ୍ଟ ରିପୋର୍ଟ

ଭୁବନେଶ୍ୱର,୨୩/୫ (ନି.ପ୍ର): ଏଣିକି ୱେବସାଇଟ୍‌ରେ ମିଳିବ କରୋନା ଟେଷ୍ଟ ରିପୋର୍ଟ । ଶୀଘ୍ର ଓ ସୁବିଧାରେ ରିପୋର୍ଟ ଜାଣିବା ପାଇଁ ୱେବସାଇଟରେ ମିଳିବ ରିପୋର୍ଟ । ଉଭୟ ଆଣ୍ଟିଜେନ ଓ ଜଞ୍ଚଚଉଜ ଟେଷ୍ଟ ରିପୋର୍ଟ ୱେବସାଇଟରେ ମିଳିବ । ନୂଆ ବ୍ୟବସ୍ଥା ନେଇ ସୂଚନା ପ୍ରଯୁକ୍ତି ସଚିବ ମନୋଜ ମିଶ୍ର ସୂଚନା ଦେଇଛନ୍ତି । ରାଜ୍ୟ କୋଭିଡ ଡ୍ୟାସବୋର୍ଡ ଓ କୋଭିଡ଼ ୧୯ ୱେବସାଇଟରେ ବ୍ୟବସ୍ଥା ରହିବ । ଏଥିପାଇଁ ୱେବସାଇଟକୁ ଯାଇ ନୋ ୟୋର ଟେଷ୍ଟ ରିପୋର୍ଟକୁ କ୍ଲିକ କରିବାକୁ ପଡ଼ିବ । ସେଠି ସାମ୍ପଲ ଦେଲା ବେଳେ ଦେଇଥିବା ନିଜ ମୋବାଇଲ ନମ୍ବର ଦେବାକୁ ପଡ଼ିବ । ମୋବାଇଲ ନମ୍ବର ଦେଲା ପରେ ଆପଣଙ୍କ ନମ୍ବରକୁ ଏକ OTP ଆସିବ । ଙଞ୍ଚଚ ନମ୍ବର ଦେଇ ସବମିଟ୍ କଲା ପରେ ଟେଷ୍ଟ ରିପୋର୍ଟ ଦେଖାଯିବ ।

ତେବେ ପୂର୍ବରୁ ଘରେ ନିଜର କରୋନା ଟେଷ୍ଟ କରିବାକୁ ଆବଶ୍ୟକ କିଟ୍‌କୁ ଆଇସିଏମଆର ଗ୍ରୀନ ସିଗ୍ନାଲ ଦେଇଛି । ଏହାର ଅର୍ଥ ଲୋକମାନେ ଏଣିକି ଘରେ ବସି ନିଜର କରୋନା ଟେଷ୍ଟ କରିପାରିବେ । ଦ୍ରୁତ ଆଣ୍ଟିଜେନ୍ ଟେଷ୍ଟ ପାଇଁ ଆଇସିଏମଆର ଗୋଟିଏ ଟେଷ୍ଟ କିଟ୍‌କୁ ଅନୁମୋଦନ ଦେଇଛି । ଏହି କିଟ୍ ଜରିଆରେ ଲୋକମାନେ ଘରେ ନାକ ବାଟେ ନିଜର କରୋନା ପରୀକ୍ଷା ପାଇଁ ନମୁନା ନେଇପାରିବେ । ଏଥିପାଇଁ ଆଇସିଏମଆର ଏକ ନୂତନ ଗାଇଡଲାଇନ ଜାରି କରିଛି ।

# ଆଶ୍ରୟସ୍ଥଳୀକୁ ଆଣିବା ପୂର୍ବରୁ ଆଣ୍ଟିଜେନ୍ ପରୀକ୍ଷା ନିର୍ଦ୍ଦେଶ

ଭୁବନେଶ୍ୱର ,୨୩/୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆବଶ୍ୟକ ସଂଖ୍ୟକ ଔଷଧ, ମୋବାଇଲ ହେଲଥ୍ ଟିମ, ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ହସ୍ପିଟାଲ, ପରୀକ୍ଷାଗାର, କୋଲ୍‌ଡ ଚେନ୍ ପଏଣ୍ଟ ଓ ଅକ୍ସିଜେନ୍ ପ୍ରସ୍ତୁତକାରୀ ୟୁନିଟ୍ ?ରେ ପାୱାର ବ୍ୟାକଅପ୍ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏହାସହ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେଉଥିବା ଲୋକଙ୍କ ରାପିଡ୍ ଆଣ୍ଟିଜେନ୍ କିଟ୍ ?ରେ ପରୀକ୍ଷା କରିବା ଲାଗି କୁହାଯାଇଛି । ଯେଉଁମାନଙ୍କର କରୋନା ଲକ୍ଷଣ ରହିଛି ଓ ଆଣ୍ଟିଜେନ୍ କିଟ୍ ?ରେ ନେଗେଟିଭ୍ ଆସିଛି ସେମାନଙ୍କ ଆରଟି-ପିସିଆର ପରୀକ୍ଷା କରାଯିବ । ଶନିବାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସବୁ ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କୁ ଚିଠି ଲେଖିଛନ୍ତି । କୋଭିଡ ହସ୍ପିଟାଲ ଓ କୋଭିଡ କେୟାର ସେଣ୍ଟରରେ ଯେପରି ରୋଗୀମାନଙ୍କ ଚିକିତ୍ସାରେ କୌଣସି ସମସ୍ୟା ନ ହେବ ସେଥିପାଇଁ ଆବଶ୍ୟକ ପରିମାଣର ଔଷଧ, ଅକ୍ସିଜେନ୍ ସିଲିଣ୍ଡର, ମାନବ ସମ୍ବଳ ନିୟୋଜିତ କରିବା ଲାଗି କୁହାଯାଇଛି । ମଧୁମେହ, ଉଚ୍ଚ ରକ୍ତଚାପ, ଯକୃତ/ କିଡନି, ଶ୍ୱାସରୋଗରେ ଆକ୍ରାନ୍ତ ବୟସ୍କ ବ୍ୟକ୍ତିମାନେ କରୋନା ପାଇଁ ଅଧିକ ସମ୍ବେଦନଶୀଳ ହୋଇଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ନଜର ରଖାଯାଉ । ବାତ୍ୟା ପାଇଁ କେତେକ ଜିଲ୍ଲାରେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ରହିଥିବାରୁ ଜିଲ୍ଲାର ପ୍ରମୁଖ ଡାକ୍ତରଖାନାରେ ସାଟେଲାଇଟ୍ ଫୋନ୍/ ହାମ୍ ରେଡିଓ ସଂଯୋଗ ଦିଆଯାଉ । ବାତ୍ୟା ପ୍ରଭାବିତ ଅଞ୍ଚଳରେ ଯେପରି କୋଭିଡ ନିୟମାବଳୀ ବଜାୟ ରହିବ ?ତାହା ଉପରେ ଧ୍ୟାନ ଦେବା ସହିତ କ୍ୟାମ୍ପରେ ସାମାଜିକ ଦୂରତା, ହାତ ଧୋଇବା ଓ ମାସ୍କ ପିନ୍ଧିବା ଉପରେ ନଜର ରଖାଯାଉ । ଜିଲ୍ଲା ଓ ବ୍ଲକ୍‌ସ୍ତରରେ ନୋଡାଲ ଅଧିକାରୀଙ୍କୁ ନିୟୋଜିତ କରିବା ସହିତ ସେମାନଙ୍କ ନାଁ, ପଦବି ଓ ଯୋଗାଯୋଗ ନମ୍ବର ରାଜ୍ୟ କଣ୍ଟ୍ରୋଲ ରୁମ୍‌କୁ ପଠାଇବେ । ରାଜ୍ୟର ବିଭିନ୍ନ ବିଭାଗ ଓ ସ୍ୱତନ୍ତ୍ର ରିଲିଫ୍ କମିସନର କାର୍ଯ୍ୟାଳୟର ସହଯୋଗରେ ଜିଲ୍ଲା ଓ ବ୍ଲକ୍‌ସ୍ତରରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ।

# ପୁରୀ ଜିଲ୍ଲାରେ ନୂଆ ୪୭୨ କରୋନା ପଜିଟିଭ୍ ଚିହ୍ନଟ

ପୁରୀ,୨୩/୦୫ (ନି.ପ୍ର): ପୁରୀ ଜିଲ୍ଲାରେ ଆଜି ନୂଆ ୪୭୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ବ୍ଲକରୁ ୨୭ ଜଣ, ବ୍ରହ୍ମଗିରିରୁ ୨୨ ଜଣ, ଡେଲାଙ୍ଗ ବ୍ଲକରୁ ୧୭, ଗୋପ ବ୍ଲକରୁ ୪୧, କାକଟପୁର ବ୍ଲକରୁ ୨୩ ଜଣ ଏବଂ କଣାସ ବ୍ଲକରୁ ୧୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କୋଣାର୍କ ବିଜ୍ଞାପିତ ଅଂଚଳରୁ ୬ ଜଣ, କୃଷ୍ଣପ୍ରସାଦ ବ୍ଲକରୁ ୨ ଜଣ, ନିମାପଡ଼ା ବ୍ଲକରୁ ୪୬ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୧୨ ଜଣ, ପିପିଲି ବ୍ଲକରୁ ୩୪ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ୩ ଜଣ, ପୁରୀ ସଦର ବ୍ଲକରୁ ୬୭ ଜଣ ଏବଂ ପୁରୀ ପୌରାଂଚଳରୁ ସର୍ବାଧିକ ୧୩୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସତ୍ୟବାଦୀ ବ୍ଲକରୁ ୧୫ ଜଣ ଓ ଅନ୍ୟ ଜିଲ୍ଲାରୁ ଆସି ପୁରୀ ଜିଲ୍ଲାରେ ରହିଥିବା ୩ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ । ସେହିପରି ଗତକାଲି ୪୬୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଫେରିଥିବା ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୧୦ ତାରିଖରେ ପୁରୀ ଜିଲ୍ଲାରେ ଦ୍ୱିତୀୟ ଲହରରେ ସର୍ବାଧିକ ୭୦୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ନୃସିଂହ ଚତୁର୍ଦ୍ଦଶୀରେ ଘିଅଦୀପ ଜାଳିବାକୁ ନିବେଦନ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ବିଶ୍ୱରେ ଦେଖା ଦେଇଥିବା କରୋନା ମହାମାରୀ ନିକଟରେ ମାନବ ସମାଜ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି । ପ୍ରତ୍ୟେକ ମଣିଷ ଘରଭିତରେ ଚାପଗ୍ରସ୍ତ ହୋଇ ରହୁଛି । ବିଶ୍ୱର ଏହି ସଙ୍କଟ ସମୟରେ ପରମାତ୍ମା ପରମେଶ୍ୱର ହିଁ ଏକମାତ୍ର ଭରସା, ଏକଥା ମାନବସମାଜ ହୃଦୟଙ୍ଗମ କରିସାରିଲେଣି । ଭଗବାନଙ୍କର ୧୦ ଅବତାର ମଧ୍ୟରୁ ଚତୁର୍ଥ ଅବତାର ଶ୍ରୀ ନୃସିଂହ, ଭକ୍ତ ପ୍ରହଲ୍ଲାଦଙ୍କୁ ସୁରକ୍ଷା ଦେବା ପାଇଁ ନରସିଂହର ଏକ ଭୀଷଣ ରୂପରେ ବୈଶାଖମାସ ଶୁକ୍ଳ ଚତୁର୍ଦ୍ଦଶୀ ଆଜିର ତିଥିରେ ଖମ୍ବରୁ ପ୍ରକଟ ହୋଇଥିଲେ । ଭଗବାନ ନୃସିଂହଙ୍କୁ ବିପତିର ତାରଣକର୍ତ୍ତା ଭାବେ ଶ୍ରୀମଦ୍ ଭାଗବତ, ସ୍କନ୍ଦ ପୁରାଣ ଓ ଗୀତଗୋବିନ୍ଦରେ ବର୍ଣ୍ଣନା କରାଯାଇଛି । ବିଶ୍ୱର ଏହି ସଙ୍କଟ ସମୟରେ ନୃସିଂହଙ୍କ ଜନ୍ମ ୨୫ ତାରିଖ ମଙ୍ଗଳବାର ଦିନ ସକାଳ ୯ଟାରେ ନିଜ ଗୃହରେ ଘୃତଦୀପଟିଏ ଜାଳି, ଉଗ୍ରବୀର ନୃସିଂହ ମନ୍ତ୍ର ପାଠ କରିବା ପାଇଁ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ବାବା ବାଲକାନନ୍ଦ ଦାସ, ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ, ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଡଃ ସଦାନନ୍ଦ ଦୀକ୍ଷିତ, ମନୋଜ ରଥ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ପୂର୍ବତନ ଆଇଜି ଅରୁଣ କୁମାର ଉପାଧ୍ୟାୟ, ହିନ୍ଦୁ ରାଷ୍ଟ୍ରସଂଘ ଅଧ୍ୟକ୍ଷ ଡଃ ବଦ୍ରୀନାଥ ପଟ୍ଟନାୟକ, ପୁରୀର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତି ପ୍ରମୁଖ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି ।

# ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ରାଜ୍ୟ ସରକାର ଯଥାଶୀଘ୍ର ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ ଉପରେ ବର୍ଦ୍ଧିତ ଭାଟକୁ କମ କରି ଖାଦ୍ୟ ପଦାର୍ଥର ଦରଦାମକୁ ନିୟନ୍ତ୍ରଣ କରିବା ଏବଂ ମହାମାରୀ ସମୟରେ ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା ଦାବିରେ ରାଜ୍ୟର ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ । ଏହି ପରିପ୍ରେକ୍ଷୀରେ ରାଜ୍ୟ ମହିଳା, ଯୁବ ଓ ଛାତ୍ର କଂଗ୍ରେସର ସଭାପତିମାନେ ସେମାନଙ୍କର ଜିଲ୍ଲା ସଭାପତିଙ୍କୁ ଆସନ୍ତାକାଲି (ସୋମବାର) ପ୍ରତି ଜିଲ୍ଲା ସ୍ତରରେ ମିଳିତ ଭାବେ ଘଂଟିକିଆ ଧାରଣା ଓ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ ବୈଠକରେ ମଦ ବ୍ୟବସାୟୀଙ୍କ ଉପରୁ ଫି ଛାଡ଼ କରିବା ନିଷ୍ପତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସାରା ରାଜ୍ୟରେ ବହୁ ସ୍ୱଳ୍ପ, ନିମ୍ନ ଆୟକାରୀ ବ୍ୟବସାୟୀମାନେ ବ୍ୟବସାୟ ପ୍ରତିଷ୍ଠାନ କରିଥିଲେ ବି ସଂପୃକ୍ତ ବ୍ୟକ୍ତିବିଶେଷ ମାନଙ୍କର ଲାଇସେନ୍ସ ଫି ରାଜ୍ୟ ସରକାର ଛାଡ଼ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ । ସେହିପରି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଏବଂ ରନ୍ଧନଗ୍ୟାସ, ପେଟ୍ରୋଲ ଓ ଡିଜେଲ ଉପରେ ମାତ୍ରାଧିକ ଭାଟ ଲାଗିବା ଦ୍ୱାରା ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି ।

# ଜିଲ୍ଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୪ହଜାର ପାର

## ସୁସ୍ଥ ହେଲେଣି ୨୦ହଜାରରୁ ଅଧିକ : ଶନିବାର ନୂତନ ସଂକ୍ରମିତଙ୍କ ସଂଖ୍ୟା ୬୩୫ ସହ ସର୍ବକାଳୀନ ରେକର୍ଡ

ବାରିପଦା,୨୩/୦୫ (ନି.ପ୍ର): କରୋନାର ଦ୍ୱିତୀୟ ଲହରର ଚେନକୁ ବ୍ରେକ ଦେବା ପାଇଁ ପ୍ରଥମେ ମେ ୫ତାରିଖରୁ ୧୪ ଦିନିଆ ଲୋକଡାଉନର ବ୍ୟବସ୍ଥା ଏବଂ ପରବର୍ତ୍ତୀ ସମୟରେ ଜୁନ ୧ ତାରିଖ ଯାଏଁ ଲୋକଡାଉନକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଲୋକଡାଉନ ସମୟରେ ଅନେକ କଟକଣା ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟାକୁ ହ୍ରାସ କରିବାକୁ ସରକାର ପ୍ରୟାସ କରୁଥିବା ବେଳେ, ମୟୂରଭଞ୍ଜ ଜିଲ୍ଲାରେ ପ୍ରତ୍ୟେକ ଦିନ ନୂତନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରେକର୍ଡ କରୁଛି । ତେବେ ଜିଲ୍ଲାରେ ଶନିବାର ସର୍ବକାଳୀନ ରେକର୍ଡ ୬ଶହ ପାର କରି ୬୩୫ରେ ପହଂଚିଛି । ଏଥି ସହିତ ଜିଲ୍ଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୪ହଜାର ୪୧୦ରେ ପହଂଚି ଥିବା ବେଳେ, ଜିଲ୍ଲାରୁ ମୋଟ ୨୦ହଜାର ୩୦୧ଜଣ ସୁସ୍ଥ ହୋଇ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ସହିତ ୪ହଜାର ୧୩ଜଣ କୋରୋନା ଆକ୍ରାନ୍ତ ସକ୍ରିୟ ଅଛନ୍ତି ବୋଲି ଜଣାଯାଇଛି । ସରକାରୀ ରିପୋର୍ଟ ଅନୁଯାୟୀ, କରୋନାରେ ଏଯାବତ ମୃତ୍ୟୁ ସଂଖ୍ୟା ୯୩ରେ ସ୍ଥିର ରହିଛି । କିନ୍ତୁ ପ୍ରତ୍ୟେକ ଦିନ କୋଭିଡ ସ୍ମଶାନରେ କୋଭିଡ ଶବ ଦାହ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କୋଭିଡ ଜନିତ ମୃତକଙ୍କ ସୂଚନା ଦେଉନଥିବା ସହିତ ମୃତକଙ୍କ ସୂଚନା ପ୍ରକାଶ ପାଉନାହିଁ । ଏହାକୁ ନେଇ ବୁଦ୍ଧିଜିବୀ ପ୍ରଶ୍ନ ମଧ୍ୟ ଉଠାଉଛନ୍ତି । ତେବେ ସଂକ୍ରମିତଙ୍କ ସଂଖ୍ୟାରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହରରେ ସର୍ବାଧିକ ରହିଥିବା ଜଣାପଡିଛି । ସକ୍ରିୟ ଥିବା କୋରୋନା ଆକ୍ରାନ୍ତ ହୋମ ଆଇସୋଲେସନ ଏବଂ ବାରିପଦା ବାଙ୍କୀଷୋଳର କିମ୍ସ କୋଭିଡ ହସ୍ପିଟାଲ, ପିଆରଏମ୍ ହସ୍ପିଟାଲର କୋଭିଡ ଆଇସଲେସନ ୱାର୍ଡ, ଲକ୍ଷ୍ମୀପୋଷି ଓ ରାଇରଙ୍ଗପୁର ସ୍ଥିତ ଅନ୍ୱେଷା ସେଂଟର, କେସିପୁର ସ୍ଥିତ କମ୍ୟୁନିଟି ହେଲଥ ସେଂଟର, କରଞ୍ଜିଆ ସ୍ଥିତ ଟାଟୋ ଇଏମ୍ଆରଏସ ସେଂଟର ଓ ଉଦଳା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ କୋଭିଡ କେୟାର ସେଂଟରରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି । କୋରୋନାର ଦ୍ୱିତୀୟ ଲହରରେ ମୟୂରଭଞ୍ଜ ଜିଲ୍ଲାରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟାରେ ସର୍ବକାଳୀନ ରେକର୍ଡ ସ୍ଥାପନ କରିଛି । ଜନସାଧାରଣ ସରକାରଙ୍କ ନିୟମ ମାନିବାକୁ ଅମାନିଆ ହେଉଥିବା ବେଳେ ସରକାରଙ୍କ କଟକଣା ମଧ୍ୟରେ ସକାଳ ୭ଟା ଠାରୁ ଦିନ ୧୧ଟା ସମୟ ମଧ୍ୟରେ ରାସ୍ତାରେ ପ୍ରବଳ ଭିଡ ପରିଲିଖିତ ହୋଇଛି । ଲୋକଡାଉନ ସମୟରେ ବ୍ୟାଙ୍କ ଗୁଡିକ ସମ୍ମୁଖର ଭିଡ଼ ହେଉ ଅବା ପରିବା ମାର୍କେଟର ଭିଡ଼ ବୁଦ୍ଧିଜିବୀଙ୍କ ସହିତ ପ୍ରସାଶନର ମୁଣ୍ଡବ୍ୟଥାର କାରଣ ପାଲଟିଛି । ସରକରଙ୍କ ନିୟମକୁ ଅବମାନନା କରି ଲାଭଖୋର ବ୍ୟବସାୟୀ ମାନେ ଖୁଲାମଖୁଲା ୧୧ଟା ପରେ ମଧ୍ୟ ଦୋକାନ ଖୋଲି ଦୋକାନରେ କରୁଛନ୍ତି ଲୋକଙ୍କ ଗହଳି । ପ୍ରସାଶନ ପକ୍ଷରୁ ଦୋକାନ ମଧ୍ୟ ସିଲ କରାଯାଉଛି । କିନ୍ତୁ ଫଳ କିଛି ମିଳିବା ବଦଳରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

# ରାଜଧାନୀରେ ୨୪ ଘଂଟାରେ ୧୦୪୧ ପଜିଟିଭ୍

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ରବିବାର ଆଉ ୧୦୪୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୫୧ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୮୯୦ ଲୋକାଲ୍ କେସ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୯୪୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ଏବଂ ୪ ଜଣ ମୃତ୍ୟୁବରଣ କରିଛନ୍ତି । ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୬୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖଣ୍ଡଗିରିରୁ ୪୯ ଜଣ , ନୟାପଲ୍ଲୀ ଓ ଓଲ୍ଡ ଟାଉନ୍ ରୁ ୪୪ ଜଣ ଲେଖାଏଁ ,ଡୁମଡୁମାରୁ ୩୯ ଜଣ, ଚନ୍ଦ୍ରଶେଖରପୁର ଓ ବରମୁଣ୍ଡାରୁ ୨୮ ଜଣ ଲେଖାଏଁ, ବଡଗଡରୁ ୨୬ ଜଣ, ଶୈଳଶ୍ରୀବିହାରରୁ ୨୫ ଜଣ, ନିଳାଦ୍ରୀବିହାରରୁ ୨୨ ଜଣ, ଝାରପଡା ଓ ରସୁଲଗଡରୁ ୧୯ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସେହିପରି ପଟିଆରୁ ୧୨ ଜଣ, ନୟାପଲ୍ଲୀରୁ ୧୧ ଜଣ , ଓଲ୍ଡଟାଉନ୍ ରୁ ୧୦ ଜଣ, ଚନ୍ଦ୍ରଶେଖରପୁରରୁ ୮ ଜଣ, ରସୁଲଗଡ ଓ ପାତ୍ରପଡାରୁ ୬ ଜଣ ଲେଖାଏଁ , ଶୈଳଶ୍ରୀବିହାର , ଲକ୍ଷ୍ମୀସାଗରଓ ସୁନ୍ଦରପଦାରୁ ୫ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୮୯୯୭ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୫୫୮୧୦ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୨୮୫୨ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୧୪ ରହିଛି ।

## ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୨୬,୬୭୨ କରୋନାର ନୂଆ ମାମଲା

ମୁମ୍ବାଇ,୨୩/୦୫ (ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୨୬,୬୭୨ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୫୯୪ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୪୮,୩୯୫ ହାଇଛି ।

# ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ୨୧.୮୦ କୋଟିରୁ ଅଧିକ ଟିକା ଡୋଜ୍ ପ୍ରଦାନ କରାଯାଇଛି

ନୂଆଦିଲ୍ଲୀ,୨୩/୦୫ (ନି.ପ୍ର): ରାଷ୍ଟ୍ରବ୍ୟାପୀ ଟିକାକରଣ ଅଭିଯାନର ଅଂଶସ୍ୱରୂପ, ଭାରତ ସରକାର ମାଗଣାରେ କୋଭିଡ ଟିକା ଯୋଗାଇ ଦେଇ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ସମର୍ଥନ ଯୋଗାଇ ଆସୁଛନ୍ତି । ତତସହିତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଦ୍ୱାରା ସିଧାସଳଖ ଭାବେ ଟିକା ହାସଲକୁ ସୁବ୍ୟବସ୍ଥିତ କରୁଛନ୍ତି ଭାରତ ସରକାର । ମହାମାରୀର ନିୟନ୍ତ୍ରଣ ଏବଂ ମୁକାବିଲା ଦିଗରେ ଏବେ ଭାରତ ସରକାରଙ୍କ ପ୍ରମୁଖ ରଣନୀତିର ଏକ ଅଭିନ୍ନ ଅଙ୍ଗ ପାଲଟିଛି କୋଭିଡ ଟିକାକରଣ । ଏଥିସହ ଟେଷ୍ଟ, ଟ୍ରାକ, ଟ୍ରିଟ ଏବଂ କୋଭିଡ କୈନ୍ଦ୍ରିକ ବ୍ୟବହାରକୁ ମଧ ରଣନୀତିରେ ସାମିଲ କରାଯାଇଛି । ୨୦୨୧ ମେ ୧ରୁ କୋଭିଡ-୧୯ ଟିକାକରଣର ଉଦାର ତଥା ତ୍ୱରିତ ପର୍ଯ୍ୟାୟ ୩ ରଣନୀତିର କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଯାଇଛି । ରଣନୀତିର ଅଂଶସ୍ୱରୂପ, ପ୍ରତି ମାସରେ କୌଣସି କମ୍ପାନିର ମୋଟ ସେଂଟ୍ରାଲ ଡ୍ରଗ୍ସ ଲାବୋରେଟୋରି (ସିଡିଏଲ) ଅନୁମୋଦିତ ଟିକା ଡୋଜର ୫୦% ଭାରତ ସରକାରଙ୍କ ଦ୍ୱାରା ହାସଲ କରାଯିବ । ଏହି ଡୋଜଗୁଡ଼ିକୁ ପୂର୍ବ ଭଳି ରାଜ୍ୟ ସରକାରମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ କରାଯିବା ପ୍ରକ୍ରିୟା ବଳବତ୍ତର ରହିବ । ଭାରତ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟ ମାଗଣା ବର୍ଗ ଏବଂ ପ୍ରତ୍ୟକ୍ଷ ରାଜ୍ୟ ସଂଗ୍ରହଣ ବର୍ଗରେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ପାଖାପାଖି ୨୧.୮୦ କୋଟିରୁ ଅଧିକ ଟିକା ଡୋଜ (୨୧,୮୦,୫୧,୮୯୦) ପ୍ରଦାନ କରିସାରିଲେଣି । ୨୦୨୧ ମେ ୨୨ ପର୍ଯ୍ୟନ୍ତ ତନ୍ମଧ୍ୟରୁ, ନଷ୍ଟ ହୋଇଥିବା ଡୋଜକୁ ମିଶାଇ ମୋଟ ବ୍ୟବହୃତ ଡୋଜ ସଂଖ୍ୟା ହାରାହାରି ୧୯,୯୦,୩୧,୫୭୭ ହୋଇଛି (ଆଜି ସକାଳ ୮ଟାରେ ଉପଲବ୍ଧ ତଥ୍ୟ ଅନୁସାରେ) । ବର୍ତ୍ତମାନ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ନିକଟରେ ୧.୯୦ କୋଟିରୁ ଅଧିକ କୋଭିଡ ଟିକା ଡୋଜ (୧,୯୦,୨୦,୩୧୩) ଉପଲବ୍ଧ ରହିଛି ଯାହା ଲୋକମାନଙ୍କୁ ଦିଆଯିବ । ଅଧିକନ୍ତୁ, ପାଖାପାଖି ୪୦,୬୫୦ ଟିକା ଡୋଜ ପାଇପଲାଇନରେ ରହିଛି ଏବଂ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ଦ୍ୱାରା ତାହା ଗ୍ରହଣ କରାଯିବ ।

# ପୁନଃ ଜୀବନ ପାଇଁ କରଣୀର ହାତକୁ ଅନାଇ ବସିଛି ନୀଳଗିରି ରାଜବଂଶର ବହୁ ପୁରାତନ ଗୌରାଙ୍ଗ ମନ୍ଦିର

ନୀଳଗିରି,୨୩/୦୫ (ନି.ପ୍ର): ବାରବାଟୀ ଦୁର୍ଗ ଭଳି ନୀଳଗିରି ରାଜବଂଶର ମୁକସାକ୍ଷୀ ପରି ବହୁ ପୁରାତନ ଗୌରାଙ୍ଗ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପୁନଃ ଜୀବନ ପାଇଁ କରଣୀର ହାତକୁ ଅନାଇ ବସିଛି । ତେବେ ଏହି ଗୌରାଙ୍ଗ ମନ୍ଦିର କେବେ ନିର୍ମାଣ ହୋଇଥିଲା ଭିନ୍ନ ଭିନ୍ନ ମତ ଆସୁଥିବା ବେଳେ ଏହି ଜରାଜୀର୍ଣ୍ଣ ଗୌରାଙ୍ଗ ମନ୍ଦିରଟିର ପୁନଃ ଉଦ୍ଧାର ପାଇଁ ରାଜପରିବାର ଉତ୍ତରାଧିକାରୀମାନେ ନା ଧରୁ ନ ଥିବାର ଦେଖିବାକୁ ମିଳିଛି । ତେବେ ଏହି ଗୌରାଙ୍ଗ ମନ୍ଦିର ଭିତରେ ଏକ ନାମ ଫଳକରେ ତତ୍କାଳୀନ ରାଜମାତା ଚନ୍ଦ୍ରାବତୀ ଦେବୀ ନିଜର ସ୍ୱାମୀ ଭଲ ପାଇବା ଉଦ୍ଦେଶ୍ୟରେ ୧୩୪୦ ମସିହାରେ ଏହି ମନ୍ଦିର ନିର୍ମାଣ ହୋଇଥିବାର ଉଲ୍ଲେଖ ଅଛି । ମାତ୍ର ଏହାକୁ କେହି ବିଶ୍ୱାସ କରୁ ନ ଥିବା ବେଳେ ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ୧୯୨୦ ମସିହାରେ ନିର୍ମାଣ ହୋଇଥିବାର ସୂଚନା ଦେଇଥିବା ବେଳେ ଏହି ମନ୍ଦିର ୨୦୦ ରୁ ୩୦୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପୁନଃ ଉଦ୍ଧାର ପାଇଁ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ । ତେବେ ଏହି ବହୁପୁରାତନ ଗୌରାଙ୍ଗ ମନ୍ଦିରଟି ଭଗ୍ନ ଅବସ୍ଥାରେ ଥିବା ବେଳେ ବୃକ୍ଷଲତା ମନ୍ଦିର ଉପରେ ମାଡ଼ି ଯାଇଛି । ସତେ ଯେପରି ରାଜବଂଶର କିମ୍ବଦନ୍ତି ଗୌରାଙ୍ଗ ମନ୍ଦିର ଏକ ସବୁଜବସ୍ତ୍ର ଧାରଣ କରିଛି । ଲୋକକଥା ଅନୁସାରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ଜଗନ୍ନାଥ ଙ୍କୁ ଦର୍ଶନ ପାଇଁ ପୁରୀକୁ ଯାଉଥିବା ବେଳେ ଏହି ମନ୍ଦିରରେ ଆଶ୍ରୟ ନେଇଥିଲେ । ସେଥିପାଇଁ ଏହି ମନ୍ଦିରରେ ଶ୍ରୀଚୈତନ୍ୟଙ୍କ ପ୍ରତିମୂର୍ତ୍ତି ପୂଜା ପାଇ ଆସୁଛନ୍ତି । ରାଜବଂଶର ସଦସ୍ୟମାନଙ୍କ ମତରେ ସେତେବେଳେ ପାଦରେ ଚାଲି ଚାଲି ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲେ । ଶ୍ରଦ୍ଧାଳୁମାନେ ଏହି ଗୌରାଙ୍ଗ ମନ୍ଦିରରେ ଆଶ୍ରୟ ତଥା ବିଶ୍ରାମ ନେଇଥାନ୍ତି । ତେବେ ବହୁ ପୁରାତନ ଗୌରାଙ୍ଗ ମନ୍ଦିରକୁ ରାଜବଂଶ ଅଧିନରେ ଥିବା ବେଳେ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଯାଇ ନ ଥିବାରୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ତେବେ ଏହି ପୁରାତନ ମନ୍ଦିରକୁ ନେଇ ରାଜପରିବାର ମଧ୍ୟରେ ବିବାଦ ଦେଖାଦେଇଥିବା ବେଳେ ପୁନଃ ଉଦ୍ଧାର ହୋଇ ପାରୁ ନ ଥିବାର ଶୁଣିବାକୁ ମିଳୁଛି । ମନ୍ଦିରର ସମସ୍ତ କାନ୍ଥ ଭାଙ୍ଗି ଯାଇଥିବା ବେଳେ ମନ୍ଦିରର ମୁଖ୍ୟ ଦ୍ୱାର ମଧ ଜରାଜୀର୍ଣ୍ଣ ଅବସ୍ଥା ଥାଇ ଆଜକୁ କିଛି ବର୍ଷ ଧରି ମାଗଣାରେ ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପୂଜା କରି ଆସୁଥିବା ବେଳେ ମାଗିଯାଚି ଠାକୁରଙ୍କୁ ଭୋଗ ଲଗାଉଛନ୍ତି ବୋଲି ସୂଚନା ଦେଇଛନ୍ତି । ରାଜପରିବାର ଏହି ପୁରାତନ ମନ୍ଦିରର ରକ୍ଷଣା ବେକ୍ଷଣ କରୁ ନ ଥିବା ସେ ପ୍ରକାଶ କରିଛନ୍ତି । ତେବେ ନୀଳଗିରି ଜନୈକ ସମାଜସେବୀ ସବ୍ୟସାଚୀ ମହାପାତ୍ର ମନ୍ଦିରର ଭଗ୍ନସ୍ତୁପ ଦେଖି ମରାମତି ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ରାଜପରିବାର ପକ୍ଷରୁ ସୂଚନା ପାଇଲେ ହୁଏତ ପୁରାତନ ଗୌରାଙ୍ଗ ମନ୍ଦିର ନିଜର ପୁନଃ ଜୀବନ ପାଇ ପାରିବ । ରାଜପରିବାର ଉକ୍ତ ମନ୍ଦିରଟିକୁ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରି ନ ଥିବା ବେଳେ ଏଯାବତ ନିଜ ଅଧିନରେ ରଖିଛନ୍ତି । ସବ୍ୟସାଚୀ ମହାପାତ୍ର ରାଜବଂଶର ବ୍ୟକ୍ତିଗତ ମନ୍ଦିର ହୋଇଥିବାରୁ ଯଦି ରାଜପରିବାର ଅନୁମତି ଦିଅନ୍ତି ତେବେ ଗୌରାଙ୍ଗ ମନ୍ଦିରର ସୌନ୍ଦର୍ଯ୍ୟକରଣ ହୋଇ ପାରିବ ବୋଲି ପ୍ରକାଶ କରିବା ସହିତ ଏ ନେଇ ପର୍ଯ୍ୟଟନ ମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଛନ୍ତି । ତେବେ ବହୁ ପୁରାତନ ଗୌରାଙ୍ଗ ମନ୍ଦିରର ରୂପରେଖ କେବେ ପରିବର୍ତ୍ତନ ହେବ, ରାଜପରିବାର କେବେ ଅଣ୍ଟା ଭିଡ଼ିବେ ତାହା ସମୟ ହିଁ କହିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗୋଟିଏ ଦିନରେ ୧୨୮୫୨ କରୋନା....

ବେଳେ ସକ୍ରିୟ ୧୧୧୮୬୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୮୫୨ ଜଣଙ୍କ ମଧ୍ୟରୁ ୭୧୯୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୬୫୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୯୦୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୭୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୦୮ ଜଣ, ବରଗଡ଼ରୁ ୪୬୧ ଜଣ, ଭଦ୍ରକରୁ ୧୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୭୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୪୭, କଟକରୁ ୧୦୭୩ ଜଣ, ଦେବଗଡ ଜିଲ୍ଲାରୁ ୧୦୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୮୨ ଜଣ, ଗଜପତି ଜିଲ୍ଲାରୁ ୭୭ , ଗଞ୍ଜାମରୁ ୩୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୦୦ ଜଣ, ଯାଜପୁରରୁ ୩୩୭ ଜଣ, ଝାରସୁଗୁଡ଼ାରୁ ୩୯୯ ଜଣ, କଳାହାଣ୍ଡିରୁ ୬୬୮ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୪ ଜଣ. କେନ୍ଦ୍ରାପଡ଼ାରୁ ୨୮୫ ଜଣ, କେନ୍ଦୁଝରରୁ ୧୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୯୦୯ ଜଣ, କୋରାପୁଟରୁ ୨୭୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୮୬ ଜଣ, ନବରଙ୍ଗପୁରରୁ ୩୪୪ ଜଣ, ନୟାଗଡ଼ରୁ ୩୩୧ ଜଣ, ନୂଆପଡ଼ାରୁ ୭୦ ଜଣ, ପୁରୀରୁ ୪୭୨ ଜଣ, ରାୟଗଡ଼ାରୁ ୧୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୫୫ ଜଣ, ସୋନପୁରରୁ ୫୫ ଜଣ, ସୁନ୍ଦରଗଡ଼ରୁ ୮୪୮ ଜଣ ଓ ଷ୍ଟେଟ୍ ପୁଲରୁ ୩୩୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପିଏମ୍ କେୟାର୍ସ ଫଣ୍ଡରୁ ୮ଟି ଜିଲ୍ଲାରେ ....

ମନ୍ତ୍ରାଣାଳୟର ପିଏସୟୁ, ଡିଆରଡିଓ ଏବଂ ଏନଏଚଏଆଇ ଦ୍ୱାରା ବିଭିନ୍ନ ଜାଗାରେ ପିଏସଏ ଅକ୍ସିଜେନ୍ ପ୍ଲାଂଟ୍ ସ୍ଥାପନ କରାଯାଉଛି । ରାଜ୍ୟରେ ମେଡ଼ିକାଲ ଅକ୍ସିଜେନର ଉପଲବ୍ଧିକୁ ଗତି ଦେବା ପାଇଁ ତଥା ମହାମାରୀ ମୁକବିଲାରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପିଏମ କେୟାର୍ସ ଫଣ୍ଡରୁ ଅନୁଗୁଳ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମାଲକାନଗିରି ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପିଏସଏ ଅକ୍ସିଜେନ୍ ପ୍ଲାଂଟ୍ ପ୍ରତିଷ୍ଠା କରାଯାଉଛି । ଅନୁରୂପ ଭାବରେ କୋଭିଡ-୧୯ ରୋଗୀଙ୍କୁ ଜରୁରୀକାଳୀନ ସେବା ଯୋଗାଇବା ପାଇଁ ପେଟ୍ରୋଲିୟମ ମନ୍ତଣାଳୟର ରାଷ୍ଟ୍ରାୟତ ଉଦ୍ୟୋଗ (ପିଏସୟୁ) ଦ୍ୱାରା ଓଡ଼ିଶାର ୭ଟି ସ୍ଥାନ ଯଥା ବରଗଡ଼, ଖୋର୍ଦ୍ଧା, ନବରଙ୍ଗପୁର, ନୂଆପଡ଼ା, ପୁରୀ, ସମ୍ବଲପୁର ଏବଂ ରାଉରକେଲାରେ ପିଏସଏ ଅକ୍ସିଜେନ୍ ପ୍ଲାଂଟ୍ ପ୍ରତିଷ୍ଠା କରାଯାଉଛି । ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଓଡିଶାରେ ପ୍ରତ୍ୟେକ ଜିଲ୍ଲାରେ ଅନ୍ୟୁନ ଗୋଟିଏ ଲେଖାଏଁ ଅକ୍ସିଜେନ ପ୍ଲାଂଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ା. ହର୍ଷବର୍ଦ୍ଧନଙ୍କୁ ପତ୍ର ଲେଖିଥିଲେ । ସେ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାରେ କୋଭିଡ୍-୧୯ର ଦ୍ୱିତୀୟ ଲହରର ବ୍ୟାପକତା କାରଣରୁ ରାଜ୍ୟର ଆହୁରି ଅଧିକ ଜିଲ୍ଲାକୁ ସହଯୋଗର ଆବଶ୍ୟକତା ରହିଛି । ତେଣୁ ତେଣୁ ଏହି ସଂକଟ ସମୟରେ ତୁରନ୍ତ ଏଭଳି ପଦକ୍ଷେପ ନେବାକୁ ସେ ବିଭାଗର ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଥିଲେ ।

## ବାତ୍ୟା 'ୟାସ୍' ମୁକାବିଲା ପ୍ରସ୍ତୁତି ....

କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ସମ୍ପୃକ୍ତ କେନ୍ଦ୍ରୀୟ ମନ୍ତ୍ରାଳୟ/ଏଜେନ୍ସିଙ୍କ ସହ ବୈଠକ କରିଥିବା କଥା ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଗୃହ ବ୍ୟାପାର ମନ୍ତ୍ରାଳୟ ଅହର୍ନିଶ ପରିସ୍ଥିତିର ସମୀକ୍ଷା କରୁଛି ଏବଂ ସମ୍ପୃକ୍ତ କେନ୍ଦ୍ରୀୟ ମନ୍ତ୍ରାଳୟ/ଏଜେନ୍ସିଙ୍କ ସହ ଯୋଗାଯୋଗ ରଖିଛି । ନୌକା, ଗଛକଟାଳି, ଟେଲିକମ୍ ଉପକରଣ ଆଦି ସହ 'ଏନ୍‌ଡିଆର୍‌ଏଫ୍' ୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆଗୁଆ ୪୬ଟି ଟିମ୍ ମୁତୟନ କରିଥିବା ଏବଂ ଅନ୍ୟାନ୍ୟ ସମସ୍ତ ସମ୍ଭାବ୍ୟ ପ୍ରସ୍ତୁତି କଥା ପ୍ରଧାନମନ୍ତ୍ରୀଙ୍କୁ ଏହି ବୈଠକରେ ସୂଚନା ଦିଆଯାଇଛି । ବିପଦଜ୍ଜନକ ସ୍ଥାନଗୁଡ଼ିକରୁ ଲୋକମାନଙ୍କୁ ନିରାପଦରେ ସ୍ଥାନାନ୍ତର କରିବରେ ରାଜ୍ୟମାନଙ୍କୁ ସହଯୋଗ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଅଞ୍ଚଳରେ ଯଥା ସମ୍ଭବ ଶୀଘ୍ର ବିଜୁଳି ଯୋଗାଣ ଓ ଟେଲିଯୋଗଯୋଗ ବ୍ୟବସ୍ଥା ପୁନଃ କାର୍ଯ୍ୟକ୍ଷମ କରିବା ଉପରେ ସୁନିଶ୍ଚିତ ହେବାକୁ ସେ କହିଛନ୍ତି । ବାତ୍ୟା ପ୍ରସ୍ତୁତି ସମୀକ୍ଷା ନିମନ୍ତେ ଶନିବାର ଦିନ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ନିଜ ରାଜ୍ୟର ଅଧିକାରୀମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ ।

## ବାଲେଶ୍ୱରରେ ଏସଆରସିଙ୍କ ବାତ୍ୟା....

ବିଦ୍ୟୁତ, ଟେଲିକମ ସୁବିଧା ଉପରେ କ୍ଷତି ସାଧନ ହେବାର ସମ୍ଭାବନା ଥିବାରୁ ତାର ବିକଳ୍ପ ପ୍ରସ୍ତୁତି ନିଆଯାଇଛି । ଜନସାଧାରଣଙ୍କ ସଚେତନତା ପାଇଁ ନିବେଦନ କ୍ରମରେ ଜଣାଇଥିଲେ କି ବାତ୍ୟା ଆସିବାର ଯଥେଷ୍ଟ ପୂର୍ବରୁ ମାଇକରେ ଘୋଷଣା ମାତ୍ରେ ଯଥାଶୀଘ୍ର ଲୋକମାନେ ଆଶ୍ରୟସ୍ଥଳୀକୁ ଆସିବା ଦରକାର । ନିରାପଦ ଜାଗାରେ ବା ଘରେ ରହିଥିବା ଲୋକମାନେ ବାତ୍ୟା ଦିନ ଘରୁ ବାହାରକୁ ବାହାରିବେ ନାହିଁ । ଏପରିକି ଆମ୍ବ, ନଡିଆ ଲୋଭରେ କି ପାଣି ଆଣିବା ଉଦ୍ଦେଶ୍ୟରେ ବାହାରକୁ ବାହାରି ଛୋଟିଆ ଭୁଲ ଯୋଗୁ ଜୀବନହାନୀ ହେବାର ନଜିର ଅଛି ବୋଲି ସେ ପ୍ରକାଶ କରିଥିଲେ । ସେହିପରି ବାତ୍ୟା ସମୟରେ ବାହାଦୂରୀ ଦେଖାଇ ରାସ୍ତାରେ ଗାଡି ଚଳାଇବାକୁ ମଧ୍ୟ ସେ ବାରଣ କରିଥିଲେ । କାରଣ ଗଛ, ଡାଳ, ଟାୱାର, ହୋର୍ଡିଂ ଫ୍ରେମ୍ ଆଦି ପଡ଼ି ଜୀବନହାନୀ ହେବାର ସମ୍ଭାବନା ଥାଏ । ପ୍ରତି ଜାଗାରେ ଅଳ୍ପ ଅଳ୍ପ ଲୋକଙ୍କୁ ରଖାଯିବ । ସମସ୍ତଙ୍କୁ ମାସ୍କ ଦିଆଯିବ । ସାନିଟାଇଜର, ସାବୁନ ଆଦି ରଖାଯିବ । ଆଶା ଦିଦି, ଅଙ୍ଗନୱାଡି ୱାର୍କର ରହିବେ । ଜ୍ୱର, ଥଣ୍ଡା ଲକ୍ଷଣ ଥିବା ଲୋକଙ୍କୁ ଅଲଗା ରଖାଯିବ । ବାତ୍ୟା ଆଶ୍ରୟସ୍ଥଳୀ ବ୍ୟତୀତ ଅନ୍ୟ କୋଠାଘର ସ୍କୁଲ, କଲେଜ ଆଦି ଚିହ୍ନଟ କରାଯାଇଛି । କୋଭିଡ୍ ସଂକ୍ରମିତ ରୋଗୀଙ୍କ ପାଇଁ ୪୦ଟି ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ ପ୍ରସ୍ତୁତ କରାଯାଇଥିବା ସମ୍ବନ୍ଧରେ ମଧ୍ୟ ସେ ସୂଚନା ଦେଇଛନ୍ତି ।

## ପାରାଦୀପ ଓ ସାଗର ଦ୍ୱୀପ....

୨୫ ତାରିଖ ସନ୍ଧ୍ୟାରୁ ଉତର ଓଡ଼ିଶାର ଉପକୂଳ ଜିଲ୍ଲା ଓ ପଶ୍ଚିମବଙ୍ଗର ଉପକୂଳ ଜିଲ୍ଲା ସହିତ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ସାମାନ୍ୟରୁ ମଧମ ଧରଣର ବର୍ଷା ଆରମ୍ଭ ହେବ । ୨୬ ତାରିଖରେ ଉତର ଓଡ଼ିଶାର ଜିଲ୍ଲାମାନଙ୍କରେ ସବୁଠୁ ଅଧିକ ବର୍ଷା ହେବ ଏବଂ କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ସହିତ ଅଳ୍ପ କେତେକ ଜାଗାରେ ଅତ୍ୟନ୍ତ ପ୍ରବଳ ବର୍ଷା ଅର୍ଥାତ୍ ୨୦ ସେଂଟିମିଟରରୁ ଅଧିକ ବର୍ଷା ହୋଇପାରେ । ୨୪ ତାରିଖ ସନ୍ଧ୍ୟା ପରେ ଓଡ଼ିଶା ଓ ପଶ୍ଚମବଙ୍ଗ ପକୂଳବର୍ତୀ ଯେଉଁ ସମୁଦ୍ର ରହିଛି ସେଠାରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହୋଇପାରେ । ତାହା ଧୀରେ ଧୀରେ ବଢ଼ି ୨୬ ତାରିଖ ସନ୍ଧ୍ୟା ସମୟରେ ଯେତେବେଳେ ବାତ୍ୟା ଉପକୂଳ ଅତିକ୍ରମ କରିବ ଘଂଟାପ୍ରତି ୧୫୫ରୁ ୧୬୫ କିମି ରହିବ । ଅତିବେଶୀରେ ଏହା ଘଣ୍ଟାପ୍ରତି ୧୮୫ କିମି ହୋଇପାରେ । ପବନର ବେଗ ଯାହା ସେଥିରେ ବଡ଼ ବଡ଼ ଗଛ ଉପୁଡ଼ିପାରେ । ଆଜବେଷ୍ଟସ, କଚ୍ଚା ଓ ଟିଣ ଘର ଭାଙ୍ଗିବାର ସମ୍ଭାବନା ରହିଛି । ପବନରେ ବିଦ୍ୟୁତ୍ ଖୁଂଟ ଉପୁଡ଼ିବା ସହ କ୍ଷତି ଘଟାଇବ ।

## ପୁଣି ପେଟ୍ରୋଲ ଓ ଡିଜେଲ ....

୮୮.୮୭ ଏବଂ ୮୬.୯୧ ଟଙ୍କା ରହିଛି । ଏହା ବ୍ୟତୀତ ନୋଏଡ଼ାଠାରେ ପେଟ୍ରୋଲ ୯୦.୯୩ ଟଙ୍କା ଏବଂ ଡିଜେଲ ୮୪.୫୪ ଟଙ୍କା ପ୍ରତି ଲିଟର ବିକ୍ରି ହେଉଥିବା ବେଳେ ବାଙ୍ଗାଲୁରରେ ପେଟ୍ରୋଲ୯୬.୩୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୯.୧୨ ଟଙ୍କାରେ ବିକ୍ରି ହେଉଛି । ଏଥି ସହିତ ହାଇଦ୍ରାବାଦରେ ପେଟ୍ରୋଲ ୯୬.୮୮ ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୧.୬୫ ଟଙ୍କା ଥିବା ବେଳେ ପାଟନାରେ ପେଟ୍ରୋଲ ୯୫.୪୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୯.୩୨ ଟଙ୍କା ରହିଛି । ଉଲ୍ଲେଖନୀୟ ଯେ, ଗତ ୧୨ ଦିନ ମଧ୍ୟରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨.୬୯ ଟଙ୍କା ବୃଦ୍ଧି ପାଇଥିବା ବେଳେ ଡିଜେଲର ମୂଲ୍ୟ ୩.୦୭ ଟଙ୍କା ବୃଦ୍ଧି ଘଟିଛି । ତେବେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଆଜି ସ୍ଥିରତା ଦେଖିବାକୁ ମିଳିଛି ।

## ଦ୍ୱାଦଶ ପରୀକ୍ଷାକୁ ନେଇ....

କେନ୍ଦ୍ର ଶାସିତ ଅଂଚଳରେ ପରୀକ୍ଷା ସପକ୍ଷରେ ମତ ରଖିଛନ୍ତି । ବାତ୍ୟା ଟଳିଲେ ଆମେ କେନ୍ଦ୍ରର ଦୁଇ ପ୍ରସ୍ତାବ ଉପରେ ତର୍ଜମା କରି ରାଜ୍ୟର ମତ ଜଣାଇବୁ । ଛାତ୍ର ଜୀବନରେ ଦ୍ୱାଦଶ ପାଠ୍ୟକ୍ରମ ବେଶ ଗୁରୁତ୍ୱ ବହନ କରେ । ତେଣୁ ଦ୍ୱାଦଶ ପରୀକ୍ଷାକୁ ନେଇ ଆଜି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା । ଏହି ବୈଠକରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଓ ପ୍ରକାଶ ଜାଭେଡକରଙ୍କ ସମେତ ସବୁ ରାଜ୍ୟର ଶିକ୍ଷାମନ୍ତ୍ରୀ, ସଚିବ ଓ ରାଜ୍ୟ ପରିଷଦ ଅଧ୍ୟକ୍ଷ ଉପସ୍ଥିତ ରହିଥିଲେ ।

# ବାତ୍ୟା ସୂଚନା ଦେବା ସହ ସେବା କରିବ କଂଗ୍ରେସର ଟାସ୍କଫୋର୍ସ କମିଟି

ଭୁବନେଶ୍ୱର,୨୩/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ୟାସ' ପରୀପ୍ରେକ୍ଷୀରେ ୧୦ ଗୋଟି ଜିଲ୍ଲାର ଜନସାଧାରଣଙ୍କୁ ଆବଶ୍ୟକୀୟ ସୂଚନା, ବିଭିନ୍ନ ସେବା ଓ ସହଯୋଗ ଯୋଗାଇବା ଲାଗି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ୧୧ ଜଣିଆ ଟାସ୍କଫୋର୍ସ କମିଟି ଗଠନ କରିଛନ୍ତି । ଏହି କମିଟିରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ଅଧ୍ୟକ୍ଷ ଥିବାବେଳେ, ଜାନକୀବଲ୍ଲଭ ପଟ୍ଟନାୟକ ଆବାହକ ଥିବା ବେଳେ,ଶୁଭେନ୍ଦୁ ମହାନ୍ତି, ରଜତ ଚୌଧୁରୀ, ବିଶ୍ୱଭୂଷଣ ଦାସ, ଶମ୍ଭୁନାଥ ପାଣିଗ୍ରାହୀ ପଦ୍ମାକର ଗୁରୁ, ବିଜୟାନନ୍ଦ ଚାଉଳିଆ, ନଳିନୀକାନ୍ତ ମହାନ୍ତି, ସତ୍ୟଶିବ ଦାସ, ଯୋଗେଶ ଅଗ୍ରୱାଲ ପ୍ରମୁଖ ସଦସ୍ୟ ରହିଛନ୍ତି । ସେହିପରି ବାତ୍ୟା ସମ୍ଭାବ୍ୟ ଜିଲ୍ଲା ଗୁଡ଼ିକରେ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ନେତୃତ୍ୱରେ ଆଜି ସୁଦ୍ଧା ୮ ଜଣିଆ କମିଟି ଗଠନ କରିବା ସହ ସେମାନଙ୍କର ଯୋଗାଯୋଗ ନମ୍ବର ସହ ୨୪ ଘଂଟିଆ ହେଲପ୍‌ଲାଇନ ନମ୍ବର ଜିଲ୍ଲା ବାସୀଙ୍କ ଲାଗି ଯାରିକରିବାକୁ ଓ ଲୋକଙ୍କୁ ଯଥାସମ୍ଭବ ସହଯୋଗର ହାତ ବଢ଼ାଇବାକୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି ।

# ପାରାଦୀପ ଠାରୁ ୫୭୦ କିମି ଦୂରରେ ୟାସ୍

ଭୁବନେଶ୍ୱର,୨୩/୦୫ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି। ଆସନ୍ତାକାଲି ଏହା ବାତ୍ୟାର ରୂପ ନେଇ ଉପକୂଳ ଆଡକୁ ଗତି କରିବ। ୨୬ ତାରିଖ ସଂଧ୍ୟା ସୁଦ୍ଧା ସମ୍ଭାବ୍ୟ ବାତ୍ୟା 'ୟାସ୍' ପାରାଦୀପ ଓ ସାଗର ଦ୍ୱୀପ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ ବୋଲି ଆଜି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ସଂଧ୍ୟା ୫ଟା ୩୦ସୁଦ୍ଧା ଏହା ପୋର୍ଟ ବ୍ଲେୟାର (ଆଣ୍ଡାମାନ ଦ୍ୱୀପପୁଞ୍ଜ) ଠାରୁ ଉତର-ଉତର-ପଶ୍ଚିମ ଦିଗରେ ପ୍ରାୟ ୫୬୦ କିଲୋମିଟର, ପାରାଦୀପ ଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ୫୭୦ କିଲୋମିଟର, ବାଲେଶ୍ୱର ଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୬୭୦ କିଲୋମିଟର ଏବଂ ଦିଘା (ପଶ୍ଚିମବଂଗ) ଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୬୫୦ କିଲୋମିଟର ଦୂରରେ ରହିଛି ଏବଂ ଘଂଟାକୁ ୫ କିମି ବେଗରେ ଉପକୂଳ ଆଡକୁ ଅଗ୍ରସର ହେଉଛି । ଏହା ୨୬ ତାରିଖ ସଂଧ୍ୟାରେ ଓଡ଼ିଶାର ପାରାଦୀପ ଓ ପଶ୍ଚିମବଙ୍ଗର ସାଗରଦ୍ୱୀପପୁଞ୍ଜ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି । ୨୪ ତାରିଖ ସଂଧ୍ୟାବେଳକୁ ପବନର ବେଗ ବଢିବାକୁ ଆରମ୍ଭ କରିବ ଓ ଘଂଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ବୋହିବ । ୨୬ ତାରିଖ ଦିନ ସ୍ଥଳଭାଗ ଛୁଇଁବାବେଳେ ପବନର ବେଗ ଘଂଟା ପ୍ରତି ୧୫୫ରୁ ୧୬୫ ଓ ସ୍ଥଳବିଶେଷରେ ୧୮୫ କିଲୋମିଟରକୁ ପହଂଚିପାରେ ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଅନ୍ୟପକ୍ଷରେ ଏହି ବାତ୍ୟା ପ୍ରଭାବରୁ ସମୁଦ୍ର ଅତ୍ୟନ୍ତ ଅଶାନ୍ତ ରହିବାର ସମ୍ଭାବନା ରହିଛି । ବାତ୍ୟା ପ୍ରଭାବରେ ୨୫ ତାରିଖ ସକାଳଠାରୁ ବର୍ଷା ଆରମ୍ଭ ହେବ। ଉକ୍ତ ଦିନ ୮ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା। ଏହି ସମୟରେ ମୟୁରଭଂଜ , ଗଂଜାମ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୬ ତାରିଖରେ ବାଲେଶ୍ୱର , ଭଦ୍ରକ , ଯାଜପୁର, କେନ୍ଦ୍ରାପଡା , ଜଗତସିଂହପୁର, କଟକ, ମୟୁରଭଂଜ, କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଓଡିଶାର ୮.୧୭ ଲକ୍ଷଙ୍କୁ ମିଳିବ ପକ୍କା ଘର : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩/୦୫ (ନି.ପ୍ର): ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଓଡ଼ିଶାର ୮ ଲକ୍ଷ ୧୭ ହଜାର ୫୧୩ ଜଣ ଲାଭାର୍ଥୀଙ୍କ ସମେତ ସାରାଦେଶରେ ୬୧.୮୪ ଲକ୍ଷ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କର ନିଜ ପକ୍କା ଘର ସ୍ୱପ୍ନ ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କରୋନାର ଏହି କଠିନ ପରିସ୍ଥିତିରେ ମଧ ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡ଼ିକ ଗରିବଙ୍କ ସାହାରା ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଜରିଆରେ ଦେଶର କୋଣ ଅନୁକୋଣରେ ଗରିବ ଏବଂ ବଂଚିଙ୍କ ମୁଣ୍ଡ ଉପରେ ପକ୍କା ଛାତ ଦେଇ ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କ ଜୀବନରେ ପରିବର୍ତନ ଆଣିବା ସହ ତାଙ୍କର ସମ୍ମାନକୁ ସୁନିଶ୍ଚିତ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

## ଦେଶରେ ୨୪ଘଂଟାରେ ୨୧,୨୩,୭୮୨ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୨୩/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୨୧,୨୩,୭୮୨ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୩୨,୮୬,୦୭,୯୩୭ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୬ ଗିରଫ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୧୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୪,୬୯,୬୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପାରାଦୀପଗଡ ଚିଙ୍ଗୁଡି ପ୍ଲାଣ୍ଟରେ ଆମୋନିଆ ଗ୍ୟାସ ଲିକ୍ : ୩ ମହିଳା ଗୁରୁତର





ପାରାଦୀପ,୨୩/୦୫ (ନି.ପ୍ର): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ରେ ଥିବା ଏକ ଚୁଙ୍ଗୁଡି ପ୍ରସେସିଙ୍ଗ୍ ପ୍ଲାଣ୍ଟରେ ଆମୋନିଆ ଗ୍ୟାସ ଲିକ୍ ହେବାରୁ ସ୍ଥାନୀୟ ଅଂଚଳରେ ୧୫ରୁ ଉର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହୋଇଥିବା ଜଣା ପଡିଛି । ଘଟଣାରୁ ପ୍ରକାଶ ଯେ, ପାରାଦୀପଗଡରେ ଥିବା ଲକ୍ଷ୍ମୀ ନାରାୟଣ ଚୁଙ୍ଗୁଡି ପ୍ରସେସିଙ୍ଗ୍ ପ୍ଲାଣ୍ଟରେ ରବିବାର ପୂର୍ବାହ୍ନରେ କୌଣସି କାରଣରୁ ଆମୋନିଆ ଗ୍ୟାସ ଲିକ୍ ହୋଇଥିଲା ।ପ୍ଲାଣ୍ଟ ନିକଟରେ ଥିବା ଲୋକମାନେ ନିଶ୍ୱାସରେ ଆମୋନିଆ ଗ୍ୟାସ ଅନୁଭବ କରିଥିଲେ । ଫଳରେ ସ୍ଥାନୀୟ ଅଂଚଳର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଲୋକ ଚେତାଶୂନ୍ୟ ହୋଇ ଯାଇଥିଲେ । ସେମାନଙ୍କ ମଧ୍ୟରୁ ହରପ୍ରିୟା ନାୟକ, ନଳିନୀ ବେହେରା ଓ କଣ୍ଟେଇ ନାମ୍ନୀ ମହିଳା ଗୁରୁତର ହେବାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଛି । ପିପିଏଲ ଓ ଇଫକୋ ସାରକାରଖାନାରୁ କର୍ମଚାରୀମାନେ ଆସି ଗ୍ୟାସ୍ ଲିକ୍‌କୁ ବନ୍ଦ କରିଥିଲେ । ଗ୍ୟାସ ଲିକ୍ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଛନ୍ତି ଫ୍ୟାକ୍ଟ୍ରି ଆଣ୍ଡ ବୟଲର ବିଭାଗର ଉପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ । ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଦେଖାଯାଇଛି ।

## ସମ୍ଭାବ୍ୟ ବାତ୍ୟା ମୁକାବିଲା ବିଜେପି ପକ୍ଷରୁ ସଚେତନତା

ବାଲେଶ୍ୱର,୨୩/୦୫ (ନି.ପ୍ର): ମହାମାରୀ କରୋନା ବେଳେ ଉତ୍ତର ଓଡିଶାରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ। ବାତ୍ୟା ପ୍ରଭାବରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ୧୪ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଅତି ଗୁରୁତର ଭାବେ ପ୍ରଭାବିତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ସେ ରବିବାର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମୁଦ୍ର ତଟବର୍ତ୍ତୀ ସାର୍ଥା, କଷାଫଳ, ଆଲୁମେଦା ପ୍ରଭୃତି ପଞ୍ଚାୟତ ଯାଇ ଆସନ୍ନ ବତ୍ୟାର ସରକାରୀ ପ୍ରସ୍ତୁତିକୁ ବୁଲି ଦେଖିବା ସହ ବାତ୍ୟାର ମୁକାବିଲା ପାଇଁ ବିଜେପିର ପ୍ରତ୍ୟେକଟି କାର୍ଯ୍ୟକର୍ତ୍ତାଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଶାସନ ଦ୍ୱାରା ପ୍ରସ୍ତୁତ ବାତ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ଅସ୍ଥାୟୀ କେନ୍ଦ୍ରକୁ ସ୍ଥାନାନ୍ତର ସମ୍ପର୍କରେ ସେ ସଚେତନ କରାଇଛନ୍ତି। ଏନେଇ ସେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହ ଆଲୋଚନ ହେଲା। ଆଶ୍ରୟସ୍ଥଳରେ ରନ୍ଧା ଓ ଶୁଖିଲା ଖାଦ୍ୟର ସୁବ୍ୟବସ୍ଥା, ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ସ୍ୱଚ୍ଛତା, ବିଦ୍ୟୁତ ଏବଂ ସାନିଟାଇଜେସନ କରିବା ଦିଗରେ ପ୍ରଶାସନ ସହ ଆଲୋଚନା ମଧ୍ୟ କରିଛନ୍ତି। ଲୋକମାନେ ଭୟଭୀତ ନହୋଇ ସଜାଗ ରହିବା ଉଚିତ ବୋଲି ସଦର ନେତା ଶ୍ରୀ ଦତ୍ତ ସାଧାରଣ ଲୋକମାନଙ୍କୁ ସଚେତନ କରଇଛନ୍ତି। ଏହି ଅଞ୍ଚଳ ପରିଦର୍ଶନ ବେଳେ ଶ୍ରୀ ଦତ୍ତଙ୍କ ସହ ଗଙ୍ଗାଧର ରାଉତ, ଲୋକନାଥ ଭୂୟାଁ, ସାନିଆ ମୁର୍ମୁ, ଜୟନ୍ତୀ ମୁର୍ମୁ, ଭୁଦେବ ସାହୁ, ଅରବିନ୍ଦ ଜେନା, ବିଷ୍ଣୁ ଧୀଣ୍ଡା, ସୁଶାନ୍ତ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓସିସିଏଲ୍‌ର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ଓଡିଶା କନ୍‌ଷ୍ଟ୍ରକ୍‌ସନ କର୍ପୋରେସନ ଲିମିଟେଡ୍(ଓଡିଶା ନିର୍ମାଣ ନିଗମ ଲିଃ.)ର ପ୍ରତିଷ୍ଠା ଦିବସ ଗତକାଲି ଭର୍ଚୁଆଲ ବ୍ୟବସ୍ଥାରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନଦ ଦାସ ଯୋଗଦେଇ କହିଲେ ଯେ, ଓଡିଶାରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଓ ଭିତିଭୂମିର ବିକାଶ କରିବା ଲକ୍ଷ୍ୟ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ୧୯୬୨ ମସିହା ମେ ମାସ ୨୨ ତାରିଖରେ ଓସିସିଏଲ୍ ଗଠନ କରିଥିଲେ। ସେହି ଅନୁଷ୍ଠାନ ଦୀର୍ଘ ୫୯ ବର୍ଷ ହେଲା ସେବା ଯୋଗାଇଆସୁଛି । ଏବେ ଏହାର କାର୍ଯ୍ୟକାରିତାର ସମୀକ୍ଷା କରିବା ସହ ଏହାର କାର୍ଯ୍ୟଧାରାକୁ ଆହୁରି ଉନ୍ନତତର କରିବାକୁ ସଂକଳ୍ପ ନେବାର ସମୟ ଆସିଛି ବୋଲି ମନ୍ତ୍ରୀ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ଦାସ ଆହୁରି କହିଥିଲେ ଯେ, ଓସିସିଲ୍ ଏହାର ଗଠନ ପରଠାରୁ ରାଜ୍ୟରେ ଜଳସେଚନ, ଶକ୍ତି, ରାସ୍ତା, ସେତୁ ନିର୍ମାଣ, ଶିକ୍ଷ,ସ୍ୱାସ୍ଥ୍ୟ ଭିତିଭୂମି ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ସହିତ ରାଜ୍ୟର ଦୁର୍ଗମ ଅଂଚଳରେ ନିର୍ମାଣ କାର୍ଯ୍ୟ,୧୯୯୯ ମହାବାତ୍ୟା ପରେ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳଆଦିଗୁଡିକ ନିର୍ମାଣ କରି ରାଜ୍ୟର ଭିତିଭୂମିକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏବେ କୋଭିଡ୍ ମହାମାରୀ ସ୍ଥିତିରେ ମଧ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯେପରି ଏହାର ଯନ୍ତ୍ରୀ ଓ କର୍ମଚାରୀମାନେ ବିଭିନ୍ନ ପ୍ରକଳ୍ପ ଶେଷ କରିବାରେ ପ୍ରୟାସ ଜାରି ରଖିଛନ୍ତି, ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ବୈଠକରେ ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ, ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ, ସର୍ବୋଚ୍ଚ ଯନ୍ତ୍ରୀ ( ଯୋଜନା ଓ ନକ୍ସାଙ୍କନ) ଇଂ ଧୀରେନ୍ କୁମାର ସାମଲ ପ୍ରମୁଖ ଯୋଗଦେଇ ଓସିସିଏଲ୍ ଏହା ମାଧମରେ କରାଯାଉଥିବା କାର୍ଯ୍ୟରେ ଗୁଣାତ୍ମକମାନ ବଜାୟ ରଖିବା ଓ ନିର୍ମାଣାଧିନ ପ୍ରକଳ୍ପଗୁଡିକୁ ଆହ୍ୱାନ ଭାବେ ନେଇ ତ୍ୱରିତ ଏବଂ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକ ପରାମର୍ଶ ଦେଇଥିଲେ ।

## ଚତୁର୍ଥ ଦିନରେ ବି ବାଲେଶ୍ୱରରେ ସଂକ୍ରମଣ ହାର ୫ଶହ ଉପରେ

# ଦିନକରେ ୫୦୮ ସଂକ୍ରମିତ, ୩୪୦ ସୁସ୍ଥ

ବାଲେଶ୍ୱର,୨୩/୦୫ (ନି.ପ୍ର): ଲଗାତର ଚତୁର୍ଥ ଦିନରେ ବି ବାଲେଶ୍ୱରରେ କରୋନା ସଂକ୍ରମଣ ହାର ୫ଶହ ଉପରେ ଥିବା ଲକ୍ଷ୍ୟ କରାଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ୫୦୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ସହରର ସୁନହଟରୁ ୮ଜଣ, ମୋତିଗଞ୍ଜରୁ ୩, ମାଣିଖମ୍ବରୁ ୩, ମାନସିଂବଜାରରୁ ୨, ଗୋପାଳଗାଁରୁ ୨, ଭାସ୍କରଗଞ୍ଜରୁ ୨, ଅଜିମାବାଦରୁ ୨, ଅଙ୍ଗାରଗଡ଼ିଆରୁ ୨ଜଣଙ୍କ ସମେତ ଏଡିଏମ ଛକ, ଆକତପୁର, ଅରଡ଼ବଜାର, ବାରବାଟୀ, ମୁଖ୍ୟ ଚିକିତ୍ସାଳୟ, ହସପିଟାଲ ରୋଡ଼, ଆଇଟିଆଇ ଛକ, ନେଳିଆବାଗ, ରାଣୀପାଟଣା ଓ ଶ୍ରୀକଣ୍ଠପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି। ସେହିପରି ସଦର ବ୍ଲକରୁ ୯୭ଜଣ, ରେମୁଣାରୁ ୨୫, ଖଇରାରୁ ୮୬, ଜଳେଶ୍ୱରରୁ ୫, ବାହାନଗାରୁ ୬, ନୀଳଗିରିରୁ ୪, ଔପଦାରୁ ୨୧, ବାଲିଆପାଳରୁ ୬୬, ସୋରରୁ ୧୧୭ ଓ ସିମୁଳିଆ ବ୍ଲକରୁ ୨ଜଣ ବ୍ୟକ୍ତିଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି। ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଖଇରା ବ୍ଲକର ଗରଡ଼ିରୁ ୧୬ଜଣ, ସଦର ବ୍ଲକର କଷାଫଳରୁ ୨୩ଜଣ, ସୋର ବ୍ଲକର ପଣଦାରୁ ୪୨ଜଣ, ତଣ୍ଡେଇରୁ ୩୭ଜଣ ଏକକାଳୀନ ସଂକ୍ରମିତ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ବାଲେଶ୍ୱର ଜିଲାରେ ଅଦ୍ୟାବଧି ୨୨ ହଜାର,୦୫୦ ଜଣ ସଂକ୍ରମିତ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୪୦ ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ୧୭,୭୪୩ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ସକ୍ରିୟ ଥିବା ୪,୧୯୭ ଜଣଙ୍କ ମଧ୍ୟରୁ ୩୭୭୦ଜଣ ଗୃହ ସଙ୍ଗରୋଧରେ ଏବଂ ୩୮୨ ଜଣ ଜିଲାର କୋଭିଡ ହସପିଟାଲ ଓ କୋଭିଡ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

## ବିଭିନ୍ନ ଜିଲ୍ଲାକୁ ପଠା ଯାଉଛି ଏନଡିଆରଏଫ ଟିମ୍

ଭୁବନେଶ୍ୱର,୨୩/୦୫ (ନି.ପ୍ର): ସମ୍ଭାବିତ ବାତ୍ୟାକୁ ଆଖି ଆଗରେ ରଖି ବିଭିନ୍ନ ଜିଲ୍ଲାକୁ ଏନଡିଆରଏଫ ଟିମ ପଠା ଯାଉଛି । ବାଲେଶ୍ୱର ଜିଲ୍ଲାରେ ୭ଟି ଟିମ ମୁତୟନ କରା ଯାଉଥିବା ବେଳେ ଭଦ୍ରକ ଜିଲ୍ଲାରେ ୪ଟି ଟିମ ମୁତୟନ କରା ଯିବ । କେନ୍ଦ୍ରାପଡା ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୨, ଜଗତସିଂହପୁର ଓ ମୟୁରଭଂଜ ଜିଲ୍ଲାରେ ଗୋଟିଏ ଲେଖାଏ ଟିମ ମୁତୟନ କରା ଯିବ ବୋଲି ଜଣା ପଡିଛି ।

## ଗୋଡ଼ି ବୋଝେଇ ଟ୍ରାକ୍ଟରରୁ ୯ କ୍ୱିଂଟାଲ ଗଞ୍ଜେଇ ଜବତ

ଗଞ୍ଜାମ,୨୩/୦୫ (ନି.ପ୍ର): ସଟ୍ ଡାଉନ୍ ମଉକାରେ କୋଦଳା ଥାନା କଂଚଣା ଛକ ବେଗୁନିଆପଡା ରାସ୍ତାରେ ଗୋଡ଼ି ବୋଝେଇ ଟ୍ରାକ୍ଟରରେ ପାଲ ଘୋଡାଇ ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ ଅବକାରୀ ବିଭାଗ ହାତରେ ଧରାପଡିଛି । ଆଜି ସକାଳେ ଏହି ଗୋଡ଼ି ବୋଝେଇ ଟ୍ରାକ୍ଟର ନଂ ଓଡ଼ି୦୭ଏଲ-୮୨୪୩ କୋଦଳା ଅଂଚଳରୁ ସୁମଣ୍ଡଳ ଯାଉଥିବା ବେଳେ ତହସିଲଦାର ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ ବେଳେ ଧରାପଡିଛି । ଏହି ଟ୍ରାକ୍ଟରରୁ ୯ କ୍ୱିଂଟାଲ ଗଞ୍ଜେଇ ଜବତ କରାଯାଇଛି । ଯାହାର ମୂଲ୍ୟ ୪୫ ଲକ୍ଷ ଟଙ୍କାରୁ ଅଧିକ ହେବ । ଘଟଣା ପରେ ଡ୍ରାଇଭର ସେଠାରୁ ଫେରାର୍ ହୋଇଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ କେସ୍ ନଂ ୧୨/୨୧ ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରୀ ରହିଛି।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୮ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୩/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୪୮୪ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟା ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୫ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ସୁନ୍ଦରଗଡ ଓ କଳାହାଣ୍ଡି ଜିଲ୍ଲାରେ ୪-୪ ଜଣଙ୍କର ମୃତ୍ୟୁ ଘଟିଛି। ଅନୁଗୁଳ ଓ କେନ୍ଦ୍ରାପଡା ଜିଲ୍ଲାରେ ୩-୩ ଜଣ ମୃତ୍ୟୁବରଣ କରିଛନ୍ତି । ପୁରୀ, ନବରଙ୍ଗପୁର ଓ ରାୟଗଡା ଜିଲ୍ଲାରେ ୨-୨ ଜଣ ତଥା ଗଂଜାମ, ଗଜପତି, ନୂଆପଡା ଜିଲ୍ଲାରେ ୧-୧ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି।

## ଯୁବା ସମାଜ ମୟୂରଭଞ୍ଜ ତରଫରୁ ଫେସ ସିଲଡ଼ ମାସ୍କ ବଂଟନ



ବାରିପଦା,୨୩/୦୫ (ନି.ପ୍ର): କରୋନାର ୨ୟ ଲହର ଅତି ଭୟଙ୍କର ରୂପେ ବୃଦ୍ଧି ପାଉଥିବା ବେଳେ ବାରିପଦା ସହର ମଧ ଏଥିରୁ ବାଦ ପଡ଼ିନାହିଁ। ଏହାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାର ସାମାଜିକ ସଂଗଠନ ଯୁବା ସମାଜ ମୟୂରଭଞ୍ଜ ତରଫରୁ ନିଜ ଜୀବନକୁ ବାଜି ଲଗାଇ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଥିବା ଔଷଧ ଦୋକାନୀ ଏବଂ ପେଟ୍ରୋଲ ପମ୍ପର କର୍ମଚାରୀ ମାନେ ପ୍ରତିଦିନ ଶହ ଶହ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି ତେଣୁ ଉକ୍ତବର୍ଗର କୋରନା ଯୋଦ୍ଧାଙ୍କୁ ସଙ୍ଗଠନର ସଭାପତି ଆଖିଲେଶ ଶର୍ମାଙ୍କ ନେତୃତ୍ୱରେ ଫେସ ସିଲଡ଼ ମାସ୍କ ବଂଟନ କରାଯିବ ଥିବାର ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଙ୍ଘଠନର ଉପଦେଷ୍ଟା ଜ୍ୟୋତିପ୍ରକାଶ ରଥ, ସରୋଜ କୁମାର ବୋଷ, ପୂର୍ଣ୍ଣାନନ୍ଦ ପରିଡା ସଦସ୍ୟ ସୟୋଦ ଫିରୋଜଉଦ୍ଦିନ, ଅନିକେତ ପରମାନିକ, ରାହୁଲ ଶର୍ମା, ଛୁଟୁନ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳଗିରିରେ ୩ଟି ମନ୍ଦିର ରୁ ଚୋରି

ନୀଳଗିରି,୨୩/୦୫ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମରେ ଥିବା ୩ଟି ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ମନ୍ଦିରରୁ ସୁନା, ଗହଣା ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ନୀଳଗିରି ପୋଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି । ପ୍ରକାଶଥାଉକି ଗତକାଲି ଧୋବଶିଳା ଗ୍ରାମର ମହାଦେବ ମନ୍ଦିର, ମା'ବଉଳାଇ ମନ୍ଦିର, ସିନ୍ଦୁରାବତୀ ମନ୍ଦିର ରେ ଚୋରି ହୋଇଛି। ଚାବି ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଗହଣା ଓ ସାମଗ୍ରୀ ଲୁଟି ନେଇଛନ୍ତି । ଆଜି ସକାଳେ ମନ୍ଦିରର ପୂଜକ ପୂଜା କରିବାକୁ ଯାଇଥିବା ବେଳେ ମନ୍ଦିର ଚୋରି ହୋଇଥିବା ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ସେହିପରି ଗୋପିନାଥପୁର ଗ୍ରାମର ଗୋପୀନାଥ ଜୀଉ ମନ୍ଦିରରେ ଗତକାଲି ରାତ୍ରିରେ କିଛି ଦୁର୍ବୃତ୍ତ ମୁଖ୍ୟଫାଟକର ତାଲା ଭାଙ୍ଗି ଭିତରକୁ ଯାଇ ହୁଣ୍ଡି ବାକ୍ସ ଭାଙ୍ଗୁଥିବା ବେଳେ ଗାଁ ଲୋକମାନେ ଶବ୍ଦ ଶୁଣି ଉଠିପଡ଼ିବାରୁ ଚୋରମାନେ ଦୌଡ଼ି ପଳାଇ ଯାଇଥିଲେ । ଖବର ପାଇ ନୀଳଗିରି ଥାନାର ଏ.ଏସ.ଆଇ. ବାସୁଦେବ ଜୟସିଂ ଓ ସସ୍ମିତା ମଲ୍ଲିକ ତଦନ୍ତ କରୁଥିବା ଜଣାପଡ଼ିଛି ।

## କୋଭିଡ ହସ୍ପିଟାଲରେ ରୋଗୀ ମୃତ୍ୟୁ ଓ ଚିକିତ୍ସା ଅବହେଳାକୁ ନେଇ ଅଭିଯୋଗ

# ଜିଲ୍ଲା ଓକିଲ ସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା,୨୩/୦୫ (ନି.ପ୍ର): କୋଭିଡ ଆକ୍ରାନ୍ତଙ୍କ ଚିକିତ୍ସା ଓ ପରିଚାଳନା ପାଇଁ ମୟୂରଭଞ୍ଜ ଜିଲ୍ଲାର ବାରିପଦା ବାଙ୍କୀଷୋଳ ଠାରେ ରହିଛି ଏକମାତ୍ର କୋଭିଡ ହସ୍ପିଟାଲ। କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କୋଭିଡ ଆକ୍ରାନ୍ତଙ୍କ ଚିକିତ୍ସାରେ ଅବହେଳା ପାଇଁ ରୋଗୀଙ୍କ ଜୀବନ ଯାଉଥିବା ଏବଂ ବିଭିନ୍ନ ସମସ୍ୟାକୁ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କ ନିକଟରେ ଜିଲ୍ଲା ଓକିଲ ସଙ୍ଘ ଅଭିଯୋଗ କରିଛି। ଅଭିଯୋଗ ମୁତାବକ ହସପିଟାଲରେ ରୋଗୀଙ୍କ ଚିକିତ୍ସାରେ ଅନିୟମିତତା ସମ୍ପର୍କରେ ଜନସାଧାରଣଙ୍କ ମନରେ ଦ୍ୱନ୍ଦ ସୃଷ୍ଟି ହେବା ସହିତ ପ୍ରତ୍ୟକ ଦିନ ବିଶେଷ କରି ରାତ୍ରି ସମୟରେ ରୋଗୀ ମୃତ୍ୟୁ ହେବା ଦ୍ୱାରା ହସ୍ପିଟାଲ ଉପରୁ ଆସ୍ଥା ହରେଇଲେଣି ଜିଲ୍ଲାବାସୀ। ଜିଲ୍ଲାପାଳ ଖୋଦ ରାତ୍ରି ସମୟରେ ସଜାଗ ରହି ହସ୍ପିଟାଲ ପରିସରକୁ ଯାଇ ଚିକିତ୍ସା ବ୍ୟବସ୍ଥାର ସମୀକ୍ଷା କରିବାକୁ ଦାବୀ ରଖିଛି ଜିଲ୍ଲା ଓକିଲ ସଂଘ। ଏହା ସହିତ ହସ୍ପିଟାଲ ପରିସରରେ ରାତ୍ରି ସମୟରେ ଦାୟିତ୍ୱରେ ରହୁଥିବା କର୍ମଚାରୀ ମାନେ କାର୍ଯ୍ୟରେ ଅବହେଳା କରୁଥିବା ହେତୁ ଅଧିକାଂଶ ରୋଗୀଙ୍କର ମୃତ୍ୟୁ ବିଶେଷ କରି ରାତିରେ ହେଉଛି ବୋଲି ଅଭିଯୋଗ କରାଯାଇଛି। ଜିଲ୍ଲାର କୋଭିଡ ଜନିତ ମୃତ୍ୟୁ ହାର ସମ୍ପର୍କରେ ଜିଲ୍ଲାବାସୀ ଜାଣିବାକୁ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ହସ୍ପିଟାଲ କର୍ତ୍ତୃପକ୍ଷ / ଜିଲ୍ଲା ପ୍ରଶାସନ ଲୋକମାନଙ୍କ ଠାରୁ ସଠିକ ତଥ୍ୟକୁ ଲୁଚାଉଥିବା ଅଭିଯୋଗ ହୋଇଛି। କୋଭିଡ ହସ୍ପିଟାଲରେ ରୋଗୀ ମାନଙ୍କୁ ଉଚିତ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଫେଲ ମାରିଥିବା ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀ ଚିକିତ୍ସାରେ ନିୟୋଜିତ ରହିଥିବା ଡାକ୍ତର ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କ ପଦପଦବୀ ସହିତ ଯୋଗାଯୋଗ ନମ୍ବର ସାର୍ବଜନୀନ କାରିବା, ହସ୍ପିଟାଲରେ ରୋଗୀଙ୍କ ଚିକିତ୍ସା ବାବଦରେ ହେଉଥିବା ସମସ୍ତ ଟଙ୍କାର ହିସାବ ସର୍ବସାଧାରଣରେ ପ୍ରକାଶ କରିବା, ଜନସାଧାରଣଙ୍କ ଆତ୍ମବିଶ୍ୱାସ ପାଇଁ ଅଧିକ କୁଶଳୀ ଡାକ୍ତର, କର୍ମଚାରୀ, ନର୍ସ ଏବଂ ରୋଗୀଙ୍କ ଚିକିତ୍ସା ପାଇଁ ଅନ୍ୟାନ୍ୟ ଟେକ୍ନିସିଆନ ଯୋଗାଇଦେବା, ରୋଗୀଙ୍କ ସମ୍ପର୍କୀୟ ମାନଙ୍କୁ କୌଣସି ଅସୁବିଧା ନକରି ସେମାନଙ୍କୁ ରୋଗୀଙ୍କ ଅବସ୍ଥା ବିଷୟରେ ଜାଣିବା ପାଇଁ ଅଧିକ ହେଲ୍ପଲାଇନ ନମ୍ବର ଯୋଗାଇଦେବା, କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ସିଟି-ସ୍କାନ୍ ସୁବିଧା ସହିତ ରୋଗୀଙ୍କ ଚିକିତ୍ସାରେ କୌଣସି ଘଟଣାର ସମ୍ମୁଖୀନ ନହେବା ପାଇଁ ଡାକ୍ତରଖାନାରେ ଅମ୍ଳଜାନ ପ୍ଲାଂଟ ସ୍ଥାପନ କରିବାକୁ ମଧ ଦାବୀ କରାଯାଇଛି। ସିସିଟିଭି ସ୍ଥାପନ ଦ୍ୱାରା ରୋଗୀଙ୍କ ଉପରେ ହେଉଥିବା ପ୍ରତ୍ୟେକ ସମୟର ଘଟଣା ସମ୍ପର୍କରେ ପରିବାର ବର୍ଗ ଜାଣିବାକୁ ପାଇବା ସହିତ ହସ୍ପିଟାଲ ଉପରେ ଆସ୍ଥା ଫେରାଇ ପାରିବେ ବୋଲି ବିଶ୍ୱାସ ରଖିଛି ଜିଲ୍ଲା ଓକିଲ ସଂଘ। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସଭାପତି ପ୍ରବୀର କୁମାର ବସା, ଉପସଭାପତି ସୁଜାତା ମିଶ୍ର, ସମ୍ପାଦକ ବସନ୍ତ କୁମାର ଭୋଳ, ସହ ସମ୍ପାଦକ ସ୍ୱରୂପ କୁମାର ମିଶ୍ର, କୋଷାଧକ୍ଷ ଅରବିନ୍ଦ ସାହୁଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଦୁଇଟି ଆହତ ଷଣ୍ଢର ଚିକିତ୍ସା ଏବଂ ଖାଦ୍ୟ ପ୍ରଦାନ



ବାରିପଦା,୨୩/୦୫ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ପଡିଆ ଠାରେ କ୍ଷତାକ୍ତ ହୋଇଥିବା ଦୁଇଟି ଷଣ୍ଢକୁ କୌଶଳ କ୍ରମେ ଧରି ସ୍ୱେଚ୍ଛାସେବୀ ମାନେ ନିକଟସ୍ଥ ପଶୁ ଡାକ୍ତରଖାନାକୁ ଖବର ଦେଇଥିଲେ। ଖବର ପାଇ ବାରିପଦା ପଶୁଚିକିତ୍ସାଳୟର ମାନସ କୁମାର ଦଳବେହେରା ଓ ରଂଜିତ କୁମାର ବେହେରା ତୁରନ୍ତ ଘଟଣା ସ୍ଥଳରେ ପହଂଚି ଚିକିତ୍ସା ଆରମ୍ଭ କରିଦେଇଛନ୍ତି। ଭଲ ହେବାପାଇଁ ପ୍ରାୟ ଦଶ ଦିନରୁ ଅଧିକ ଲାଗିପାରେ ବୋଲି କୁହାଯାଉଥିବା ବେଳେ, ପରିବେଶବିତ ଭାନୁମିତ୍ର ଆଚାର୍ଯ୍ୟ ମୁନିସିପାଲିଟି ତରଫରୁ ଖାଦ୍ୟ ଯୋଗାଇଦେବେ ବୋଲି ପ୍ରତିଶୃତି ଦେଇଛନ୍ତି । ତତସହିତ ଷ୍ଟେସନ ବଜ଼ାରର ବିଜୟ କୁମାର ଅଗ୍ରୱାଲ ଦୁଇବୁରା ଗୋଖାଦ୍ୟ ସହାୟତା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟରେ ସମାଜସେବୀ ସୋମନାଥ ସିଂହ, ଆଲୋକ ବାରିକ, ବିଶ୍ୱଜିତ ମହାନ୍ତ, ଜୀତେନ୍ଦ୍ର ପଲେଇ, ଅମୁଲ୍ୟ ଦାସ, ସୁଧାଂଶୁ ପୃଷ୍ଟି ଓ ସତ୍ୟରଞ୍ଜନ ବିନ୍ଧାଣି ପ୍ରମୁଖ ସହାୟତା ପ୍ରଦାନ କରିଛନ୍ତି । କରନା ସମୟରେ ଏପରି ପଶୁ ସେବା ପାଇଁ ସମସ୍ତେ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶଂସା କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo